

ଯା ଦେବୀ ସର୍ବଭୂତେଷୁ............

ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net

email: pratidhwani.dhwani@gmail.com

ବାଲେଶ୍ୱର ■ ଗୁରୁବାର ୨୭ ଜୁନ୍ ୨୦୨୪ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ THURSDAY 27 June 2024

Vol.No. 35 ■ No.171 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore (Odisha)/005/2019



ଅସରନ୍ତି ଶୁଭେଚ୍ଛା ସହ...

ସାଗରିକା

ଯୋଗାଯୋଗ କରନ୍ତୁ :
ମୁଖ୍ୟ ସମ୍ପାଦକ ସାଗରିକା
ଜେଲ ରୋଡ, ବାଲେଶ୍ୱର-୭୫୬୦୦୧


# ବାଚସ୍ପତି ନିର୍ବାଚନ: ବାଜି ମାରିଲେ ଓମ୍ ବିର୍ଲା



ନୂଆଦିଲ୍ଲୀ, ୨୬/୬ : ପୁଣି ଲୋକସଭା ବାଚସ୍ପତି ହେଲେ ଓମ୍ ବିର୍ଲା। ୧୮ଦଶ ଲୋକସଭାର ବାଚସ୍ପତି ନିର୍ବାଚନରେ ବାଜି ମାରିଲେ ଓମ୍ ବିର୍ଲା। ସେ ଦ୍ୱିତୀୟ ଥର ପାଇଁ ବାଚସ୍ପତି ଭାବେ ନିର୍ବାଚିତ ହୋଇଛନ୍ତି। ଧ୍ୱନୀ ମତରେ ଏହି ନିଷ୍ପତ୍ତି ନିଆଯାଇଛି। ବାଚନିକ ଭୋଟରେ ବିରୋଧୀ ମେଣ୍ଟ ପ୍ରାର୍ଥୀ କେ. ସୁରେଶଙ୍କୁ ହରାଇ ନିର୍ବାଚିତ ହୋଇଛନ୍ତି। ସେ ଦ୍ୱିତୀୟ ଥର ପାଇଁ ବାଚସ୍ପତି ପଦ ସମ୍ଭାଳିଛନ୍ତି। ପ୍ରଧାନମନ୍ତ୍ରୀ ମୋଦି ଏବଂ ବିରୋଧୀ ଦଳର ନେତା ରାହୁଲ ଗାନ୍ଧି ଓମ୍ ବିର୍ଲାଙ୍କୁ ନିଜ ଆସନ ଯାଏ ନେଇ

▶▶ପୃଷ୍ଠା ୭

## ବିରଳ ମୁହୂର୍ତ୍ତ: ହାତ ମିଳାଇରେ ପ୍ରଧାନମନ୍ତ୍ରୀ ମୋଦି ଓ ରାହୁଲ ଗାନ୍ଧି

ନୂଆଦିଲ୍ଲୀ, ୨୬/୬ : ସଂସଦରେ ହାତ ମିଳାଇଛନ୍ତି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓ କଂଗ୍ରେସ ସାଂସଦ ରାହୁଲ ଗାନ୍ଧି। ଅଷ୍ଟାଦଶ ଲୋକସଭାର ନବ ନିର୍ବାଚିତ ବାଚସ୍ପତି ଓମ୍ ବିର୍ଲାଙ୍କୁ ସ୍ୱାଗତ କରିବା ସମୟରେ ପ୍ରଧାନମନ୍ତ୍ରୀ ମୋଦି ଓ ରାହୁଲ ଗାନ୍ଧି ଉଭୟଙ୍କୁ ହ୍ୟାଣ୍ଡ ସେକ୍ କରିଥିବା ଦେଖିବାକୁ ମିଳିଛି। ବାଚସ୍ପତି ନିର୍ବାଚନ ସମୟରେ ଶାସକ ଓ ବିରୋଧୀ ଦଳର ଏହି ଦୁଇ ନେତାଙ୍କ ମଧ୍ୟରେ ଏପରି ବନ୍ଧୁତ୍ୱପୂର୍ଣ୍ଣ ଭାବ ଏକ ନୂଆ ଅଧ୍ୟାୟ ସୃଷ୍ଟି କରିଛି। ସେପଟେ ରାହୁଲ ଗାନ୍ଧି ବିରୋଧୀ ମେଣ୍ଟ ଦଳର ନେତା ହେବାକୁ ଯାଉଛନ୍ତି। ମଙ୍ଗଳବାର ବିରୋଧୀ ଇଣ୍ଡିଆ ମେଣ୍ଟ ବୈଠକ ପରେ ଏନେଇ



କାମଚଳା ବାଚସ୍ପତି ଭର୍ତ୍ତୃହରି ମହତାବଙ୍କୁ ଅବଗତ କରାଯାଇଥିବା କଂଗ୍ରେସ ସାଂସଦ କେସି ବେଣୁଗୋପାଳ କହିଛନ୍ତି। ଏପରି ହେଲେ ସେ ଗାନ୍ଧି ପରିବାରର ତୃତୀୟ ସଦସ୍ୟ ହେବେ। ୧୯୯୯ରୁ ୨୦୦୪ ପର୍ଯ୍ୟନ୍ତ ତାଙ୍କ ମାଆ ତଥା କଂଗ୍ରେସ ରାଜ୍ୟସଭା ସାଂସଦ ସୋନିଆ ଗାନ୍ଧି ବିରୋଧୀ ଦଳ ନେତା ରହିଥିଲ ଏବଂ୧୯୮୯ରୁ ୧୯୯୦ ପର୍ଯ୍ୟନ୍ତ ତାଙ୍କ ବାପା ରାଜୀବ ଗାନ୍ଧି ଏହି ଦାୟିତ୍ୱ ତୁଲାଇଥିଲେ। ପ୍ରକାଶଥାଉକି, ତିନି ଥରର ବିଜେପି ସାଂସଦ ଓମ୍ ବିର୍ଲା ଆଜି ଲୋକସଭା ବାଚସ୍ପତି ଭାବେ ନିର୍ବାଚିତ ହୋଇଛନ୍ତି। ଭଏସ୍ ଭୋଟ୍ ମାଧ୍ୟମରେ ସେ ଇଣ୍ଡିଆ ମେଣ୍ଟ ପ୍ରାର୍ଥୀ କେ ସୁରେଶଙ୍କୁ ହରାଇ ଦ୍ୱିତୀୟ ଥର ପାଇଁ ଲୋକସଭା ବାଚସ୍ପତି ହୋଇଛନ୍ତି।

# ଓଡ଼ିଶା ଆସିବେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ



ଭୁବନେଶ୍ୱର, ୨୬/୬ (ନି.ପ୍ର): ରଥଯାତ୍ରାରେ ପୁରୀ ଆସିବେ ମହାମହିମ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ। ରାଷ୍ଟ୍ରପତି ଏଥର ରଥଯାତ୍ରାରେ ସାମିଲ ହେବା ନେଇ ବିଶେଷ ସୂତ୍ରରୁ ସୂଚନା ମିଳିଛି। ସୂଚନା ଅନୁଯାୟୀ, ଜୁଲାଇ ୬ ତାରିଖରେ ୪ ଦିନିଆ ଓଡ଼ିଶା ଗସ୍ତରେ ଆସିବେ ରାଷ୍ଟ୍ରପତି। ଏହି ସମୟରେ ରାଷ୍ଟ୍ରପତିଙ୍କର ପୁରୀ ଓ ଭୁବନେଶ୍ୱରରେ ବିଭିନ୍ନ କାର୍ଯ୍ୟକ୍ରମରେ ଯୋଗ ଦେବାର ରହିଛି। ୬ ତାରିଖରେ ରାଷ୍ଟ୍ରପତି ଭୁବନେଶ୍ୱରରେ ପହଞ୍ଚିବା ପରେ ସଂଧ୍ୟାରେ ରାଷ୍ଟ୍ରପତି ଉତ୍କଳମଣିଙ୍କ ୯୬ତମ ଶ୍ରାଦ୍ଧବାର୍ଷିକୀରେ ଯୋଗଦେବେ। ୭ ତାରିଖରେ ପୁରୀ ଗସ୍ତରେ ଯିବେ। ଶ୍ରୀଜିଉଙ୍କୁ ଦର୍ଶନ କରିବା ସହ ରଥଯାତ୍ରାରେ ଯୋଗ ଦେବାର କାର୍ଯ୍ୟକ୍ରମ ରହିଛି। ସେହିପରି ୮ ତାରିଖରେ ଖଣ୍ଡଗିରି, ଉଦୟଗିରି ପରିଦର୍ଶନ ଯିବେ ରାଷ୍ଟ୍ରପତି। ସେହିପରି ୮ ତାରିଖ ଅପରାହ୍ନରେ ଡିଭାଇନ୍ ରିଟ୍ରିଟ

# ମଦ ମୁକ୍ତ ହେବ ଓଡ଼ିଶା !



ଭୁବନେଶ୍ୱର, ୨୬/୬ (ନି.ପ୍ର): ଓଡ଼ିଶା ହେବ ମଦମୁକ୍ତ। କମିବ ନିଶା ବ୍ୟବହାର। ଏଥିପାଇଁ ଅଣ୍ଟା ଭିଡ଼ିଲାଣି ନୂଆ ସରକାର। ଆଜି ଏପରି ବୟାନ୍ ଦେଇଛନ୍ତି ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ। ଗଣମାଧ୍ୟମକୁ ସୂଚନା ଦେଇ ଶ୍ରୀ ଗଣ୍ଡ କହିଛନ୍ତି, ନିଶା ଦ୍ୱାରା ସମାଜ କଳୁଷିତ ହେଉଛି। ସରକାରୀ ସ୍ତରରେ ଅନେକ ରାଜ୍ୟରେ ମଦ ବନ୍ଦ କରାଯାଇଛି। ଓଡ଼ିଶା ସରକାର ମଧ୍ୟ ମଦ ବନ୍ଦ କରିବାକୁ ଚେଷ୍ଟା କରିବେ। ନିଶା କାରବାର କମାଯିବ। ଓଡ଼ିଶାକୁ ମଦ ମୁକ୍ତ ଓ ନିଶା ମୁକ୍ତ କରିବାକୁ ଯୋଜନା କରାଯାଉଛି। ଅବକାରୀ ସମେତ ବିଭିନ୍ନ ବିଭାଗ ସହ ଆଲୋଚନା କରି ପର୍ଯ୍ୟାୟ କ୍ରମେ ଏନେଇ ପଦକ୍ଷେପ

▶▶ପୃଷ୍ଠା ୭

# ଗିରଫ ପରେ ୩ଦିନିଆ ସିବିଆଇ ରିମାଣ୍ଡରେ ଗଲେ କେଜ୍ରିୱାଲ



ନୂଆଦିଲ୍ଲୀ, ୨୬/୬ : ମଦ ନୀତି ମାମଲାରେ ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍ରିୱାଲଙ୍କୁ ବୁଧବାର ସେଣ୍ଟ୍ରାଲ୍ ବ୍ୟୁରୋ ଅଫ୍ ଇନ୍‌ଭେଷ୍ଟିଗେସନ୍ (ସିବିଆଇ) ଗିରଫ କରିଥିଲା । ଦିଲ୍ଲୀ ହାଇକୋର୍ଟ ତାଙ୍କ ଜାମିନ ଉପରେ ରୋକ ଲଗାଇବା ନେଇ ସୁପ୍ରିମ୍‌କୋର୍ଟରେ ଚ୍ୟାଲେଞ୍ଜ କରିଥିଲେ କେଜ୍ରିୱାଲ୍। ବୁଧବାର ସୁପ୍ରିମକୋର୍ଟରେ ଶୁଣାଣି ପୂର୍ବରୁ କେଜ୍ରିୱାଲ୍‌ଙ୍କୁ ଗିରଫ କରାଯାଇଥିଲା । ଏବେ ଗିରଫ ପରେ ତାଙ୍କୁ ୩ଦିନିଆ ସିବିଆଇ ରିମାଣ୍ଡରେ ପଠାଯାଇଛି । ସୂଚନା ମୁତାବକ, ଦିଲ୍ଲୀର ରାଉସ୍ ଆଭେନ୍ୟୁ କୋର୍ଟ ଅରବିନ୍ଦ କେଜ୍ରିୱାଲଙ୍କୁ ୩ଦିନିଆ ସିବିଆଇ ରିମାଣ୍ଡରେ ପଠାଇଛନ୍ତି।

▶▶ପୃଷ୍ଠା ୭

# କେବେ ଖୋଲିବ ଶ୍ରୀମନ୍ଦିର ରତ୍ନଭଣ୍ଡାର ?



ପୁରୀ, ୨୬/୬ (ନି.ପ୍ର): କେବେ ଖୋଲା ହେବ ଶ୍ରୀମନ୍ଦିର ରତ୍ନଭଣ୍ଡାର। ଏବେ କେଉଁ ଅବସ୍ଥାରେ ଅଛି ଶ୍ରୀମନ୍ଦିର ରତ୍ନଭଣ୍ଡା କାରଣ ପୂର୍ବ ସରକାର ଅମଳରେ ଶେଷଥର ପାଇଁ ୨୦୧୮ ଏପ୍ରିଲ୍ ୪ ତାରିଖରେ ଭିତର ରତ୍ନଭଣ୍ଡାର ଖୋଲାଯିବାର ନିଷ୍ଫଳ ଉଦ୍ୟମ ସମୟରେ ୧୭ ଜଣିଆ ପ୍ରାଧିକୃତ ଟିମ୍ ନଜରରେ ଯାହା ଆସିଥିଲା ତାହା ଥିଲା ଅତି ଉଦବେଗ ସୃଷ୍ଟିକାରୀ। କାରଣ ସେ ସମୟର ରିପୋର୍ଟରେ ଦର୍ଶାଯାଇଥିଲା ଯେ ଭିତର ତ ଭିତର ବାହାର ଭଣ୍ଡାରଘର ଅବସ୍ଥା ବି ଭଲ ନଥିଲା। ପ୍ରବେଶ ଦ୍ୱାରର ଦ୍ୱାରବନ୍ଧ ଉପରେ ଥିବା ୫ଟି ଲୁହା ବିମରୁ ୨ଟି ବିମ୍ ଖସିପଡ଼ିଥିଲା। ବାକି ୩ଟି ବିମ୍ ମଧ୍ୟ ଭଲ ଅବସ୍ଥାରେ ନଥିଲା। ଫାଟ ଏତେ ବଡ଼ ଥିଲା ଯେ ଜଗମୋହନ ମରାମତି ସମୟରେ ଗ୍ରାଉଟିଂ କରାଯାଇଥିବା ପଦାର୍ଥ ଭଣ୍ଡାର ଘର କାନ୍ଥ ଫାଟ ଦେଇ ବାହାରକୁ ବାହାରିଥିବା ଦେଖାଯାଇଥିଲା। କେବଳ ସେତିକି ନୁହେଁ, ବାହାର ଭଣ୍ଡାରରୁ ଭିତର ଭଣ୍ଡାରର ଗ୍ରୀଲ ଦ୍ୱାରବାଟେ ଟର୍ଚ୍ଚ ଲାଇଟରୁ ବି ଭିତର ଭଣ୍ଡାର କାନ୍ଥର ପ୍ଲାଷ୍ଟରରେ ଜଳ ଜଳ ଫାଟ ଦିଶୁଥିଲା। କୋରୱେଭର କେତେକ ସ୍ଥାନ ଦୁର୍ବଳ ଥିବା ଜଣାପଡୁଥିଲା। ଛାତରୁ କିଛି ପଥର ଖଣ୍ଡ ଖସି ଚଟାଣରେ

▶▶ପୃଷ୍ଠା ୭

# ଅସରାଏ ବର୍ଷାରେ ବେହାଲ୍ ରାଜଧାନୀ: ରାସ୍ତାରେ ଲହଡି ମାରୁଛି ପାଣି



ଭୁବନେଶ୍ୱର, ୨୬/୬ (ନି.ପ୍ର): ଅସରାଏ ବର୍ଷାରେ ବେହାଲ୍ ହୋଇଛି ରାଜଧାନୀ ଭୁବନେଶ୍ୱର। ବର୍ଷା ପାଣି ଡ୍ରେନ୍‌ରେ ପାସ୍ କରିନପାରିବାରୁ ରାସ୍ତାରେ ଲହଡି ମାରୁଛି। ସେପଟେ ୧୬ ନମ୍ବର ଜାତୀୟ ରାଜପଥର ଇସ୍କନ୍ ସମ୍ମୁଖର ଅବସ୍ଥା କଥା ନକହିବା ଭଲ। ଏଠି ଆଣ୍ଠୁଏ ଉଚ୍ଚର ପାଣି ପ୍ରବାହିତ ହେଉଛି। ଯେଉଁଥିପାଇଁ ଗାଡ଼ି ଚଳାଚଳ ଏକ ପ୍ରକାର ଠପ୍ ହୋଇଯାଇଛି। ଆଜି ସକାଳେ ପ୍ରବଳ ଗୁଳୁଗୁଳି ହେଉଥିଲା। ଜୀବନ ଯାତ୍ରା ପ୍ରଭାବିତ ହେଉଥିଲା। ଅପରାହ୍ନରେ ହଠାତ୍ ରାଜଧାନୀ ଭୁବନେଶ୍ୱର ଆକାଶରେ ଘୋଟି ଆସିଥିଲା କଳାହାଣ୍ଡିଆ ମେଘ। ପ୍ରଥମେ

▶▶ପୃଷ୍ଠା ୭

# ବର୍ଦ୍ଦି ପଛର ଅସଲ ଚେହେରା: ମହିଳାଙ୍କୁ ନିର୍ଦ୍ଧୁମ ପିଟିଲେ, ଟେକିନେଲେ ପୁରୁଷ ପୁଲିସ୍

ଭଦ୍ରକ, ୨୬/୬ (ନି.ପ୍ର): ନାରୀକୁ ସମ୍ମାନ ଦେବାକୁ ସବୁବେଳେ ସରକାର ପ୍ରାଥମିକତା ଦେଇ ଆସିଛନ୍ତି। ଏଥିସହ ପୁଲିସ୍‌କୁ ମଧ୍ୟ 'ପିପୁଲ ଫ୍ରେଣ୍ଡଲି' ହେବାକୁ କୁହାଯାଇଛି। ମାତ୍ର ଭଦ୍ରକ ଜିଲ୍ଲା ଚାନ୍ଦବାଲି ଥାନା ସମ୍ମୁଖରେ ଦେଖିବାକୁ ମିଳିଛି ଏହାର ନଗ୍ନ ଚିତ୍ର। ସାମାନ୍ୟ କଥାକୁ ନେଇ ପୁଲିସ୍ ଘଟାଇଛି ଲଜ୍ଜାଜନକ କାଣ୍ଡ।



କୋଳରେ ଦୁଇ ଛୁଆଙ୍କୁ ଧରି ଥାନାକୁ ଯାଇଥିବା ଜଣେ ମହିଳାଙ୍କ ପ୍ରତି ପୁଲିସ୍ କରିଛି ଅମାନବୀୟ ଆଚରଣ। ନିଜ ବର୍ଦ୍ଦିର ତାତି ଦେଖାଇବାକୁ ଯାଇ କିଛି ପୁରୁଷ ପୁଲିସ୍ କର୍ମଚାରୀ ଅସହାୟ ମହିଳାଙ୍କୁ ଜୋରଜବରଦସ୍ତି ଭାବେ ଟେକି ଟେକି ନେଇ ଯିବାର ଲଜ୍ଜାଜନକ ଭିଡିଓ ଏବେ ସୋଶାଲ ମିଡିଆରେ ଘୂରି ବୁଲୁଛି।

▶▶ପୃଷ୍ଠା ୭

# ଏନ୍‌କାଉଣ୍ଟରରେ ଟଳିଲେ ଦୁଇ ଆତଙ୍କବାଦୀ

ନୂଆଦିଲ୍ଲୀ, ୨୬/୬ : ସୁରକ୍ଷାବାହିନୀକୁ ମିଳିଲା ସଫଳତା। ଘାଟିରେ ଏନ୍‌କାଉଣ୍ଟରେ ଟଳିଲେ ଦୁଇ ଆତଙ୍କବାଦୀ। ବୁଧବାର ଜମ୍ମୁ-କଶ୍ମୀରର ଡୋଡା ଜିଲ୍ଲାର ଏକ ଜଙ୍ଗଲରେ ସୁରକ୍ଷାବାହିନୀ ଓ ଆଙ୍କବାଦୀଙ୍କ ମଧ୍ୟରେ ଗୁଳି ବିନିମୟ ହୋଇଛି। ଏହି ଏନ୍‌କାଉଣ୍ଟରେ ଦୁଇ ଆତଙ୍କବାଦୀ ନିହତ ହୋଇଥିବା ସୂଚନା ମିଳିଛି। ସୂଚନା ମୁତାବକ, ଡୋଡା ଜିଲ୍ଲାର ଗଣ୍ଡୋହର ସିନୁ ଅଞ୍ଚଳରେ ସୁରକ୍ଷାବାହିନୀ ଓ ଆତଙ୍କବାଦୀଙ୍କ ମଧ୍ୟରେ ଏହି ଏନକାଉଣ୍ଟର ଚାଲିଛି। ୩ରୁ ୪ ଆତଙ୍କବାଦୀ ଲୁଚି ରହିଥିବା ଖବର ରହିଛି। ସୁରକ୍ଷାବାହିନୀ ତାଙ୍କୁ ଘେରି ରହିଛନ୍ତି। ଜୁନ୍ ୧୧ ଏବଂ ୧୨ ତାରିଖରେ ପାହାଡ଼ିଆ ଜିଲ୍ଲାରେ ଆତଙ୍କବାଦୀ ଆକ୍ରମଣ ପରେ ସେନା ଏବଂ ସେଣ୍ଟ୍ରାଲ ରିଜର୍ଭ ପୁଲିସ ଫୋର୍ସ (ସିଆରପିଏଫ୍) ସହିତ ପୁଲିସ ଦ୍ୱାରା ଜୋରଦାର ସର୍ଚ୍ଚ ଏବଂ କର୍ଡନ ଅପରେସନ ଚାଲିଥିଲା। ଏତିକି ଆତଙ୍କବାଦୀଙ୍କ ସହ ମୁହାଁମୁହିଁ ପରିସ୍ଥିତି ଉପୁଜିଥିଲା। ଏହି ସମୟରେ ସେନା ଗୁଳିରେ ଦୁଇ ଜଣ ଆତଙ୍କବାଦୀ ନିହତ ହୋଇଛନ୍ତି। ଏବେବି ସେଠାରେ ଗୁଳି ବିନିମୟ ଜାରି ରହିଥିବା ଅଧିକାରୀମାନେ କହିଛନ୍ତି।

▶▶ପୃଷ୍ଠା ୭

# ମୁଖ୍ୟମନ୍ତ୍ରୀ ହେବା ପରେ ଆଜି ଦିଲ୍ଲୀ ଯିବେ ମୋହନ ମାଝୀ: ସାଙ୍ଗରେ ଯିବେ ଦୁଇ ଉପମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର, ୨୬/୬ (ନି.ପ୍ର): ରାଜ୍ୟରେ ବିଜେପି ସରକାର ଗଠନ ହେବା ପରେ ଆଜି ପ୍ରଥମ ଥର ପାଇଁ ଦିଲ୍ଲୀ ଗସ୍ତ କରିବେ ମୁଖ୍ୟମନ୍ତ୍ରୀ ମୋହନ ମାଝୀ । ତାଙ୍କ ସହ ଦୁଇ ଉପ-ମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂଦେଓ ଓ ପ୍ରଭାତୀ ପରିଡ଼ା ମଧ୍ୟ ଦିଲ୍ଲୀ ଗସ୍ତ କରିବେ । ରାଜ୍ୟରେ ଡବଲ ଇଞ୍ଜିନ ସରକାର କ୍ଷମତାକୁ ଆସିବା ପରେ ମୁଖ୍ୟମନ୍ତ୍ରୀ ଓ ଦୁଇ ଉପମୁଖ୍ୟମନ୍ତ୍ରୀ ଆଜି ପ୍ରଧାନମନ୍ତ୍ରୀ ମୋଦି, ଗୃହମନ୍ତ୍ରୀ ଓ ରାଷ୍ଟ୍ରୀୟ ଅଧ୍ୟକ୍ଷଙ୍କୁ ସାକ୍ଷାତ କରିବେ । ଏଥିସହ ସେମାନେ ବିଜେପିର କିଛି ଶୀର୍ଷ ନେତୃତ୍ୱଙ୍କୁ ମଧ୍ୟ ଭେଟିବାର କାର୍ଯ୍ୟକ୍ରମ ରହିଥିବା ଜଣାଯାଇଛି। ଓଡ଼ିଶାକୁ ନମ୍ବର ରାଜ୍ୟରେ ପରିଣତ କରିବାକୁ ବିଜେପି ନିଜ ନିର୍ବାଚନୀ ପ୍ରଚାର ସମୟରେ ପ୍ରତିଶ୍ରୁତି ଦେଇଥିଲା। ଦେଶ ତଥା ରାଜ୍ୟରେ ଏବେ ବିଜେପିର ଡବଲ ଇଞ୍ଜିନ ସରକାର। ତେଣୁ ଓଡ଼ିଶାବାସୀଙ୍କ ଦିଆଯାଇଥିବା ପ୍ରତିଶ୍ରୁତି କିପରି ପାଳନ କରାଯିବ ତାହା ଉପରେ ବିସ୍ତୃତ ଭାବେ ଦଳର ଶୀର୍ଷ ନେତୃବୃନ୍ଦ ଆଲୋଚନା କରିବେ ବୋଲି ଜଣାଯାଇଛି। ଏଥିସହ ରାଜ୍ୟ ପାଇଁ ଆଗାମୀ ଶହେ ଦିନର ରୋଡ ମ୍ୟାପ୍ ମଧ୍ୟ ପ୍ରସ୍ତୁତ କରାଯିବ ବୋଲି ରାଜନୈତିକ ମହଲରେ ଚର୍ଚ୍ଚା ହେଉଛି। ଏନେଇ ମୋହନ ମାଝୀ ସିଧାସଳଖ ପ୍ରଧାନମନ୍ତ୍ରୀଙ୍କୁ ଭେଟି ଆଲୋଚନା କରିପାରନ୍ତି ବୋଲି ଶୁଣିବାକୁ ମିଳୁଛି। ତେବେ ଏନେଇ ରାଜ୍ୟ ସରକାରଙ୍କ ପକ୍ଷରୁ ଆନୁଷ୍ଠାନିକ ଭାବେ କୌଣସି ସୂଚନା ଦିଆଯାଇନି।



# ଶୃଙ୍ଖଳିତ ହେବ ରଥଯାତ୍ରା : ଅଂଶୁଘାତ ମୁକାବିଲା ପାଇଁ ୧୦୦ ଶଯ୍ୟା ବିଶିଷ୍ଟ ଅସ୍ଥାୟୀ ସ୍ୱାସ୍ଥ୍ୟକେନ୍ଦ୍ର

ପୁରୀ, ୨୬/୬ (ନି.ପ୍ର): ବିଶ୍ୱପ୍ରସିଦ୍ଧ ରଥଯାତ୍ରା ପାଇଁ ଚଳଚଞ୍ଚଳ ପୁରୀ । ହାତରେ ସମୟ କମ୍ ଥିବାରୁ ପ୍ରସ୍ତୁତି ଜୋରଦାର ଚାଲିଛି । ଏହାରି ଭିତରେ ବୁଧବାର ଦ୍ୱିତୀୟ ସମନ୍ୱୟ ବୈଠକରେ ଅନେକ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ଉପରେ ଆଲୋଚନା ହୋଇଛି । ଶୃଙ୍ଖଳିତ ନୀତିକାନ୍ତି ଓ ଆଇନଶୃଙ୍ଖଳା କିପରି ବଜାୟ ରହିବ, ସେ ନେଇ ଆଲୋଚନା ହୋଇଛି । ବିଶ୍ୱପ୍ରସିଦ୍ଧ ରଥଯାତ୍ରାକୁ ଆଉ ଦୁଇ ସପ୍ତାହରୁ କମ୍ ଦିନ ରହିଲା । ଶୃଙ୍ଖଳିତ ନୀତି, ଆଇନଶୃଙ୍ଖଳା କିପରି କାଏମ ରହିବ, ସେ ନେଇ ଦ୍ୱିତୀୟ ସମନ୍ୱୟ ବୈଠକରେ ଅନେକ ବଡ଼ ନିଷ୍ପତି ନିଆଯାଇଛି । ନବଯୌବନ ଦର୍ଶନ,



ନେତ୍ରୋତ୍ସବ ଓ ରଥଯାତ୍ରା ଗୋଟିଏ ଦିନରେ ପଡୁଥିବାରୁ ଭକ୍ତ ଓ ଶ୍ରଦ୍ଧାଳୁଙ୍କ ସମାଗମକୁ ଦୃଷ୍ଟିରେ ରଖି ବ୍ୟାପକ ବ୍ୟବସ୍ଥା ଗ୍ରହଣ କରାଯିବ । ବଡ଼ କଥା ହେଉଛି ଏଥର ରଥଟଣା ଅପରାହ୍ଣ ୫ଟାରେ ହେବ । ତେଣୁ ରଥଟଣା ନୀତି ବିଳମ୍ବିତ ହେବା ଆଶଙ୍କା ଥିବାରୁ ଉଭୟ ଜୁଲାଇ ୭ ଓ ୮ ତାରିଖରେ ପ୍ରଶାସନିକ ବ୍ୟବସ୍ଥା ବଳବତର ରଖିବାକୁ ନିର୍ଦ୍ଦେଶ ଦିଆଯାଇଛି । ଏହାସହ ବୈଠକରେ ସମ୍ଭାବ୍ୟ ଅଂଶୁଘାତ ମୁକାବିଲା ପାଇଁ ୧୦୦ ଶଯ୍ୟା ବିଶିଷ୍ଟ ଅସ୍ଥାୟୀ ସ୍ୱାସ୍ଥ୍ୟକେନ୍ଦ୍ର, ସ୍ୱତନ୍ତ୍ର ବର୍ଣ୍ଣ ୱାର୍ଡ, ଆଲୋକୀକରଣ, ପାନୀୟ ଜଳ ଯୋଗାଣ, ବିଦ୍ୟୁତ ଯୋଗାଣ ଓ ପରିବହନ

▶▶ପୃଷ୍ଠା ୭

# ଚମ୍ପୁଆ ଉପଖଣ୍ଡ ଚିକିତ୍ସାଳୟରେ ଅବ୍ୟବସ୍ଥା: ରୋଗୀଙ୍କୁ ମେନ୍ୟୁ ଅନୁସାରେ ଦିଆଯାଉନାହିଁ ଖାଦ୍ୟ

ଚମ୍ପୁଆ, ୨୬/୬ (ନି.ପ୍ର): ଅବ୍ୟବସ୍ଥାରେ ଚାଲିଛି ଚମ୍ପୁଆ ଉପଖଣ୍ଡ ଚିକିତ୍ସାଳୟ । ଚମ୍ପୁଆ ଉପଖଣ୍ଡ ଚିକିତ୍ସାଳୟରେ ରୋଗୀଙ୍କୁ ଯୋଗାଇ ଦିଆଯାଉଥିବା ଖାଦ୍ୟ ଯୋଗାଣରେ ବ୍ୟାପକ ଅବ୍ୟବସ୍ଥା ଓ ଖାଦ୍ୟ ପ୍ରଦାନ ରେ ବ୍ୟାପକ ଅନିୟମିତତା ରୋଗୀ ଓ ରୋଗୀ ସମ୍ପର୍କୀୟ ମହଲରେ ଅସନ୍ତୋଷ ସୃଷ୍ଟି କରୁଛି। ଚିକିତ୍ସାଳୟ କର୍ତ୍ତୃପକ୍ଷ ଓ ଖାଦ୍ୟ ଯୋଗାଣ କାରୀ ଠିକା ସଂସ୍ଥା ମଧ୍ୟରେ ଭିତିରି ବୁଝାମଣା ଯୋଗୁ ଏପରି ଅବ୍ୟବସ୍ଥା ସୃଷ୍ଟି ହେଉଥିବା ଅଭିଯୋଗ ହେଉଛି। ସୂଚନା ଯୋଗ୍ୟ କି ଚମ୍ପୁଆ ଉପଖଣ୍ଡ ଚିକିତ୍ସାଳୟରେ ଆଡ୍‌ମିଶନ ହୋଇ ଚିକିତ୍ସିତ ହେଉଥିବା ରୋଗୀ ମାନଙ୍କୁ ପ୍ରତିଦିନ ଖାଦ୍ୟ ଯୋଗାଣ ପାଇଁ ଆନନ୍ଦପୁର ଅଂଚଳର ନେସନାଲ ଇନସ୍ଟିଚ୍ୟୁଟ ଅଫ ପ୍ରଫେସନାଲ ଷ୍ଟଡିସ୍( ନିସ୍) ନାମକ ସଂସ୍ଥାକୁ ଠିକା ଦାୟିତ୍ୱ ମିଳିଛି । ତେବେ ଉକ୍ତ ସଂସ୍ଥା ସରକାରୀ ନିୟମ ମୁତାବକ ଖାଦ୍ୟ ନ ଦେଇ ନିଜ ମନ ମୁତାବକ ଖାଦ୍ୟ ଯୋଗାଉଥିବା ଦେଖିବାକୁ ମିଳିଛି। ସରକାରୀ ନିୟମ ଅନୁସାରେ ପ୍ରତିଦିନ ରୋଗୀ ଓ ରୋଗୀଙ୍କ ସହିତ ଥିବା ଜଣେ ସମ୍ପର୍କୀୟଙ୍କୁ ଖାଦ୍ୟ ଯୋଗାଇ ଦେବାର ବ୍ୟବସ୍ଥା ରହିଛି। ପ୍ରତିଦିନ ରୋଗୀଙ୍କୁ ଜଳଖିଆ, ମଧ୍ୟାହ୍ନ ଭୋଜନ ଓ ରାତ୍ରୀ ଭୋଜନ ଦିଆ ଯିବାର ବ୍ୟବସ୍ଥା ରହିଛି। ରୋଗୀ ମାନଙ୍କୁ କିପରି ଉପଯୁକ୍ତ ପରିମାଣରେ ପୃଷ୍ଟିକର ଓ ସ୍ୱାସ୍ଥ୍ୟପ୍ରଦ ଖାଦ୍ୟ ମିଳିପାରିବ ସେଥି ପାଇଁ ପ୍ରତ୍ୟେକ ଦିନ ପାଇଁ ପୃଥକ ପୃଥକ ଖାଦ୍ୟ ସାରଣୀ ମଧ୍ୟ ରହିଛି। ଏଥି ସହିତ ସକାଳ ଜଳଖିଆ ସାଢ଼େ ସାତଟା ରୁ ଆଠ ଘଟିକା ମଧ୍ୟରେ, ମଧ୍ୟାହ୍ନ ଭୋଜନ ଦିନ ଗୋଟାଏ ରୁ ଦୁଇଟା ମଧ୍ୟରେ ଓ ରାତ୍ରୀ ଭୋଜନ ସନ୍ଧ୍ୟା ଆଠ ଘଟିକା ରୁ ନଅ ଘଟିକା ମଧ୍ୟରେ ଦିଆ ଯିବା ନେଇ ନିୟମ ରହିଥିବା ବେଳେ ଧାର୍ଯ୍ୟ ସମୟର ଯଥେଷ୍ଟ ପୂର୍ବରୁ ଚଂଚକତା କରାଯାଇ ପ୍ରତ୍ୟେକ ଦିନ ସକାଳ ଛଅ ଘଟିକାରେ ଜଳଖିଆ, ଦିନ ସାଢ଼େ ଏଗାର ଟାରୁ ବାର ଟା ମଧ୍ୟରେ ମଧ୍ୟାହ୍ନ ଭୋଜନ ଓ ସନ୍ଧ୍ୟା ଛଅ ଘଟିକା ସମୟରେ ରାତ୍ରୀ ଭୋଜନ ଦିଆଯାଉଛି। ଏହା ପଛରେ ଖାଦ୍ୟ ଯୋଗାଉ ଥିବା ଠିକା ସଂସ୍ଥା ଖାଦ୍ୟ ଯୋଗାଣରେ କରୁଥିବା ଅନିୟମିତତାକୁ ଲୁଚାଇବାକୁ ଯାଇ ଚଂଚକତା ପୂର୍ବକ ଖାଦ୍ୟ ଯୋଗାଣ ସମୟର ଯଥେଷ୍ଟ ପୂର୍ବରୁ ଖାଦ୍ୟ ଦେଉଥିବା ଅଭିଯୋଗ ସହିତ ମେନ୍ୟୁ ଅନୁସାରେ ଖାଦ୍ୟ ଦେଉ ନ ଥିବା ଅଭିଯୋଗ ହେଉଛି। ସକାଳ ଜଳଖିଆ ରେ ଇଡଲି , ସିମେଇ ଉପମା, ସୁଜି ଉପମା, ଚୁଡ଼ା ସନ୍ତୁଳା ସହିତ ମଟର ତରକାରୀ ଓ ସମ୍ବର ଆଦି ଦିଆ ଯିବା ନେଇ ମେନ୍ୟୁ ଅନୁସାରେ ସ୍ଥିର ହୋଇଛି। ତେବେ ଜଳଖିଆ ରେ ରୋଗୀ ମାନଙ୍କୁ ଏହି ସବୁ ଖାଦ୍ୟ ଦିଆ ନ ଯାଇ ପ୍ରତିଦିନ ସୁଜି ଘାଂଟ ଓ ସିମେଇ ଘାଂଟି ଦିଆ ଯାଉଥିବା ଦେଖିବାକୁ ମିଳିଛି। ସେହିପରି ମଧ୍ୟାହ୍ନ ଭୋଜନ ଓ ରାତ୍ରୀ ଭୋଜନରେ ଉପଯୁକ୍ତ ପରିମାଣରେ ପରିବା, ଦହି, ରୁଟି ଆଦି ଦିଆଯାଉ ନଥିବା ବେଳେ ଏହାର ତଦାରଖ ଦାୟିତ୍ୱରେ ଥିବା ଅଧିକାରୀ ଓ ଡ଼ାଏଟ ଭିଜିଲାନ୍ସ କମିଟି ଏଥି ପ୍ରତି ସମ୍ପୂର୍ଣ ଆଖି ବୁଜି ଦେଇଛନ୍ତି। ଯାହା ଠିକାଦାର ଏବଂ ଅଧିକାରୀଙ୍କ ମଧୁଚନ୍ଦ୍ରିକାକୁ ପଦାରେ ପକାଇଛି। ଚମ୍ପୁଆ ଉପଖଣ୍ଡ ଚିକିତ୍ସାଳୟରେ ବିଶେଷ କରି ଗରିବ ଓ ଆଦିବାସୀ ସଂପ୍ରଦାୟ ର ଲୋକେ ନିର୍ଭର କରୁଥିବା ବେଳେ ରୋଗୀ ମାନଙ୍କ ଅଜ୍ଞାନତା ର ସୁଯୋଗ ନେଇ ଠିକା ସଂସ୍ଥା ରୋଗୀ ମାନଙ୍କୁ ଶଷୋଣ କରୁଥିବା ଅଭିଯୋଗ ହେଉଛି। ଏହାକୁ ନେଇ ଚମ୍ପୁଆ ଉପଖଣ୍ଡ ଚିକିତ୍ସାଳୟ ଅଧିକାରୀ ଡା. ଉମାକାନ୍ତ ସାହୁ ଙ୍କୁ ପଚାରିବାରୁ ରୋଗୀଙ୍କୁ ଦିଆ ଯାଉଥିବା ଖାଦ୍ୟ ର ମାନ ଯାଂଚ ର ମାନ ଯାଂଚ କରିବା ରୋଗୀ କଲ୍ୟାଣ ସମିତି ର ଦାୟିତ୍ୱ ମାତ୍ର ନିମ୍ନ ମାନ ଓ ମେନ୍ୟୁ ଅନୁସାରେ ଖାଦ୍ୟ ଦିଆ ନ ଯିବା ନେଇ ମୋ ପାଖରେ କୌଣସି ଖବର ନାହିଁ ବୋଲି କହିଥିଲେ। ନିକଟରେ ଏହାର ପୁନଃ ଟେଣ୍ଡର ପାଇଁ ଯୋଜନା ଅଛି ଓ ଏହା ପ୍ରତି ଦୃଷ୍ଟି ଦିଆଯିବ ବୋଲି ସଫେଇ ଦେଇଥିଲେ । ଏହି ଅନିୟମିତତା ଓ ଅବ୍ୟବସ୍ଥା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଦୃଷ୍ଟି ନ ଦିଆ ଗଲେ ଆଗାମୀ ଦିନରେ ରୋଗୀ ଙ୍କୁ ଶୋଷଣ ବଢି ଚାଲିବା ନେଇ ସ୍ପଷ୍ଟ ସଂକେତ ଜଣାପଡୁଛି।

# ଖତ ଖାଉଛି କୋଟିକୋଟି ଟଙ୍କାର ଲକ୍ଷ୍ମୀ ବସ୍, ବିନା ପଂଜୀକରଣ ଓ ବିନା ରୁଟରେ ବସ୍ ରହିଛି

ଜୟପୁର, ୨୬/୬ (ନି.ପ୍ର): ସ୍ଥାନୀୟ ସରକାରୀ ବସଷ୍ଟାଣ୍ଡ ପରିସରରେ ଦୀର୍ଘ ଦିନ ହେବ ୧୩ଟି ଶୀତତାପ ନିୟନ୍ତ୍ରିତ ଓ ୨ଟି ସାଧାରଣ ଏଭଳି ୧୫ ଲକ୍ଷ୍ମୀ ବସ୍ ଖତ ଖାଇଲାଣି। ୧୩ଟି ଶୀତତାପ ନିୟନ୍ତ୍ରିତ ବସରୁ ୬ଟି ବସର ନମ୍ବର ଆଂଚଳିକ ପରିବହନ କାର୍ଯ୍ୟାଳୟରେ ପଂଜୀକରଣ ହୋଇଛି। ବଳକା ୭ଟି ଅସ୍ଥାୟୀ ପଂଜୀକରଣରେ ଆସିଥିଲା। ଏହାରି ମଧ୍ୟରେ ମାସକ ବିତିଗଲାଣି। ତେବେ ଏହାର ପଂଜୀକରଣ ହୋଇ ପାରିନି କି ବଳକା ବସର ରୁଟ୍ ପରମିଟ୍ ବି ହୋଇନି। କୋଟି କୋଟି ଟଙ୍କାର ଏହି ବସ ଗୁଡିକର ଆଗାମୀ ଦିନର ଭବିଷ୍ୟତକୁ ନେଇ ବିରାଟ ବଡ ପ୍ରଶ୍ନ ସୃଷ୍ଟି କରିଛି। ଏଥି ପୂର୍ବରୁ ଜୟପୁରରେ ୨ଟି ଭଲେବା ବସ ଏଭଳି ୨ବର୍ଷରୁ ଉର୍ଦ୍ଧ୍ୱ ସମୟ ସେଭଳି ପଡ଼ି ରହିଥିଲା। ସେହିପରି ୨୦ଟି ସିଟ୍ ବସ ଏବେ ଖତ ଖାଇଲାଣି। ଏହାରି ମଧ୍ୟରେ ଏବେ ନୂଆ ସରକାର ଗଠନ ହୋଇଛି। ଲକ୍ଷ୍ମୀ ଯୋଜନାକୁ ବଳବତ୍ତର ରଖିବେ ନା ବନ୍ଦ କରିବେ-ତାହା ସ୍ପଷ୍ଟ କରିନି ସରକାର। ଲକ୍ଷ୍ମୀ ଯୋଜନାରେ ବସ ପରିଚାଳନା କରୁଥିବା ମ୍ୟାନେଜର ଈଶ୍ୱର ମହାପାତ୍ର କହିଛନ୍ତି, ବସଷ୍ଟାଣ୍ଡରେ ପଡିରହିଥିବା କେତେକ ବସ୍ର ପଞ୍ଜୀକରଣ ହୋଇନି। ଆଉ କେତେକର ରୁଟ ଅନୁମତି ମିଳିନି। ଏଥି ଲାଗି ବସଷ୍ଟାଣ୍ଡରେ ରଖାଯାଇଛି। ବର୍ତ୍ତମାନ ଜିଲ୍ଲାରେ ୪୮ଟି ଲକ୍ଷ୍ମୀ ବସ ଚଳାଚଳ କରୁଛି। ପଞ୍ଚାୟତରୁ ବ୍ଲକ ହେଡକ୍ୱାର୍ଟକୁ ୪୬ଟି ବସ ଚଳାଚଳ କରୁଥିବା ବେଳେ ବନ୍ଧୁଗାଁ ଓ କୋଟପାଡରୁ ଜିଲ୍ଲାମୁଖ୍ୟାଳୟକୁ ଗୋଟିଏ ଲେଖାଏଁ ବସ ଚଳାଚଳ କରୁଛି। ବସ୍ ଷ୍ଟାଣ୍ଡରେ ପଡିରହିଥିବା ବସ୍ର ପଞ୍ଜୀକରଣ ଓ ଅନୁମତି ମିଳିବା ପରେ କେତେକ ପଞ୍ଚାୟତରୁ ବ୍ଲକ ହେଡକ୍ୱାର୍ଟର ଏବଂ ବ୍ଲକରୁ ଜିଲ୍ଲା ମୁଖ୍ୟାଳୟ ପର୍ଯ୍ୟନ୍ତ ଚଳାଚଳ କରିବ। ସୂଚନାଥାଉକି, ଗ୍ରାମାଞ୍ଚଳ ଲୋକେ କିପରି ସୁ ଲଭ ମୂଲ୍ୟରେ ବ୍ଲକ ହେଡକ୍ୱାର୍ଟରକୁ ଯିବା ଆସିବା କରିପାରିବେ, ସେଥି ଲାଗି ବିଜେଡି ସରକାର ଲକ୍ଷ୍ମୀ ଯୋଜନା ଆରମ୍ଭ କରିଥିଲେ। ମହିଳା ଓ ଛାତ୍ରଛାତ୍ରୀ ରିହାତି ଦରରେ ଯିବାଆସିବା କରୁଥିଲେ। ଓଏସ୍ଆରଟିସି ଥିବାବେଳେ ଏକ ବେସରକାରୀ ସଂସ୍ଥାକୁ ଏହାର ପରିଚାଳନା ଦାୟିତ୍ୱ ଦିଆଯାଇଥିବାରୁ ବିଭିନ୍ନ ରାଜନୈତିକ ଦଳ ପକ୍ଷରୁ ବିରୋଧ କରାଯାଇଥିଲା। ନିର୍ବାଚନକୁ ଦୃଷ୍ଟିରେ ରଖି ଏହି ଯୋଜନା କରାଯାଇଥିବା ଅଭିଯୋଗ ହୋଇଥିଲା।

# ଜୟପୁର ରଥଯାତ୍ରା ନେଇ ପ୍ରସ୍ତୁତି ବୈଠକ

ଜୟପୁର, ୨୬/୬ (ନି.ପ୍ର): ଜୟପୁରର ରଥ ଯାତ୍ରା ନେଇ ପ୍ରସ୍ତୁତି ବୈଠକ ଆଜି ଅନୁଷ୍ଠିତ ହୋଇଛି । ସ୍ଥାନୀୟ ପୌରପରିଷଦର ସଭା ଗୃହରେ ଆୟୋଜିତ ବୈଠକରେ ଉପ ଜିଲାପାଳ ପ୍ରଭାତ କୁମାର ପରିଡା ଅଧ୍ୟକ୍ଷତା କରିଥିଲେ । ବୈଠକରେ ମୁଖ୍ୟ ଅତିଥି ଭାବେ ବିଧାୟକ ତାରା ପ୍ରସାଦ ବାହିନିପତି ଯୋଗଦେଇଥିଲେ । ସବୁଠାରେ ଆସନ୍ତା ଜୁଲାଇ ୭ ତାରିଖରେ ରଥା ଯାତ୍ରା ହୋଇଥିବା ବେଳେ ଜୟପୁରରେ ପ୍ରଥମ ଦିନ ୭ ତାରିଖରେ ପହଣ୍ଡି ହୋଇଥିବା ବେଳେ ଦ୍ୱିତିୟ ଦିନ ଅର୍ଥାତ ୮ ତାରିଖରେ ରଥ ଯାତ୍ରା ଆୟୋଜିତ ହେବ । ରଥରେ ଅଶ୍ଳିଳ ଗିତ ବନ୍ଦ ହୋଇଥିବା ବେଳେ ରଥ ଯାତ୍ରା ଦିନ ଓ ବାହୁଡା ଦିନ ମଦ ବିକ୍ରି ବନ୍ଦ ରହିବ । ଶାନ୍ତି ଶୃଙ୍ଖଳାରେ ରଥ ଯାତ୍ରା ଆୟୋଜିତ ପାଇ ଟ୍ରାଫିକ ବ୍ୟବସ୍ଥାକୁ କଡା କଡି କରାଯାଇଥିବା ବେଳେ ପରିମଳ ବ୍ୟବସ୍ଥା, ସହ ପୋଲିସ କର୍ମଚାରି ଅଫିସର ନିଯୁକ୍ତ ରହିବେ । ପକେଟ ମାର ପ୍ରତି ସଜାଗ ରହିବାକୁ ପୋଲିସକୁ ନିର୍ଦ୍ଦେଷ ଦିଆଯାଇଛି । ଆଲୋକ ବ୍ୟବସ୍ଥା, ସ୍ୱାସ୍ଥ୍ୟ ଓ ସୁରକ୍ଷା, ବିଦ୍ୟୁତ କରଣ, ସୁଧ ପାନୀୟ ଜଳ ବ୍ୟବସ୍ଥା,ଅଗ୍ନି ନିରାପାତା ବ୍ୟବସ୍ଥା, ସ୍ୱେଚ୍ଛାକୃତ ସେବା ଉପରେ ଆଲୋଚନା ହୋଇଥିବା ବେଳେ ଜଗନ୍ନାଥ ଙ୍କ ଅନ୍ନ ଭୋଗ ଭଲ ଭୋଗ ପ୍ରସ୍ତୁତ କରିବା ପାଇଁ ଆଲୋଚନା କରାଯାଇଥିଲା। ଭୋଗ ପିଛା ଏକ ଶହ ଟଙ୍କା ସ୍ଥିର କରାଯାଇଛି । ପ୍ରତ୍ୟେକଦିନ ରଥ ନିକଟରେ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ ହେବା ନେଇ ନିଷ୍ପତି ହୋଇଛି । ବୈଠକରେ ଜୟପୁର ତହସିଲଦାର ତଥା ଦେବୋତର ଅଧିକାରି ମୋନାଲିସା ଆଚାର୍ଯ୍ୟ, ଏସଡିପିଓ ଅଙ୍କିତ କୁମାର ବର୍ମା, ବିଡିଓ ଶକ୍ତି ମହାପାତ୍ର, ପୌର ଯନ୍ତ୍ରୀ ବିଶ୍ୱ ନାଥ ପାତ୍ର, ପୌର ଉପାଧ୍ୟକ୍ଷ ବି. ସୁନିତା, ଟାଉନ ଥାନା ଅଧିକାରି ରମଣି ରଞ୍ଜନ ଦଳେଇ, ସଦର ଥାନା ଅଧିକାରି ଇଶ୍ୱର ତାଣ୍ଡି ,ଏସଡିପିଆରଓ ଯୋଶଦା ଗାଦବା ସହ ସମସ୍ତ ଲାଇନ ଡିପାଟମେଣ୍ଟର ଅଧିକାରି ମାନେ ଉପସ୍ଥିତ ଥିଲେ ।

# ଆସନ୍ତା ଶିକ୍ଷାବର୍ଷରେ ଠିକ୍ ସମୟରେ ଛାତ୍ରଛାତ୍ରୀଙ୍କୁ ମିଳିବ ପାଠ୍ୟପୁସ୍ତକ

ଭୁବନେଶ୍ୱର, ୨୬/୬ (ନି.ପ୍ର): ଓଡିଶାର ସମସ୍ତ ସରକାରୀ ଏବଂ ସରକାରୀ ଅନୁଦାନପ୍ରାପ୍ତ ବିଦ୍ୟାଳୟରେ ବୃଦ୍ଧି ପାଇବ ଶିକ୍ଷାର ମାନ । ଏଥିପାଇଁ ପ୍ରସ୍ତୁତ ହେଉଛି ସ୍ୱତନ୍ତ୍ର ରୂପରେଖ । ପ୍ରାରମ୍ଭିକ ପର୍ଯ୍ୟାୟରେ ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ଏହାର ସମୀକ୍ଷା କରିବା ସହିତ ଭିତିଭୂମି, ଶୈକ୍ଷିକ ପରିବେଶ, ବିଦ୍ୟାଳୟ ପରିଚାଳନା ଉପରେ ଗୁରୁତ୍ୱାରୋପ କରିଛନ୍ତି। ମଙ୍ଗଳବାର ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗର ସମ୍ମିଳନୀ କକ୍ଷରେ ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି । ବୈଠକରେ ବିଭାଗୀୟ ଆୟୁକ୍ତ ତଥା ଶାସନ ସଚିବଙ୍କ ସମେତ ଅତିରିକ୍ତ ସଚିବ, ଯୁଗ୍ମ ସଚିବ, ବିତ ପରାମର୍ଶଦାତା ଓ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ। ବିଭାଗୀୟ କମିଶନର ତଥା ଶାସନ ସଚିବ ଶ୍ରୀମତୀ ଅଶ୍ୱତୀ ଏସ୍. ବିଭାଗ ସମ୍ପର୍କରେ ମନ୍ତ୍ରୀ ଶ୍ରୀ ଗଣ୍ଡଙ୍କୁ ଅବଗତ କରାଇଛନ୍ତି । ବିଭାଗ ଅଧିନରେ ସମସ୍ତ କାର୍ଯ୍ୟକ୍ରମ କିପରି ସୁଚାରୁ ରୂପେ କରାଯିବ, ସେ ନେଇ ମନ୍ତ୍ରୀ ବିଚାରବିମର୍ଶ କରିଛନ୍ତି। ଆଗାମୀ ପାଞ୍ଚବର୍ଷ ପାଇଁ ଯୋଜନା ଖସଡ଼ା ପ୍ରସ୍ତୁତ ହୋଇଛି। ସମସ୍ତ ସରକାରୀ ଓ ସରକାରୀ ଅନୁଦାନପ୍ରାପ୍ତ ବିଦ୍ୟାଳୟରେ ଉତମ ଶିକ୍ଷାଦାନର ବ୍ୟବସ୍ଥା ହିଁ ରାଜ୍ୟ ସରକାରଙ୍କ ପ୍ରାଥମିକତା, ଏ ଦିଗରେ ବିଭିନ୍ନ କାର୍ଯ୍ୟକ୍ରମ ଗ୍ରହଣ କରାଯିବ ବୋଲି ମନ୍ତ୍ରୀ ଶ୍ରୀ ଗଣ୍ଡ କହିଛନ୍ତି। ବିଭିନ୍ନ କାରଣରୁ ବନ୍ଦ କରାଯାଇଥିବା ସରକାରୀ ଓ ସରକାରୀ ଅନୁଦାନପ୍ରାପ୍ତ ବିଦ୍ୟାଳୟଗୁଡ଼ିକର ସମୀକ୍ଷା କରାଯିବାକୁ ନିଷ୍ପତି ନିଆଯାଇଛି। ଉଚ୍ଚ ବିଦ୍ୟାଳୟଗୁଡ଼ିକର ଭିତିଭୂମିରେ ହୋଇଥିବା ପରିବର୍ତନକୁ ଦୀର୍ଘସ୍ଥାୟୀ କରିବା ସହ ଆଗାମୀ ଦିନରେ ପ୍ରତ୍ୟେକଟି ଶ୍ରେଣୀଗୃହରେ ସ୍ମାର୍ଟ ବୋର୍ଡ, ଛାତ୍ରଛାତ୍ରୀମାନଙ୍କୁ ସଠିକ୍ ଢାଂଚାରେ ଶିକ୍ଷାଦାନ ଆଦିକୁ ନେଇ ଯୋଜନା ପ୍ରସ୍ତୁତ କରାଯାଉଛି। ସେହିପରି ପାଠାଗାର ଏବଂ ଅନ୍ୟାନ୍ୟ ଭିତିଭୂମିର ଉନ୍ନତିକରଣ ପାଇଁ ମଧ୍ୟ ଯୋଜନା ରହିଛି । କୋଡିଂ, ପ୍ରକଳ୍ପ ଭିତିକ ପାଠ୍ୟକ୍ରମ, ଜୀବନ କୌଶଳ ଆଧାରିତ ଶିକ୍ଷା, ଭାଷାଭିତିକ ସୃଜନଶୀଳତାକୁ ପ୍ରାଧାନ୍ୟ ଦେଇ ଆକାଂକ୍ଷୀ ପାଠ୍ୟକ୍ରମକୁ ପ୍ରତ୍ୟେକ ବିଦ୍ୟାଳୟରେ କାର୍ଯ୍ୟକ୍ଷମ କରିବା ପାଇଁ ନିଷ୍ପତି ନିଆଯାଇଛି । ଏଥିସହିତ ଆଗାମୀ ଶିକ୍ଷାବର୍ଷରେ ସମସ୍ତ ଜିଲ୍ଲାର ପ୍ରତ୍ୟେକ ବ୍ଲକରେ ଠିକ୍ ସମୟରେ ଯେପରି ବହି ପହଞ୍ଚିବ ସେ ନେଇ ବିଭାଗୀୟ ଅଧିକାରୀଙ୍କୁ ମନ୍ତ୍ରୀ ଶ୍ରୀ ଗଣ୍ଡ ନିର୍ଦ୍ଦେଶ ଦେଇଛନ୍ତି। ପ୍ରାଥମିକ ବିଦ୍ୟାଳୟଗୁଡିକର ଭିତିଭୂମିର ବିକାଶ ସହିତ ଛାତ୍ରଛାତ୍ରୀମାନଙ୍କୁ କିପରି ଉନ୍ନତମାନର ଶିକ୍ଷା ମିଳିପାରିବ ସେ ସମ୍ବନ୍ଧରେ ସମୀକ୍ଷା ବୈଠକରେ ଆଲୋଚନା କରାଯାଇଛି। ମୌଳିକ ସାକ୍ଷରତା ଓ ସଂଖ୍ୟାଜ୍ଞାନ ଉପଯୋଗୀ ଶ୍ରେଣୀଗୃହ ସ୍ଥାପନା ଦିଗରେ ବିଭାଗ ପକ୍ଷରୁ ଆରମ୍ଭ ହୋଇଥିବା ବିଭିନ୍ନ କାର୍ଯ୍ୟକୁ ତ୍ୱରାନ୍ୱିତ କରିବା ପାଇଁ ନିଷ୍ପତି ନିଆଯାଇଛି । ସ୍ୱତନ୍ତ୍ର ଭାବେ ଏକ ଆସେଟ୍ ମ୍ୟାନଜମେଂଟ ସଫ୍‌ଟୱେର ବିକାଶ କରାଯାଉଛି ଯାହା ଶିକ୍ଷା କ୍ଷେତ୍ରରେ ଏକ ବଡ ପରିବର୍ତନ ଆଣିବ।

ଗଣଶିକ୍ଷା ବିଭାଗ ଅଧିନରେ ଆଦର୍ଶ ବିଦ୍ୟାଳୟକୁ ନୂତନ ରୂପ ଦିଆଯିବ। ସେହପରି ଓଡ଼ିଶା ଆଦର୍ଶ ବିଦ୍ୟାଳୟଗୁଡ଼ିକରେ ବିଶେଷକରି ଛାତ୍ରମାନଙ୍କ ପାଇଁ ଆବାସିକ ସୁବିଧାକୁ ସୁଦୃଢ଼ କରିବା ଉପରେ ମନ୍ତ୍ରୀ ଶ୍ରୀ ଗଣ୍ଡ ଗୁରୁତ୍ୱ ଦେଇଛନ୍ତି । ସମସ୍ତ ଆଦର୍ଶ ବିଦ୍ୟାଳୟରେ ଛାତ୍ରାବାସଗୁଡ଼ିକ ଯଥା ସମୟରେ କାର୍ଯ୍ୟକ୍ଷମ ହେବା ନେଇ ଆଲୋଚନା କରାଯାଇଛି । ସ୍ଥାନୀୟ ଅଞ୍ଚଳକୁ ଭିତିକରି ଉଚ୍ଚ ବିଦ୍ୟାଳୟକୁ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ପରିବର୍ତିତ କରାଯିବା ନେଇ କାର୍ଯ୍ୟପନ୍ଥା ଗ୍ରହଣ କରାଯାଉଛି। ଉଚ୍ଚ ମାଧ୍ୟମିକ ଶିକ୍ଷା କ୍ଷେତ୍ରରେ ସମସ୍ତ ଛାତ୍ରଛାତ୍ରୀମାନଙ୍କ ସୁବିଧା ପାଇଁ ଇ-ବିଷୟବସ୍ତୁର ୱେବ୍ ପ୍ରକାଶନ କରାଯିବ। ସରକାରୀ ୱେବସାଇଟ ମାଧ୍ୟମରେ ଏହି ପାଠ୍ୟ ପୁସ୍ତକଗୁଡ଼ିକ ଉପଲବ୍ଧ କରାଯିବ। ଏହା ବ୍ୟତୀତ ମାର୍କ ସିଟ୍ ଓ ସାର୍ଟିଫିକେଟ୍‌ଗୁଡ଼ିକ ପାଇବା ପାଇଁ ଅନଲାଇନରେ ଉପୁଜୁଥିବା ସମସ୍ୟାର ସମାଧାନ ହେବ। ଶିକ୍ଷକମାନଙ୍କୁ ପ୍ରଶିକ୍ଷଣ ଦେବା ପାଇଁ ମଧ୍ୟ ଆଗାମୀ ଦିନରେ ବିଭିନ୍ନ ଯୋଜନା ହାତକୁ ନିଆଯାଉଛି । ଏଥିରେ ଶିକ୍ଷକ ପ୍ରଶିକ୍ଷଣ ଅନୁଷ୍ଠାନକୁ ଅଧିକ କ୍ରିୟାଶୀଳ କରାଯିବ । ଶିକ୍ଷକମାନଙ୍କ ସମସ୍ୟାର କିପରି ସମାଧାନ ହୋଇପାରିବ, ସେ ନେଇ ବିଭାଗୀୟ ଅଧିକାରୀ ମାନଙ୍କଠାରୁ ବିଭିନ୍ନ ପ୍ରସ୍ତାବ ଆହ୍ୱାନ କରିଥିଲେ । ଏହି ଅନୁଷ୍ଠାନର ଭିତିଭୂମିକୁ ବିକଶିତ କରାଯିବା ସହିତ ପ୍ରତ୍ୟେକ ଡାଏଟ୍ ରେ ଅଡିଟୋରିୟମର ନିର୍ମାଣ କରାଯିବ । ଅନୁଷ୍ଠାନକୁ ଡାଏଟ୍ ଏକ୍ସିଲେନ୍ସିରେ ପରିଣତ କରାଯିବ। ରାଜ୍ୟରେ ଛାତ୍ରଛାତ୍ରୀଙ୍କୁ ସର୍ବୋତମ ଗୁଣାତ୍ମକ ଶିକ୍ଷା ଯୋଗାଇ ଦେବା ପାଇଁ ସମସ୍ତ ପ୍ରକାର ଉଦ୍ୟମ କରାଯିବା ସହିତ ଶିକ୍ଷକ-ଶିକ୍ଷୟିତ୍ରୀମାନଙ୍କ ଦକ୍ଷତା ବିକାଶ ପାଇଁ ବିଭିନ୍ନ କର୍ମଶାଳାର ଆୟୋଜନ ଉପରେ ଗଣଶିକ୍ଷା ମନ୍ତ୍ରୀ ଶ୍ରୀ ଗଣ୍ଡ ସମସ୍ତ ଅଧିକାରୀମାନଙ୍କ ସହିତ ଏହି ସମୀକ୍ଷା ବୈଠକରେ ଆଲୋଚନା କରିଛନ୍ତି।

# ମାଲକାନଗିରି ୟୁନିୟନ ଅଫ୍ ଜର୍ଣ୍ଣାଲିଷ୍ଟ କାର୍ଯ୍ୟାଳୟରେ ସାମ୍ବାଦିକଙ୍କ ସହ ମାଲକାନଗିରି ବିଧାୟକଙ୍କ ଆଲୋଚନା

ମାଲକାନଗିରି, ୨୬/୬ (ନି.ପ୍ର): ମାଲକାନଗିରି ୟୁନିୟନ ଅଫ୍ ଜର୍ଣ୍ଣାଲିଷ୍ଟ କାର୍ଯ୍ୟାଳୟରେ ଆଜି ସଂଘର ସଭାପତି ଦେବ ପ୍ରସାଦ ଦାସଙ୍କ ଅଧ୍ୟକ୍ଷତାରେ ନବ ନିର୍ବାଚିତ ବିଧାୟକ ମାଲକାନଗିରି ନରସିଂହ ମାଡକାମିଙ୍କ ସହିତ ଏମ ଇୟୁ ଯେ ର ସାମ୍ବାଦିକ ଏବଂ କର୍ମକର୍ତାମାନଙ୍କର ଗୋଟିଏ ସୌଜନ୍ୟମୂଳକ ସାକ୍ଷାତକାର ଅନୁଷ୍ଠିତ ହୋଇଥିଲା। ଉକ୍ତ ସଭାରେ ମାଲକାନଗିରି ଜିଲ୍ଲାରେ କାର୍ଯ୍ୟରତ ସମସ୍ତ ସାମ୍ବାଦିକ ଭାଇମାନଙ୍କ ବିଭିନ୍ନ ସମସ୍ୟା ଯଥା : ସାମ୍ବାଦିକ ପେନସନ,ସ୍ୱାସ୍ଥ୍ୟ ବୀମା ଏବଂ ସାମ୍ବାଦିକ ମାନଙ୍କୁ କର୍ମକ୍ଷେତ୍ରରେ ସୁରକ୍ଷା ଯୋଗାଇ ଦେବା ଇତ୍ୟାଦି ବିଷୟରେ ବିଧାୟକ ଶ୍ରୀ ମାଡ଼କାମି ବିଧାନସଭାରେ ସରକାରଙ୍କୁ ଅନୁରୋଧ କରିବେ ବୋଲି କହିଛନ୍ତି। ଏହା ସହିତ ସେ ମାଲକାନଗିରି ଜିଲ୍ଲାର ଜନସାଧାରଣଙ୍କ ବିଭିନ୍ନ ସମସ୍ୟା ଯଥା ସ୍ୱାସ୍ଥ୍ୟ ସେବାରେ ଉନ୍ନତି,ଶିକ୍ଷା ବ୍ୟବସ୍ଥା, ବିଭିନ୍ନ ଜଳସେଚନ ପ୍ରକଳ୍ପ, ରାସ୍ତାଘାଟର ଉନ୍ନତି ତଥା ଗମନାଗମନର ସୁବିଧା, ରେଳପଥ ସଂଯୋଗ, ବିମାନ ଚଳାଚଳ, ମାଲକାନଗିରି ସହର ଉପକଣ୍ଠରେ ବାଇପାସ୍ ରାସ୍ତା ନିର୍ମାଣ ଏବଂ ଚାଷୀ ଭାଇ ମାନଙ୍କର ଉନ୍ନତି ପାଇଁ ପଦକ୍ଷେପ ନେବେ ବୋଲି କହିଥିଲେ । ସେ ଆହୁରି ମଧ୍ୟ କହିଛନ୍ତି ଯେ, ବର୍ତମାନ ମୁଖ୍ୟମନ୍ତ୍ରୀ ମୋହନ ମାଝିଙ୍କ କହିବା ଅନୁସାରେ, ଏହି ସରକାର ହେଉଛି ଜନସାଧାରଣଙ୍କ ସରକାର, ତେଣୁ ଜନସାଧାରଣଙ୍କ ଉନ୍ନତି ହିଁ ଏହି ସରକାରଙ୍କ ଏକମାତ୍ର ଲକ୍ଷ୍ୟ। ପରିଶେଷରେ ଏହି ଜିଲ୍ଲାର ସର୍ବାଙ୍ଗୀନ ଉନ୍ନତି ପାଇଁ ବିଧାୟକ ମହୋଦୟ, ଜିଲ୍ଲାର ସମସ୍ତ ସାମ୍ବାଦିକ ତଥା ଜନସାଧାରଣଙ୍କ ସାହାଯ୍ୟ ସହଯୋଗ କାମନା କରିଥିଲେ। ଉକ୍ତ ସଭାରେ ବିଜେପିର ନିହାର ରାୟ, ସଞ୍ଜୟ ସରକାର, ମାନିକଲାଲ ଚକ୍ରବର୍ତୀ, ନବଘନ ଲୋକେଇ, ଶିଶିର ହାଲଦାର,ବିଜୟ ମହାରାଣା ଏବଂ ରତନ ବଣିକଙ୍କ ସହିତ ଏମ ଇୟୁ ଯେ ର କର୍ମକର୍ତା ଏବଂ ବିଭିନ୍ନ ସାମ୍ବାଦିକ ସତ୍ୟନାରାୟଣ ପଣ୍ଡା, ଗୋପି କୃଷ୍ଣ ପଟ୍ଟନାୟକ,ଶିବ ପ୍ରସାଦ କୀର୍ତନିୟା, କାମରାଜ ଜେନା, ଅସିମ ବିଶ୍ୱାସ,ଏ. ଈଶ୍ୱର ରାଓ, ଶଙ୍କର ପାଲ,ବିକ୍ରମ କେଶରୀ ପାଢ଼ୀ, କୃଷ୍ଣ ରାୟ, ଚକ୍ରଧର ପଟ୍ଟନାୟକ, ଗୋବିନ୍ଦ ମଣ୍ଡଲ, ଦିବାକର ଭଗବାନ, କବିରାଜ ଏବଂ ସନ୍ତୋଷ ନାୟକ ଉପସ୍ଥିତ ଥିଲେ ଏବଂ ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

# ପ୍ରଶିକ୍ଷଣ ମାଧ୍ୟମରେ ଦକ୍ଷତା ବୃଦ୍ଧି ହିଁ ସମ୍ଭବ ହୋଇପାରିବ

## ରାଜସ୍ୱ ପ୍ରଶାସନକୁ ଲୋକମାନଙ୍କ ନିକଟତର କରାନ୍ତୁ : ମନ୍ତ୍ରୀ

ଭୁବନେଶ୍ୱର, ୨୬/୬ (ନି.ପ୍ର): ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ ରାଜସ୍ୱ ଅଧିକାରୀଙ୍କ ପ୍ରଶିକ୍ଷଣ ପ୍ରତିଷ୍ଠାନକୁ ପରିଦର୍ଶନରେ ଯାଇ ୧୫ତମ ସଂସ୍ଥାଗତ ପ୍ରଶିକ୍ଷଣ ଶିବିରକୁ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ।

ଏହି ଅବସରରେ ଆୟୋଜିତ କାର୍ଯ୍ୟକ୍ରମରେ ଯୋଗଦେଇ ମନ୍ତ୍ରୀ ଶ୍ରୀ ପୂଜାରୀ ସରକାରୀ ନୀତିନିୟମ ସହିତ ବୈଷୟିକ ଶିକ୍ଷାର ପ୍ରୟୋଗ ମାଧ୍ୟମରେ ସମସ୍ତ କାର୍ଯ୍ୟ ନିର୍ଦ୍ଧାରିତ ସମୟ ମଧ୍ୟରେ ସୁଚାରୁ ରୂପେ ନିର୍ବାହ କରିବା ଉପରେ ଗୁରୁତ୍ୱରୋପ କରିଥିଲେ। ପ୍ରଶିକ୍ଷକ ତଥା ପ୍ରଶିକ୍ଷାର୍ଥୀ ଉଭୟଙ୍କ ମଧ୍ୟରେ ଉପଯୁକ୍ତ ଯୋଗାଯୋଗ ଦ୍ୱାରା ହିଁ ଉନ୍ନତ ମାନର ପ୍ରଶିକ୍ଷଣ ସମ୍ଭବ। ସରକାରୀ କାର୍ଯ୍ୟ ନିମନ୍ତେ କାର୍ଯ୍ୟାଳୟକୁ ଆସୁଥିବା ପ୍ରତ୍ୟେକ ଜନସାଧାରଣ କିପରି ଉପକୃତ ହେବେ ଓ ସେମାନଙ୍କ ମଧ୍ୟରେ ଆତ୍ମସନ୍ତୋଷର ଭାବ କିପରି ପରିଲକ୍ଷିତ ହେବ ଏହା ସମସ୍ତଙ୍କର ଲକ୍ଷ୍ୟ ହେବା ଉଚିତ ଓ ଏଥି ପ୍ରତି ସ୍ୱତନ୍ତ୍ର ଭାବେ ଦୃଷ୍ଟି ଦେବାର ଆବଶ୍ୟକତା ରହିଛି ବୋଲି ମନ୍ତ୍ରୀ ଶ୍ରୀ ପୂଜାରୀ ନିଜର ଆଭିମୁଖ୍ୟ ବ୍ୟକ୍ତ କରିଥିଲେ ।

ସ୍ନେହ, ସହାନୁଭୂତି ଆଦି ଉତମ ମାନବୀୟ ଆଚରଣ ପ୍ରଦର୍ଶନ ମାଧ୍ୟମରେ ଜନସାଧାରଣଙ୍କ ବିଶ୍ୱାସଭାଜନ ହେବା ଉଚିତ । ସେହିପରି ନିଜର ବିଦେଶ ଭ୍ରମଣର ଅଭିଜ୍ଞତା ବର୍ଣ୍ଣନା କରି ମନ୍ତ୍ରୀ ଶ୍ରୀ ପୂଜାରୀ କହିଲେ ଯେ ପ୍ରଶିକ୍ଷାର୍ଥୀ ଅଭିମନ୍ୟୁଙ୍କର ଚକ୍ରବ୍ୟୁହର ଭେଦ କରିବା ଭଳି କୌଶଳରେ ପାରଦର୍ଶୀ ହେବା ସହ ଧର୍ମପଦଙ୍କ ଭଳି କୋଣାର୍କ ମନ୍ଦିର ମୁଣ୍ଡି ମାରିବା କାର୍ଯ୍ୟରେ ନିଜର କୁଶଳତା ପ୍ରଦର୍ଶନ କରିବା ଆବଶ୍ୟକ। ଆମେ ବ୍ୟବହାରିକ ଜ୍ଞାନକୁ ପ୍ରୟୋଗ କରି କୌଣସି ଅବସ୍ଥାକୁ ସ୍ୱାଭାବିକ କରାଇ ପାରିବା ତଥା ପ୍ରତ୍ୟେକ ମୁହୂର୍ତ୍ତକୁ ଜରୁରୀ ଅବସ୍ଥା ଭାବି କାର୍ଯ୍ୟ ସମ୍ପାଦନା କଲେ ସଫଳତା ମିଳିପାରିବ ବୋଲି ଗୁରୁତ୍ୱାରୋପ କରିଥିଲେ । ଓଡ଼ିଶା ରାଜସ୍ୱ ସେବା ଅଧିନରେ କାର୍ଯ୍ୟରତ ଅଫିସରମାନେ ନିଜ ଘର ପାଖ ଜିଲ୍ଲାରେ କାର୍ଯ୍ୟ କରିବାର ଆଗ୍ରହ ପୋଷଣ ନକରି ସାରା ଓଡ଼ିଶାର ବିଭିନ୍ନ ଜିଲ୍ଲାରେ କାର୍ଯ୍ୟ ସମ୍ପାଦନ ପାଇଁ ଆଗ୍ରହ ପ୍ରକାଶ କରନ୍ତୁ । ତାହା ହେଲେ ଯାଇ ପ୍ରଶାସନିକ ସ୍ତରରେ ସନ୍ତୁଳନ ବଜାୟ ରହିପାରିବ । ଏହି ଅବସରରେ ରାଜସ୍ୱ ପ୍ରଶିକ୍ଷଣ ପ୍ରତିଷ୍ଠାନ ଦ୍ୱାରା ତିନିଗୋଟି ପୁସ୍ତିକାକୁ ମନ୍ତ୍ରୀ ଉନ୍ମୋଚନ କରିଥିଲେ ।

ଏହି ଉଦ୍‌ଘାଟନୀ ଉତ୍ସବରେ ଅନ୍ୟତମ ଅତିଥି ଭାବେ ଯୋଗଦେଇ ବିଭାଗୀୟ ଅତିରିକ୍ତ ମୁଖ୍ୟ ଶାସନ ସଚିବ ସତ୍ୟବ୍ରତ ସାହୁ କହିଲେ ଯେ ରାଜସ୍ୱ ବିଭାଗ ହେଉଛି ରାଜ୍ୟ ସରକାରଙ୍କ ଆଖି ଓ କାନ । ଏଣୁ ରାଜସ୍ୱ ବିଭାଗରେ ଆପଣମାନେ ଯୋଗଦେଇ ନିଜକୁ ଗୌରବାନ୍ୱିତ ମନେ କରିବା ସହ ଜନସାଧାରଣଙ୍କର ନିକଟତର ହୋଇ ପଛରେ ଥିବା ଲୋକମାନଙ୍କୁ କିପରି ମୁଖ୍ୟସ୍ରୋତରେ ସାମିଲ କରାଯାଇପାରିବ ସେ ଦିଗରେ ଚେଷ୍ଟା କରିବା ଦରକାର । ଏଥି ସହିତ ଜଣେ ଆବେଦନକାରୀଙ୍କ ଆବେଦନକୁ ବିଚାର କରିବା ନିମନ୍ତେ ପ୍ରଯୁକ୍ତି ବିଦ୍ୟାର ପ୍ରୟୋଗ ମାଧ୍ୟମରେ କିପରି ମାମଲାର ଫଇସଲା କରିଥିଲେ ତା'ର ଦୃଷ୍ଟାନ୍ତ ପ୍ରଦାନ କରିଥିଲେ ।

ମନ୍ତ୍ରୀ ଶ୍ରୀ ପୂଜାରୀ ଓଡ଼ିଶା ବିପର୍ଯ୍ୟୟ ପରିଚାଳନା କର୍ତୃପକ୍ଷ (ଓସ୍‌ଡମା)ଙ୍କ ଅଧିନରେ ନିର୍ମାଣାଧିନ ରାଜ୍ୟ ବିପର୍ଯ୍ୟୟ ପରିଚାଳନା ଅନୁଷ୍ଠାନ (ଏସ୍ଆଇଡିଏମ୍) ପରିଦର୍ଶନରେ ଯାଇ ନିର୍ମାଣାଧିନ ଅନୁଷ୍ଠାନ ବୁଲି ଦେଖିଥିଲେ । ଏହି ଅନୁଷ୍ଠାନ ଭବିଷ୍ୟତ ରୂପରେଖ ଅନୁଯାୟୀ ଏହା ବିପର୍ଯ୍ୟୟ ପରିଚାଳନା କ୍ଷେତ୍ରରେ ଏକ ଉତ୍କର୍ଷ କେନ୍ଦ୍ର ଭାବେ ଗଢ଼ିଉଠିବ। ଏଠାରେ ସରକାରୀ ଅଫିସର, ନିର୍ବାଚିତ ପ୍ରତିନିଧି ଓ ଗୋଷ୍ଠୀଗତ ସ୍ୱେଚ୍ଛାସେବୀ, ଓଡ୍ରାଫ୍‌ର କର୍ମଚାରୀ ଓ ଅନ୍ୟ ସହଭାଗୀମାନଙ୍କୁ ବିପର୍ଯ୍ୟୟ ପରିଚାଳନାର ବିଭିନ୍ନ ଦିଗ ସମ୍ପର୍କରେ ତାଲିମ ଦିଆଯିବ । ମନ୍ତ୍ରୀ ଏହି ଅବସରରେ ପ୍ରକଳ୍ପର ଅଗ୍ରଗତି ସମ୍ପର୍କରେ ସମୀକ୍ଷା କରିବା ସହ ଖୁବ୍‌ଶୀଘ୍ର ଏହାର କାର୍ଯ୍ୟ ସମାପ୍ତ କରିବାକୁ ନିର୍ଦ୍ଦେଶ ଦେଇଥିଲେ । ମନ୍ତ୍ରୀ ଓଡ୍ରାଫ୍ ରେ ତାଲିମରତ ଯବାନମାନଙ୍କ ସହ ଭାବ ବିନିମୟ କରିବା ଅବସରରେ ସେମାନଙ୍କର ଦକ୍ଷତା ବୃଦ୍ଧି ସହ ଆପଦକାଳୀନ ପରିସ୍ଥିତିରେ ଜୀବନ ରକ୍ଷା କରିବାର କୌଶଳ ଓ ଅନ୍ୱେଷଣ ଓ ଉଦ୍ଧାର କାର୍ଯ୍ୟରେ ପାରଦର୍ଶିତା ହାସଲ କରିବାକୁ ପରାମର୍ଶ ଦେଇଥିଲେ ।

# ବଗଡ଼ାରେ ବେଆଇନ ଚାଉଳ ମିଲକୁ ଗ୍ରାମବାସୀଙ୍କ ବିରୋଧ

କେନ୍ଦ୍ରାପଡ଼ା, ୨୬/୬ (ନି.ପ୍ର): କେନ୍ଦ୍ରାପଡ଼ା ବ୍ଲକ ଅନ୍ତର୍ଗତ ବଗଡ଼ା ଠାରେ ନିର୍ମାଣଧୀନ ଥିବା ଚାଉଳ ମିଲ୍‌କୁ କେତେକ ଗ୍ରାମବାସୀ ବିରୋଧ କରି ଜିଲ୍ଲାପାଳଙ୍କ ନିକଟରେ ଏହାକୁ ବନ୍ଦ କରିବା ପାଇଁ ଦାବି କରିଛନ୍ତି। ବଗଡ଼ାରେ ନିର୍ମାଣଧୀନ ଥିବା ଏହି ଚାଉଳ ମିଲ୍ କୌଣସି ଅନୁମତି ନପାଇ ଜୋର ଜବରଦସ୍ତ ନିର୍ମାଣ କାର୍ଯ୍ୟ କରୁଥିବାରୁ ସ୍ଥାନୀୟ ଅଂଚଳରେ ଅସନ୍ତୋଷ ପ୍ରକାଶ ପାଇଛି। ଏନେଇ ଗ୍ରାମବାସୀମାନେ ଜିଲ୍ଲା ଯୋଗାଣ ଅଧିକାରୀ, ସ୍ଥାନୀୟ ତହସିଲଦାର, ଆର୍.ଆଇ. ଓ ପାରାଦ୍ୱୀପ ପ୍ରଦୂଷଣ ବିଭାଗକୁ ଲିଖିତ ଅଭିଯୋଗ କରି ଏହାକୁ ବନ୍ଦ କରିବା ପାଇଁ ଦାବି ଜଣାଇଛନ୍ତି। କୌଣସି ଅନୁମତି ନପାଇ ମିଲ୍ ମାଲିକ କିଭଳି ଏହାକୁ ନିର୍ମାଣ କରୁଛନ୍ତି ତାହା ଆଶ୍ଚର୍ଯ୍ୟ ପ୍ରକାଶ ପାଇଛି। ଏହି ଚାଉଳ ମିଲ୍ ହେବା ଦ୍ୱାରା ସ୍ଥାନୀୟ ଅଂଚଳରେ ପ୍ରଦୂଷଣ ଓ ଜଳବାୟୁ ଦୂଷିତ ହେବା ସହ ଲୋକମାନେ ଅସୁବିଧାର ସମ୍ମୁଖୀନ ହେବେ ବୋଲି ଅକ୍ଷୟ କୁମାର ମହାନ୍ତି, ଧନେଶ୍ୱର ସାହାଣୀ, ଅରକ୍ଷିତ ପରିଜା, ଗଣେଶ ନାୟକ, ଗୀତାଞ୍ଜଳୀ ମହାନ୍ତି, ବୈଜୟନ୍ତ ନାୟକ ପ୍ରମୁଖ ଜିଲ୍ଲାପାଳଙ୍କୁ ଭେଟି ଏହାକୁ ବନ୍ଦ କରିବା ପାଇଁ ଦାବି କରିଛନ୍ତି।

# ଆସୁଛି ବର୍ଷା: ପୁଣି ବୁଡିବ ମାଲକାନଜିରି ଜିଲ୍ଲାର ୯ଟି ବ୍ରିଜ

ମାଲକାନଗିରି, ୨୬/୬ (ନି.ପ୍ର): ଆସୁଛି ବର୍ଷା। ମାଲକାନଗିରି ଜିଲ୍ଲା ପୁଣି ହେବ ବେହାଲ। ବର୍ଷା ଦିନେ ଜିଲ୍ଲାର ବହୁ ତଳିଆ ବ୍ରିଜ ଉପରେ ପାଣି ଚାଲିବା ଫଳରେ ଯୋଗଯୋଗ ଏକ ପ୍ରକାର ବିଚ୍ଛିନ୍ନ ହେଉଛି। ଏହାଦ୍ୱାରା ଶତାଧିକ ଲୋକେ ପ୍ରଭାବିତ ହେବା ସହ ବହୁ ହିନସ୍ତା ହେଉଥିବା ଲକ୍ଷ୍ୟ କରାଯାଇଛ। ପ୍ରତିବର୍ଷ ଏନେଇ ଗଣମାଧ୍ୟମରେ ଲଗାତାର ଖବର ପ୍ରକାଶ ପାଇବା ପରେ ତତ୍କାଳୀନ ସରକାର ଜିଲ୍ଲାର ୩୨୬ ଜାତୀୟ ରାଜପଥ ଦେଇ ଯାଇଥିବା ସମସ୍ତ ୯ଟି ବ୍ରିଜକୁ ନିର୍ମାଣ କରିବା ପାଇଁ ଅନୁଦାନ ପ୍ରଦାନ କଲେ। ତେବେ ଜିଲ୍ଲାର ଏମଭି-୭ ଗ୍ରାମ ନିକଟରେ ରହିଥିବା ବ୍ରିଜ ସହ ଏମଭି-୧୯, ଆମଲାଯୋଡି, ମହାରାଜପାଲ୍ଲୀ, ପୋଟେରୁ, ପାଙ୍ଗାମ, କାଙ୍ଗରୁକୋଣ୍ଡା, ଏମଭି-୯୦ ଓ ଏମଭି-୯୬ ବ୍ରିଜ ପ୍ରତିବର୍ଷ ବର୍ଷା ଜଳରେ ବୁଡି ରହେ। ଯାହାଫଳରେ ଯୋଗାଯୋଗ ବିଚ୍ଛିନ୍ନ ସହ ବହୁ ଗ୍ରାମ ବାହ୍ୟ ଜଗତରୁ ବିଚ୍ଛିନ୍ନ ହୁଏ। ସରକାର ଏମଭି-୭,ଏମଭି-୧୯, ଅମଲାଯୋଡ଼ି ଏବଂ ମହାରାଜପାଲ୍ଲୀ ବ୍ରିଜ ନିର୍ମାଣ ପାଇଁ ୩୭ କୋଟି ଟଂକା ମଞ୍ଜୁର କରିଥିବା ବେଳେ ଏହି ବ୍ରିଜଗୁଡିକକୁ ଛତିଶଗଡର ବିଜାପୁର ଜିଲ୍ଲାର ଶିବଶକ୍ତି ଇଂଜିନିୟର ୱାର୍କସ କମ୍ପାନୀ ପକ୍ଷରୁ ନିର୍ମାଣ କରାଯାଉଛି। ଏହି ବ୍ରିଜଗୁଡ଼ିକ ୨୦୨୫ ମସିହା ମେ ମାସରେ ସମାପ୍ତ ହେବ ବୋଲି ସମୟ ଧାର୍ଯ୍ୟ ରହିଛି। ସେହିପରି ପୋଟେରୁ, ପାଙ୍ଗାମ, କାଙ୍ଗରୁକୋଣ୍ଡା, ଏମଭି-୯୦ ଏବଂ ଏମଭି-୯୬ ବ୍ରିଜ ନିର୍ମାଣ ପାଇ ୭୯ କୋଟି ଟଂକା ଖର୍ଚ୍ଚ ହେବାକୁ ଥିବା ବେଳେ ଏହାକୁ ବିଲାସପୁରର ବ୍ରିଜେଶ ଅଗ୍ରୱାଲ କମ୍ପାନି ନିର୍ମାଣ କରୁଛି। ଏହି ବ୍ରିଜଗୁଡିକ ସମାପ୍ତ କରିବାର ଶେଷ ସମୟ ରହିଛି ଚଳିତ ଜୁଲାଇ ମାସ। ତେବେ ଦୁଇଟି କମ୍ପାନି ମାତ୍ର ୨୦ ପ୍ରତିଶତ ହିଁ କାମ ସମାପ୍ତ କରିପାରିଛନ୍ତି। ସେହିପରି ଅମଲାଯୋଡି ଏବଂ ମହାରାଜପାଲି ବ୍ରିଜ ପାଇଁ ଜମି ଅଧିଗ୍ରହଣ ହୋଇପାରୁନଥିବାରୁ ବିଳମ୍ବ ହେଉଥିବା ଜାତୀୟ ରାଜପଥ ବିଭାଗ କହିଛି। ବ୍ରିଜର କାମ ଏତେ ମନ୍ଥର ଗତିରେ ଚାଲୁଥିବାରୁ ଏହା ଧାର୍ଯ୍ୟ ସମୟ ସୀମାରେ ସରିବ ନାହିଁ, ଯାହାକୁ ନେଇ ଲୋକେ ନାହିଁ ନଥିବା ହଇରାଣ ହେବାକୁ ପଡିବ। ଆସନ୍ତା ମାସ ସୁଦ୍ଧା ୫ଟି ବ୍ରିଜ କାମ ସରିବା ନେଇ ଯେଉଁ ଲକ୍ଷ୍ୟ ରଖାଯାଇଛି। ତାହା ମାତ୍ର କୋଡ଼ିଏ ପ୍ରତିଶତ ସରିଥିବାରୁ ଏହା ସଂପୂର୍ଣ୍ଣ ହେବାକୁ ଆହୁରି କେତେ ମାସ କି ବର୍ଷ ଲାଗିବ ତାହା କହିବା ମୁସକିଲ। କିଛି ବ୍ରିଜ ମାସ ମାସ ଧରି କାମ ନହୋଇ ଠପ୍ ହୋଇ ପଡିରହିଥିବା ବେଳେ ଆଉ କିଛି ବ୍ରିଜ ମନ୍ଥର ଗତିରେ ଚାଲିଛି।

# ବର୍ଷାରେ ନାକଟିଦେଉଳ ବ୍ଲକ ଘୋଷରାମାଳ ରାସ୍ତା ବିପର୍ଯ୍ୟସ୍ତ

ସମ୍ବଲପୁର, ୨୬/୬ (ନି.ପ୍ର): ଦୁଇ ଘଂଟା ପ୍ରବଳ ବର୍ଷା ହେବା ଫଳରେ ରେଢାଖୋଲ ସବଡିଭିଜନରେ ନାହିଁ ନ ଥିବା କ୍ଷୟ କ୍ଷତି ହୋଇଛି । ଘୋଷରାମାଳ ଠାରୁ ଲାଣ୍ଡିମାଳ ଯାଇଥିବା ରାସ୍ତା ମଝିରେ ବହି ଯାଉଥିବା ଚମ୍ପାଳି ନଈର ପୋଲ୍ ର ଉଇଙ୍ଗ୍ ପିଲାର୍ ଭିତରୁ ମାଟି ଧୋଇ ହୋଇ ଯାଇଛି । ମାତ୍ର ଦୁଇ ଘଂଟାର ବର୍ଷାରେ ଏଭଳି ଅବସ୍ଥା ହୋଇଛି । ଅଧିକ ବର୍ଷା ହେଲେ ସଂପୁର୍ଣ ଧୋଇ ହୋଇଯିବା ଭଳି ସ୍ଥିତି ରହିଛି । ଘୋଷରାମାଳ-ଲାଣ୍ଡିମାଳ ରାସ୍ତା ଉପରେ ୫ଟି ଗ୍ରାମର ଶ୍ରମିକ, ଚାଷୀ, ଚାକରିଆ ଓ ଛାତ୍ର ଛାତ୍ରୀ ନିର୍ଭର କରିଥାଆନ୍ତି । ଏହି ରାସ୍ତା ଦେଇ ଛାତ୍ର ଛାତ୍ରୀ ହାଇ ସ୍କୁଲ ଆଦର୍ଶ ବିଦ୍ୟାଳୟ ଶିଶୁ ମନ୍ଦିର ଓ ନାକଟିଦେଉଳ ମହାବିଦ୍ୟାଳୟ କୁ ପାଠ ପଢିବାକୁ ଯାଇଥାଆନ୍ତି । ସୂଚନାଯୋଗ୍ୟ ଯେ, ଦୁଇ ବର୍ଷ ହେଲା ଘୋଷରାମାଳ ଠାରେ ସାପ୍ତାହିକ ହାଟ ଖୋଲିଛି । ଲୋକଙ୍କ କହିବା ଅନୁସାରେ, ନିମ୍ନ ମାନର କାର୍ଯ୍ୟ ପାଇଁ ରାସ୍ତାର ଅବସ୍ଥା ଏମିତି ହୋଇଛି । ଘୋଷରାମାଳ-ଲାଣ୍ଡିମାଳ ରାସ୍ତାର ପୁର୍ନନିର୍ମାଣ ପାଇଁ ଦାବୀ ହେଉଛି ।

ଧ୍ୱନି ପ୍ରତିଧ୍ୱନି
♣ ବାଲେଶ୍ୱର ♣ ଗୁରୁବାର, ୨୭ ଜୁନ୍, ୨୦୨୪

## ଧାରାବାହିକ:

ଭାଗ-୧୨

# ସଂକ୍ଷିପ୍ତ ଭାଗବତ କଥାମୃତ



ଡ. ଶ୍ରୀହରି ପଣ୍ଡା



(ପୂର୍ବ ପ୍ରକାଶିତ ଉତ୍ତାରୁ)

୧୯ଶ ଅଧ୍ୟାୟ

**।। ହିରଣ୍ୟାକ୍ଷ ବଧ ।।**

ବ୍ରହ୍ମାଙ୍କ ପ୍ରାର୍ଥନା ସ୍ୱୀକାର କଲେ ଭଗବାନ । ଏହି ସମୟରେ ଦୈତ୍ୟ ଜୋରରେ ଆଘାତ କରିବାରୁ ଭଗବାନଙ୍କ ହାତରୁ ଗଦା ଛିଟିକି ପଡିବାରୁ ଦେବତାଗଣ ହା ହା କାର କରିଉଠିଲେ, ମାତ୍ର ଗଦା ପରିବର୍ତ୍ତେ କୋଟି ସୂର୍ଯ୍ୟର ତେଜକୁ ନେଇ ସୁଦର୍ଶନ ଦକ୍ଷିଣ ହସ୍ତରେ ଶୋଭାପାଇଲେ । ଏହି ସମୟରେ ଦୈତ୍ୟ ପ୍ରଚଣ୍ଡ ଆଘାତ କରିବାରୁ ଭଗବାନ ତାର ଗଦାଟିକୁ ଛଡାଇ ହାତରେ ଧରିନେଲେ । ଦୈତ୍ୟ ଭଗବାନଙ୍କ ମୁହଁକୁ ଚାହିଁଥିବା ସମୟରେ ଚକ୍ରରାଜ ତାର ମସ୍ତକ ଛେଦନ କଲେ । ସମସ୍ତ ଦେବତାମାନେ ଏହି ଭୃତ୍ୟବତ୍ସଳ ପ୍ରଭୁଙ୍କର ମୋକ୍ଷ ପ୍ରଦାନକାରୀ ଅବତାରକୁ ପ୍ରଣତି ଜଣାଇବା ସହ ସ୍ତୁତି କଲେ ।

୨୦ଶ ଅଧ୍ୟାୟ

**।। ବ୍ରହ୍ମାଙ୍କର ସୃଷ୍ଟିର ବର୍ଣ୍ଣନା ।।**

ବିଦୁରଙ୍କ ପ୍ରଶ୍ନରେ ମୈତ୍ରେୟ କହିଲେ, ବ୍ରହ୍ମା ପୁନର୍ବାର ସୃଷ୍ଟି ରଚନାରେ ଲାଗିଗଲେ । ତାଙ୍କ ଜଙ୍ଘରୁ ଜାତ ଅସୁରମାନେ ଅତ୍ୟନ୍ତ ଲମ୍ପଟ ହୋଇ ମୈଥୁନ କାମନାରେ ବ୍ରହ୍ମାଙ୍କ ପଶ୍ଚାତଧାବନ କରିବାରୁ ବ୍ରହ୍ମା ଯାଇ ଶ୍ରୀହରିଙ୍କ ଶରଣାପନ୍ନ ହୋଇ ଉପାୟ ପଚାରିଲେ । ଭଗବାନ ଏହି କଳଙ୍କିତ ଶରୀର ତ୍ୟାଗ କରିବାକୁ କହିବାରୁ ବ୍ରହ୍ମା ନିଜର ଶରୀର ତ୍ୟାଗ କଲେ ଯାହା ସାୟନ୍ତନ ସନ୍ଧ୍ୟା ଏବଂ ଚନ୍ଦ୍ର ଜ୍ୟୋତ୍ସ୍ନାରେ ପରିଣତ ହେଲା । ବିଶ୍ୱାବସୁ ଆଦି ଗନ୍ଧର୍ବମାନେ ତାହା ନିଜ ଶରୀରରେ ଗ୍ରହଣ କଲେ । ଅସୁରମାନେ ତାହାକୁ ଏକ ନାରୀ ମନେ କରି ମୁଗ୍ଧ ହୋଇ ତାକୁ ଚାଟୁକ୍ତି କରିବାକୁ ଲାଗିଲେ । ବ୍ରହ୍ମା ଏହାପରେ ନିଜ ମୂର୍ତ୍ତିରୁ ଗନ୍ଧର୍ବ ଓ ଅପସରାମାନଙ୍କୁ ସୃଷ୍ଟିକଲେ । ବ୍ରହ୍ମାଙ୍କ ଆଳସ୍ୟରୁ ଦିଗମ୍ବର ଓ ମୁକ୍ତକେଶ ଭୂତ, ପ୍ରେତ, ପିଶାଚ ଏବଂ ନିଦ୍ରାର ସୃଷ୍ଟି ହେଲା । ଯାହା ପାଇଁ ଇନ୍ଦ୍ରିୟରେ ଶିଥିଳତା ଦେଖାଗଲା । ତେଣୁ ଆଳସ୍ୟ ହେତୁ ଉଚ୍ଛିଷ୍ଟ ମୁହଁରେ ନିଦ୍ରାଗଲେ ଭୂତ, ପ୍ରେତ ଆକ୍ରମଣ କରନ୍ତି । ପ୍ରାଣୀ ଉନ୍ମାଦ ସମ ହୁଏ । ବ୍ରହ୍ମାଙ୍କ ସେହି ଅଦୃଶ୍ୟ ଶରୀରରୁ ସାଧ ଓ ପିତୃଗଣ ସୃଷ୍ଟିହୋଇ ଅଦୃଶ୍ୟ କାୟାକୁ ଗ୍ରହଣ କଲେ । ଏହାପରେ ଅନ୍ତର୍ଦ୍ଧାନ କ୍ଷମତା ନେଇ ସିଦ୍ଧ ବିଦ୍ୟାଧରମାନେ ସୃଷ୍ଟିହେଲେ । ବ୍ରହ୍ମା ଉପଲବ୍ଧି କଲେ ଯେ ସୃଷ୍ଟି କାର୍ଯ୍ୟ ଠିକ ଚାଲୁନାହିଁ, ତେଣୁ ସେ ଶରୀର ତ୍ୟାଗ କରିବାରୁ ସେଥିରୁ ଫଣାଧାରୀ ସର୍ପକୁଳ ଜାତହେଲେ । ଏହାପରେ ବ୍ରହ୍ମା ଧ୍ୟାନସ୍ଥ ହୋଇ ଉଜ୍ୱଳ ଶରୀର ପାଇବା ସହ ଋଷିକୁଳ ସୃଷ୍ଟି କଲେ ଯେଉଁମାନେ ବ୍ରହ୍ମାଙ୍କ ନିର୍ଦ୍ଦେଶରେ ସୃଷ୍ଟି ରଚନାରେ ସହାୟକ ହେଲେ ।

୨୧ଶ ଅଧ୍ୟାୟ

**।। କର୍ଦ୍ଦମ ଋଷିଙ୍କ ତପସ୍ୟା ଓ ବରଲାଭ ।।**

ଶ୍ରୀ ମୈତ୍ରେୟ ବିଦୁରଙ୍କୁ କହିଲେ, ବିଦୁର ! ମହର୍ଷି କର୍ଦ୍ଦମ ବ୍ରହ୍ମାଙ୍କ ନିର୍ଦ୍ଦେଶରେ ସୃଷ୍ଟି ରଚନା ନିମିତ୍ତ ଏକ ସହସ୍ର ବର୍ଷ ତପସ୍ୟା କରି ଭଗବାନଙ୍କ ଦର୍ଶନ ପ୍ରାପ୍ତ ହେବା ସହ ସୃଷ୍ଟି ସଂରଚନା ନିମନ୍ତେ ଏକ ସୁଶୀଳ କନ୍ୟା କାମନା କଲେ । କାରଣ ସ୍ତ୍ରୀ ବିନା ଦେବ, ଋଷି ଓ ପିତୃଋଣ ସୁଝିହେବ ନାହିଁ । ଭଗବାନ ଆପଣଙ୍କ କାଳଚକ୍ର ଜଗତର ସମସ୍ତଙ୍କ ଆୟୁ ହରଣ କରୁଥିଲେ ହେଁ ଜନ୍ମ ଓ ମୃତ୍ୟୁକୁ ସମାନ ଦେଖୁଥିବା ଲୋକ ସେଥିରେ ଭୟଭୀତ ହୁଅନ୍ତି ନାହିଁ । ବ୍ରହ୍ମା ଆପଣଙ୍କ କାଳଚକ୍ରର ଅକ୍ଷଦଣ୍ଡ । ମଳମାସ ସହିତ ତ୍ରୟୋଦଶ ମାସ ଏହାର ଅର । ତିନିଶତ ଷାଠିଏ ପବ । ଷଡଋତୁ ତାହାର ନେମୀ ବା ହାଲ ଅଟେ । ଏହାଛଡା ଅସଂଖ୍ୟ ଲବ ଆଦି ଏହାର ପତ୍ରକାର ଧାରା । ତିନି ଚାତୁର୍ମାସ୍ୟ ଏହାର ନାଭି । ଏହା ଅତି ପ୍ରବଳ ବେଗରେ ଘୁରୁଛି । ଭଗବାନ କହିଲେ ତୁମର ଇଚ୍ଛା ପୂରଣ ହେବ । ମନୁ ନିଜର କନ୍ୟା ଦେବହୂତୀଙ୍କୁ ତୁମ୍ଭଙ୍କୁ ଅର୍ପଣ କରିବେ । ତୁମ୍ଭ ଔରସରୁ ୯ ଗୋଟି କନ୍ୟା ଜାତ ହେବେ ଏବଂ ସେମାନେ ମଧ୍ୟ ବିଭିନ୍ନ ଋଷିମାନଙ୍କ ସହ ସନ୍ତାନ ଜନ୍ମ କରିବେ । ତୁମ୍ଭେ ଗୃହସ୍ଥାଶ୍ରମରେ ରହି ସମସ୍ତ କର୍ମଫଳ ମୋତେ ଅର୍ପଣ କରିଦେଇ ମୋର ସ୍ୱରୂପ ପ୍ରାପ୍ତ ହେବ । ମୁଁ ମଧ୍ୟ ମୋର କଳାଂଶ ନେଇ ତୁମରି ଔରସରୁ ଦେବହୂତୀ ଗର୍ଭରୁ ଜାତ ହୋଇ ତତ୍ତ୍ୱ ସଂହିତା ରଚନା କରିବି ।

୨୨ଶ ଅଧ୍ୟାୟ

**।। ଦେବହୂତିଙ୍କ ସହ କର୍ଦ୍ଦମ ଋଷିଙ୍କ ବିବାହ ।।**

ଠିକ ସମୟରେ ମହାରାଜା ମନୁ ସସ୍ତ୍ରୀକ ନିଜର କନ୍ୟା ଦେବହୂତୀଙ୍କୁ ସାଥିରେ ଧରି କର୍ଦ୍ଦମ ଋଷିଙ୍କ ଆଶ୍ରମରେ ଉପସ୍ଥିତ ହୋଇ ତାଙ୍କର ତେଜୀୟାନ ରୂପ ଦେଖି ମୁଗ୍ଧ ହେଲେ । ଋଷି କର୍ଦ୍ଦମ ମଧ୍ୟ ଦେବହୂତୀଙ୍କ ସୌନ୍ଦର୍ଯ୍ୟରେ ମୁଗ୍ଧ ହେଲେ । ରାଜା ବିବାହ ପ୍ରସ୍ତାବ ଦିଅନ୍ତେ ତାହା ଭଗବାନଙ୍କ ଇଛା ଭାବି ଗୋଟିଏ ସର୍ତ୍ତରେ ରାଜି ହେଲେ । ସର୍ତ୍ତଥିଲା କେବଳ ସନ୍ତାନ ଉତ୍ପତ୍ତି ପର୍ଯ୍ୟନ୍ତ ଋଷି ଗ୍ରାହ୍ୟସ୍ଥ ଧର୍ମ ପାଳନ କରିବେ ଓ ପରେ ଜ୍ଞାନମାର୍ଗ ଅନ୍ୱେଷଣରେ ଯାତ୍ରା କରିବେ । ଯଥାବିଧି ବିନାହ ସମ୍ପନ୍ନ ହେଲା । ରାଣୀ ଶତରୂପା ବହୁ ମୂଲ୍ୟବାନ ଭୂଷଣ ଓ ଗୃହୋପକରଣ ପ୍ରଦାନ କଲେ । ରାଜା ଉଚିତ୍ ପାତ୍ରରେ କନ୍ୟାଦାନ କରିଥିବାରୁ ପ୍ରସନ୍ନ ହେଲେ ମାତ୍ର ଭବିଷ୍ୟତରେ କନ୍ୟା ବିରହ କଥା ସ୍ମରଣ କରି କେତେକାଂଶରେ ଦୁଃଖାଭିଭୂତ ହେଲେ । କନ୍ୟାକୁ ଆଲିଙ୍ଗନ କରି ତାର ସେହି ଦୁଃଖଦ ଭବିଷ୍ୟତ କଥା ମନେ ପକାଇ ବାଷ୍ପବାରୀ ମୋଚନ କରୁ କରୁ ସେ ସ୍ଥାନ ପରିତ୍ୟାଗ କଲେ ।

୨୩ଶ ଅଧ୍ୟାୟ

**।। କର୍ଦ୍ଦମ ଋଷିଙ୍କ ପ୍ରଣୟ ବିହାର ।।**

ବିବାହ ପରେ ଦେବହୂତୀ ସ୍ୱାମୀ କର୍ଦ୍ଦମଙ୍କର ସେବା ପାର୍ବତୀ ଶିବଙ୍କର କଲାଭଳି କରିବାକୁ ଲାଗିଲେ । ବ୍ରତାଚାର ଓ ସେବାରେ ସେ ଦୁର୍ବଳ ହେବାକୁ ଲାଗିଲେ । ଦିନେ କର୍ଦ୍ଦମ ଋଷି କହିଲେ, ପ୍ରିୟେ ! ମୋର ସେବାରେ ତୁମେ ଅତ୍ୟନ୍ତ ଦୁର୍ବଳ ହୋଇଗଲଣି, ତୁମର ସାହାଚର୍ଯ୍ୟ ପାଇ ମୁଁ ମୋର ତପକାର୍ଯ୍ୟ ନିର୍ବିଘ୍ନରେ ସମ୍ପାଦନ କରିପାରୁଛି । ସେହି ତପରେ ତୁମର ସମାନ ଅଧିକାର ଥିବାରୁ ମୁଁ ତୁମକୁ ଦିବ୍ୟଦୃଷ୍ଟି ପ୍ରଦାନ କରୁଛି ଯେଉଁଥିରେ ତୁମେ ତପର ବଳ ଓ ଐଶ୍ୱର୍ଯ୍ୟ ଭୋଗ କରିପାରିବ । ଦେବହୂତୀ କହିଲେ, ହେ ସ୍ୱାମିନ୍ ! ଆପଣଙ୍କ ଭଳି ପ୍ରସିଦ୍ଧ ସାଧୁଙ୍କୁ ପାଇ ମୁଁ ଧନ୍ୟା ହୋଇଛି । ଆପଣ ବିବାହ ସମୟରେ ଯେଉଁ ସର୍ତ୍ତ ରଖିଥିଲେ ତାକୁ ପୂରଣ କରନ୍ତୁ, ଦୟାପୂର୍ବକ ମୋ ସହ ରମଣ କରି ସନ୍ତାନ ସୃଷ୍ଟି କରନ୍ତୁ । ଆପଣଙ୍କର ଆଦେଶରେ ମୁଁ ଭୋଜନାଦି ଗ୍ରହଣ କରି ରମଣକ୍ଷମ ହୁଏ । ପ୍ରିୟା ଅଭିଳାଷ ପୂରଣ ନିମିତ୍ତ କର୍ଦ୍ଦମ ଋଷି ନିଜ ତପୋବଳରେ ଏକ ସ୍ୱୟଂ ଚାଳିତ ସର୍ବତ୍ରଗାମୀ ବିମାନ ସୃଷ୍ଟିକଲେ । ସେଥିରେ ସମସ୍ତ ପ୍ରକାର ଉପଭୋଗ୍ୟ ଓ ଆମୋଦ ପ୍ରମୋଦ, ଦିବ୍ୟ ପଲଙ୍କାଦି ଥିଲା । ତାହା ଦେଖି ଦେବହୂତୀ ଖୁସି ହୋଇଗଲେ ହେଁ ନିଜକୁ ଲକ୍ଷ୍ୟ କରି ଅପରିଚ୍ଛନ୍ନ ବସ୍ତ୍ର ଓ ଶ୍ରୀର୍ଣ୍ଣ ମଳିନ ଶରୀର ଦେଖି ସଂକୋଚ କରିବାରୁ ସ୍ୱାମୀ ପତ୍ନୀର ମନୋଭାବ ବୁଝି କହିଲେ, ଦେବୀ ! ତୁମେ ଏହି ସରସ୍ୱତୀ ନଦୀ ଜଳରେ ସ୍ନାନକରି ଦେବ ବିମାନରେ ଅରୋହଣ କର । ଦେବୀ ଦେବହୂତୀ ସରସ୍ୱତୀ ନଦୀର ଜଳରେ ପ୍ରବେଶ କରନ୍ତେ କାହୁଁ ପଦ୍ମଗନ୍ଧା ତରୁଣୀମାନେ ପହଞ୍ଚି ତାଙ୍କୁ ପ୍ରଣାମ କରି କହିଲେ, ହେ ଦେବୀ, ଆମ୍ଭେମାନେ ଆପଣଙ୍କର ଦାସୀ, ଆମ ପ୍ରତି ଆଜ୍ଞା ହେଉ । ଏହା କହି ଦେବହୂତୀଙ୍କ ଶରୀରରେ ସୁଗନ୍ଧ ତୈଳ, ଅଙ୍ଗରାଗ ଆଦି ଲେପନ କରି ସ୍ନାନ କରାଇ ଦିବ୍ୟ ପାଟବସ୍ତ୍ରରେ ନାନା ଅଳଙ୍କାର ସର୍ବାଙ୍ଗ ମଣ୍ଡିତ କରାଇ ପୂର୍ବପରି ସୁନ୍ଦର କରାଇଲେ । ଦେବହୂତୀ ନିଜର ଶରୀର ଶୋଭାକୁ ନିଜେ ଦେଖି ଆଶ୍ଚର୍ଯ୍ୟ ଓ ଆନନ୍ଦିତ ହୋଇ ସ୍ୱାମୀଙ୍କୁ ସ୍ମରଣ କରିବାରୁ ଋଷି ଆସି ଦେଖିଲେ ସ୍ତ୍ରୀ ବିବାହ ସମୟ ଅପେକ୍ଷା ଆଧିକ ସୁନ୍ଦର ଓ ଆକର୍ଷଣୀୟ ଦେଖା ଯାଉଛନ୍ତି ସେ ତାଙ୍କର ହସ୍ତଧରି ବିମାନ ଆରୋହଣ କଲେ ଓ ବହୁକାଳ ଆନନ୍ଦରେ ତାଙ୍କ ସହି କ୍ରୀଡା କଲେ ଯାହାକି ମୁହୂର୍ତ୍ତ ଭଳି ଉଭୟଙ୍କୁ ଲାଗୁଥିଲା । ଦେବହୂତୀ ନଅଗୋଟି ଅତ୍ୟନ୍ତ ରୂପବତୀ କନ୍ୟା ଜନ୍ମକଲେ, ସେମାନଙ୍କ ଶରୀରରୁ ରକ୍ତପଦ୍ମର ସୌରଭ ନିର୍ଗତ ହେଉଥାଏ । ଏହାପରେ ସର୍ତ୍ତ ମୁତାବକ ଋଷି କର୍ଦ୍ଦମ କହିଲେ, ପ୍ରିୟେ, ମୋର ବନକୁ ଯିବାର ସମୟ ଉପସ୍ଥିତ । ଦେବହୂତୀ ଏଥିରେ ଭାଙ୍ଗିପଡି କହିଲେ ସ୍ୱାମୀ, ଆପଣଙ୍କ ବିନା ମୁଁ ସମ୍ପୂର୍ଣ୍ଣ ନିରାଶ୍ରୟା ହେବି । ଏହି କନ୍ୟାମାନଙ୍କୁ ମୁଁ କିଭଳି ଉପଯୁକ୍ତ ପାତ୍ରରେ ପ୍ରଦାନ କରିପାରିବି ତା'ଛଡା ଏତେ ଶୀଘ୍ର ମୁଁ ବନ୍ଧନରୁ ମୁକ୍ତ ହେବାକୁ ଚାହୁଁନାହିଁ ।

୨୪ ଶ ଅଧ୍ୟାୟ

**।। ଶ୍ରୀ କପିଳ ଦେବଙ୍କ ଜନ୍ମ ।।**

ଋଷି ନିଜ ପତ୍ନୀର ଏହି ବିଷାଦିତ କଥା ଶୁଣି କହିଲେ, ନିଜକୁ ଭାଗ୍ୟହୀନା ବୋଲି କୁହନାହିଁ କି ଦୁଃଖ କରନାହିଁ । ତୁମ ନିକଟରୁ ସ୍ୱୟଂ ଭଗବାନ ଜନ୍ମନେବେ, ଏଣୁ ତାଙ୍କର ଆରାଧନା କର । ଦେବହୂତି ମଧ୍ୟ ସେୟା କଲେ । ଯଥା ସମୟରେ ଭଗବାନ ବିଷ୍ଣୁ କର୍ଦ୍ଦମ ଋଷିଙ୍କ ବୀର୍ଯ୍ୟରେ ଆଶ୍ରୟ ଗ୍ରହଣ କରି ଦେବହୂତୀଙ୍କ ଗର୍ଭରୁ ଜାତ ହେଲେ । ବ୍ରହ୍ମା ଆସି ଋଷି ଦମ୍ପତିଙ୍କୁ ଆଶୀର୍ବାଦ ପ୍ରଦାନ ପୂର୍ବକ କହିଲେ, କର୍ଦ୍ଦମ ତୁମେ ମୋର ଆଦେଶରେ ଏକଶତ ବର୍ଷ ତପସ୍ୟା କରି ସୃଷ୍ଟି ସଂରଚନାରେ ଅଂଶ ଗ୍ରହଣ କରିଥିବାରୁ ଆମ୍ଭେ ଓ ଭଗବାନ ଉଭୟେ ପ୍ରସନ୍ନ । ସ୍ୱୟଂ ଭଗବାନ ତୁମ୍ଭ ଔରସରୁ ଜନ୍ମ ନେଇଛନ୍ତି ଯାହାଙ୍କୁ ସମସ୍ତେ 'କପିଳ' ନାମରେ ଜାଣିବେ । ତୁମେ ମରୀଚି ଆଦି ଋଷିମାନଙ୍କୁ ତୁମ ନବକନ୍ୟା ପ୍ରଦାନ କର କହି ସେ ସ୍ଥାନରୁ ବିଦାୟ ନେଲେ । ବ୍ରହ୍ମାଙ୍କ ନିର୍ଦ୍ଦେଶାନୁଯାୟୀ କର୍ଦ୍ଦମ ଋଷି ମରୀଚି, ଅତ୍ରି, ଅଙ୍ଗୀରା, ପୁଲ୍ୟସ୍ତ, ବଶିଷ୍ଠ ଆଦିମୁନିମାନଙ୍କୁ ନବକନ୍ୟା ପ୍ରଦାନ କରି ଶିଶୁରୂପୀ ଭଗବାନଙ୍କୁ ଏକାନ୍ତରେ ସାକ୍ଷାତ କଲେ । ଭଗବାନଙ୍କର ସ୍ତୁତି କରିବା ସହ ପୁତ୍ରରୂପରେ ଜନ୍ମ ନେଇଥିବାରୁ କୃତଜ୍ଞତା ପ୍ରକାଶ କଲେ । ଭଗବାନ କହିଲେ,ହେ ପୁଣ୍ୟାତ୍ମା ମହର୍ଷି ! ମୁଁ ତୁମର ପୁତ୍ରହେବି ଯେଉଁ କଥା ଦେଇଥିଲି ତାହା ପାଳନ କରିଛି । ଲିଙ୍ଗ-ଶରୀର-ମୁକ୍ତି-କାମୀ ଲୋକଙ୍କ ମଧ୍ୟରେ କାଳ ବଶତଃ ବିନଷ୍ଟ, ବିସ୍ମୃତ ହୋଇଥିବା ଆତ୍ମଦର୍ଶନର ତତ୍ତ୍ୱ ପ୍ରଚାର କରିବା ହିଁ ମୋ ଜନ୍ମର ମୁଳଲକ୍ଷ୍ୟ । ଏବେ ତୁମେ ବନଗମନ କର, ମାତାଙ୍କୁ ମଧ୍ୟ ମୁଁ ଆତ୍ମଜ୍ଞାନ ପ୍ରଦାନ କରିବି ଯେଉଁଥିରେ ସେ ମୁକ୍ତ ହେବେ । ଋଷି ଭଗବାନଙ୍କୁ ପ୍ରଦକ୍ଷିଣ ପୂର୍ବକ ବନକୁ ଗମନ କରି ତପସ୍ୟାରେ ବ୍ରତୀ ହୋଇ ପରମପଦ ପ୍ରାପ୍ତ ହେଲେ । (କ୍ରମଶଃ)

+ଗୌଡ଼ଗାଁ, କପ୍ତିପଦା, ମୟୂରଭଞ୍ଜ
(ମୋ) ୯୮୫୩୯୪୮୪୫୮

# କର୍ମଜୀବୀ ମହିଳା କିପରି କରିବେ ଟାଇମ୍ ମ୍ୟାନେଜ୍‌ମେଂଟ



ଆମକୁ ଛୋଟ ବେଳୁ କୁହାଯାଇଥାଏ ଯେ, 'ସମୟ ସବୁଠୁ ବଳବାନ' । ଆମେ ଯଦି ସମୟକୁ ସଠିକ୍ ଭାବେ ଉପଯୋଗ କରିପାରିବା ତାହାଲେ ସେ ଆମକୁ ସଠିକ୍ କର୍ମ ଫଳ ଦେବ । ଛୋଟରୁ ବଡ଼ ହେଲା ପର୍ଯ୍ୟନ୍ତ ବାପା ମାଆ ସବୁବେଳେ କହିଥାନ୍ତି ଯେ, ଝିଅ ସମୟ ନଷ୍ଟ କରନା, ନ ହେଲେ ଆଗକୁ ବହୁତ ଅସୁବିଧା ହେବ । କିନ୍ତୁ ସତ କହିଲେ, ଆମ ଭିତରେ କେତେଜଣ ଅଛନ୍ତି ଯେଉଁମାନେ ସମୟର ସଠିକ୍ ଉପଯୋଗ କରିଥାନ୍ତି ?

ଆମେ ଯେତେ ବଡ଼ ହେଉ ଆମ ଉପରେ ଦାୟିତ୍ୱ ମଧ୍ୟ ବଢ଼ି ବଢ଼ି ଚାଲିଥାଏ । ସେ ସବୁ ଦାୟିତ୍ୱ ସମ୍ପାଦନ କରିବା ଭିତରେ ଆମ ପାଖରେ ସମୟର ଅଭାବ ଦେଖାଦେଇଥାଏ । ବିଶେଷ କରି ଆଜିକାଲିର କର୍ମଜୀବୀ ମହିଳାଙ୍କ କ୍ଷେତ୍ରରେ ସମୟର ଘୋର ଅଭାବ ଦେଖାଦେଇଥାଏ । ଆମେ ଯଦି କୌଣସି କର୍ମଜୀବୀ ମହିଳାଙ୍କୁ କିଛି ପଚାରିଥାଉ ତାହାଲେ ସେମାନଙ୍କଠାରୁ ପ୍ରଥମ ଉତ୍ତର ଏଇୟା ଶୁଣିବାକୁ ମିଳେ ଯେ, ଏତେ ସବୁ କାମ କରିବାକୁ ସମୟ କୋଉଠି ମିଳୁଛି ।

ତେବେ ଘରେ ମହିଳା ମାନଙ୍କ ଉପରେ ବିଶେଷ କରି ବିବାହିତ ମହିଳା ମାନଙ୍କ ଉପରେ ଅନେକ ପ୍ରକାର ଦାୟିତ୍ୱ ରହିଥାଏ । ସେମାନେ ନିଜ ପରିବାରର ଦାୟିତ୍ୱ ତୁଲାଇବା ସହ ସହ କର୍ମକ୍ଷେତ୍ରରେ ମଧ୍ୟ ଅନେକ ଦାୟିତ୍ୱ ନିର୍ବାହ କରିଥାନ୍ତି । ତେବେ ଏହି ସବୁ କାମ ଭିତରେ ଟାଇମ୍ ମ୍ୟାନେଜ୍‌ମେଣ୍ଟ ନ କରିବାରୁ ଅଫିସ୍ ଯିବାରେ ଡେରି ହେଇଥାଏ, ନିଜର ଧ୍ୟାନ ନ ରଖିପାରିବା ସହ ଅନ୍ୟମାନଙ୍କୁ ସମୟ ଦେଇ ପାରି ନଥାନ୍ତି ଓ ଏପରି ଆହୁରି ଅନେକ ସମସ୍ୟା ଦେଖାଦେଇଥାଏ ।

ତେବେ ଆପଣ ଯଦି କର୍ମଜୀବୀ ମହିଳା ହୋଇଥାନ୍ତି, ତାହାଲେ ନିଜ ସମୟକୁ କିପରି ବ୍ୟବହାର କରି ସବୁ ଦାୟିତ୍ୱ ସଠିକ୍ ଭାବେ ସମ୍ପାଦନ କରିପାରିବେ, ପଢ଼ନ୍ତୁ..

❐ ଅନେକ ସମୟରେ ଆମେ ଦେଖିଥାଉ ଯେ, ସମୟ ସଠିକ୍ ଭାବେ ପରିଚାଳନା କରିବା ପାଇଁ କେତେଜଣ ଖସଡ଼ା ବା ଟାଇମ୍ ଟେବୁଲ ପ୍ରସ୍ତୁତ କରିଥାନ୍ତି । ସକାଳୁ ଉଠିବାରୁ ଆରମ୍ଭ କରି ରାତିରେ ଶୋଇବା ପର୍ଯ୍ୟନ୍ତ ସବୁ ଟାଇମ୍ ଟେବୁଲ ପ୍ରସ୍ତୁତ କରିଥାନ୍ତି । କିନ୍ତୁ ଦିନେ କି ଦୁଇ ଦିନ ଯାଏ ତାହା କାର୍ଯ୍ୟକାରୀ ହୁଏ ଆଉ ତା ପରେ ପୂର୍ବରୁ ଯାହା ଯେମିତି ଚାଲିଥିଲା ସେମିତି ଚାଲେ । କିନ୍ତୁ ଆପଣଙ୍କର ଯଦି କାମ ସଠିକ୍ ସମୟରେ ହେଉନାହିଁ ତା'ହେଲେ ନିଜର ଏକ ଟାଇମ୍ ଟେବୁଲ୍ ପ୍ରସ୍ତୁତ କରନ୍ତୁ । ପୂରା ଦିନରେ ଆପଣ କ'ଣ କରିବେ ତାର ଏକ ତାଲିକା ପୂର୍ବରୁ ହିଁ ପ୍ରସ୍ତୁତ କରି ସେହି ଅନୁସାରେ କାମ କରନ୍ତୁ ।

❐ ପ୍ରାୟ ସମସ୍ତଙ୍କର ସକାଳେ ଡେରିରେ ଉଠିବା ଅଭ୍ୟାସ ଥାଏ । ଡେରିରେ ଉଠିବା ଖରାପ ଜାଣି ମଧ୍ୟ ଆମେ ତାକୁ ଅଣଦେଖା କରିଥାଉ । ଏଥିପାଇଁ ଅନେକ ସ୍ୱାସ୍ଥ୍ୟ ସମସ୍ୟା ମଧ୍ୟ ଦେଖାଦେଇଥାଏ । ତେବେ ଆପଣ ସବୁବେଳେ ସକାଳେ ଶୀଘ୍ର ଉଠିବାକୁ ଚେଷ୍ଟା କରନ୍ତୁ । କାରଣ ବଡ଼ିସକାଳୁ ଉଠିଲେ ଆପଣ କିଛି ବ୍ୟାୟାମ କରିବା ସହ ଅଫିସ୍ ଯିବା ଆଗରୁ ଘରକାମ ସବୁ ଶୀଘ୍ର ସାରି ପାରିବେ ।

❐ ଆପଣ କମ୍ ସମୟ ଭିତରେ ବହୁତ କିଛି କାମ କରିପାରିବେ । ତେବେ ଏହା ଆପଣଙ୍କ ଉପରେ ନିର୍ଭର କରେ । ଯେପରିକି ସକାଳ ଜଳଖିଆ ପାଇଁ ପୂର୍ବ ଦିନରୁ ପରିବା କାଟି ଫ୍ରିଜ୍‌ରେ ରଖିବା, ଅଫିସ୍ ପିନ୍ଧା ଡ୍ରେସ୍‌କୁ ପୂର୍ବରୁ ଆଇରନ୍ କରି ରଖିବା, ଗାଡ଼ିରେ ଆଗରୁ ପେଟ୍ରୋଲ୍ ଭରି ରଖିବା, ଅଫିସ୍ ବ୍ୟାଗ୍ ସଜାଡ଼ିବା, ଏମିତି ଅନେକ କାମ ଆପଣ ଆଗରୁ କରି ରଖିଲେ ଅଫିସ୍ ଯିବା ସମୟରେ ଆପଣ ତରତରରେ କୌଣସି ଜିନିଷ ଭୁଲିବେ ନାହିଁ ।

❐ କର୍ମଜୀବୀ ମହିଳାମାନଙ୍କୁ ପ୍ରତିଦିନ ଘରର ଆବଶ୍ୟକ ହେଉଥିବା ସାମଗ୍ରୀ କିଣାକିଣି କରିବା ପାଇଁ ସମୟ ହୋଇନଥାଏ । ତେବେ ଆପଣ ଛୁଟି ଦିନରେ ପୁରା ସପ୍ତାହ ପାଇଁ ଜିନିଷ କିଣି ରଖିଦିଅନ୍ତୁ । ଏହା ଦ୍ୱାରା ପ୍ରତିଦିନ ଜିନିଷ କିଣିବାରେ ଆପଣଙ୍କର ସମୟ ବ୍ୟୟ ହେବ ନାହିଁ ।

❐ ଘରର ମହିଳା ଏକା ହିଁ ସବୁ କାମ କରିଥାନ୍ତି । ସେଥିପାଇଁ କାମରେ ଡେରି ହୋଇଥାଏ । ଆପଣ ଯେତେବେଳେ ରୋଷେଇ ବା ଅନ୍ୟ କିଛି କାମ କରୁଥାନ୍ତି ତାହାଲେ ଆପଣଙ୍କ ସ୍ୱାମୀ ବା ଅନ୍ୟ ସଦସ୍ୟମାନଙ୍କୁ ଆପଣଙ୍କୁ ସାହାଯ୍ୟ କରିବାକୁ କୁହନ୍ତୁ । ଯେପରିକି ବଟଲରେ ପାଣି ଭର୍ତ୍ତି କରିଦେବା, ରୁମ୍ ସଜାଡ଼ିଦେବା ଇତ୍ୟାଦି କାମ ଆପଣ ଆପଣ ସ୍ୱାମୀଙ୍କୁ କହି କରାଇ ପାରିବେ ।

# ଏହି ଅଭ୍ୟାସ ଥିବା ଲୋକ କେବେ ଖୁସିରେ ରହିପାରନ୍ତି ନାହିଁ: ହୋଇଯାଆନ୍ତି କାଙ୍ଗାଳ



ମଣିଷ ଜୀବନରେ ଟଙ୍କା ବହୁତ ଗୁରୁତ୍ୱପୂର୍ଣ୍ଣ । କାହିଁକି ନା, ଏହା ମାଧ୍ୟମରେ ମଣିଷ ସମସ୍ତ ପ୍ରକାରର ସାମଗ୍ରୀ ପ୍ରାପ୍ତ କରିପାରିବ । ଏଭଳି ପରିସ୍ଥିତିରେ ଜଣେ ବ୍ୟକ୍ତି ଟଙ୍କା ପାଇବା ପାଇଁ ବିଭିନ୍ନ ପଦକ୍ଷେପ ଗ୍ରହଣ କରିଥାଏ । ସେ କଠିନ ପରିଶ୍ରମ କରେ, କିନ୍ତୁ ଚାହୁଁଥିବା ଫଳ ପାଇନଥାଏ । ଗରୁଡ ପୁରାଣ ଅନୁଯାୟୀ ଏହା ପଛର କାରଣ ହେଉଛି ମଣିଷର କର୍ମ । ଜୀବନରେ ସେମାନଙ୍କ ଦ୍ୱାରା କରାଯାଇଥିବା ଭୁଲ ଯୋଗୁଁ ସେମାନଙ୍କୁ ଆର୍ଥିକ ସଙ୍କଟର ସମ୍ମୁଖୀନ ହେବାକୁ ପଡ଼ିଥାଏ ।

– ଆପଣ ଜୀବନରେ ଯେତେ ସଫଳ ହୁଅ କି ବହୁତ ଟଙ୍କା ରୋଜଗାର କର, କିନ୍ତୁ କାହାକୁ ଅପମାନିତ କରିବାକୁ ଚେଷ୍ଟା କରନ୍ତୁ ନାହିଁ । ପ୍ରାୟତଃ ଦେଖାଯାଏ ଯେ, ଧନୀ ଲୋକମାନେ ଅନ୍ୟମାନଙ୍କୁ ଅପମାନିତ କରିବାକୁ ଚେଷ୍ଟା କରନ୍ତି । ଗରୁଡ ପୁରାଣଙ୍କ ଅନୁଯାୟୀ ଏହା କରିବା ଠିକ୍ ନାହିଁ । ମା' ଲକ୍ଷ୍ମୀ କ୍ରୋଧିତ ହୋଇ ଏପରି ଲୋକମାନଙ୍କଠାରୁ ଦୂରେଇ ଯାଆନ୍ତି ।

– ଗରୁଡ ପୁରାଣ ଅନୁଯାୟୀ, ଯେଉଁମାନେ ଟଙ୍କା ପାଇଁ ଲୋଭ କରନ୍ତି ସେମାନେ କଦାପି ଖୁସି ହୋଇପାରିବେ ନାହିଁ । ଅନ୍ୟପଟରେ ଯେଉଁମାନେ ଅନ୍ୟମାନଙ୍କର ସମ୍ପତ୍ତି ହାସଲ କରିବାକୁ ଚେଷ୍ଟା କରନ୍ତି, ଏପରି ଲୋକମାନେ କୌଣସି ଜନ୍ମରେ ସନ୍ତୁଷ୍ଟ ହୁଅନ୍ତି ନାହିଁ ।

– ଗରୁଡ ପୁରାଣ ଅନୁଯାୟୀ, ଅନ୍ୟମାନଙ୍କୁ ନିନ୍ଦା କରିବା କିମ୍ବା ସମାଲୋଚନା କରିବା ପାପ । ଏପରି ପରିସ୍ଥିତିରେ ଜଣେ ବ୍ୟକ୍ତି ସର୍ବଦା ନିଜ କାମକୁ ନେଇ ଚିନ୍ତିତ ହେବା ଉଚିତ୍ । ଏପରି ଲୋକମାନେ ଜୀବନରେ ସଫଳ ହୋଇପାରିବେ ନାହିଁ ।

– ଗରୁଡ ପୁରାଣ ଅନୁଯାୟୀ, ଜଣେ ବ୍ୟକ୍ତି ସର୍ବଦା ପରିଷ୍କାର ପୋଷାକ ପିନ୍ଧିବା ସହ ଘରକୁ ସଫା ରଖିବା ଉଚିତ୍ । ମା ଲକ୍ଷ୍ମୀ ଏପରି ଏକ ଘରେ ରୁହନ୍ତି, ଯେଉଁଠାରେ ପରିଷ୍କାର ପରିଚ୍ଛନ୍ନତାର ଧ୍ୟାନ ରଖାଯାଏ ।

– ଦହି ସ୍ୱାସ୍ଥ୍ୟ ପାଇଁ ଭଲ ବିବେଚନା ହୋଇଥାଏ । କିନ୍ତୁ ଗରୁଡ ପୁରାଣ ଅନୁଯାୟୀ, ରାତିରେ ଦହି ଖାଇବା ଉଚିତ୍ ନୁହେଁ । ଏପରି କୁହାଯାଏ ଯେ, ରାତିରେ ଦହି ଖାଇବା ଦ୍ୱାରା ଆୟୁଷ କମିଯାଏ ।

# ତୈଳାକ୍ତ ତ୍ୱଚା ଏବଂ ମୁଖ କୁଞ୍ଚନରୁ ଦୂରେଇ ରଖିବ ଧନିଆପତ୍ର



ପ୍ରତିଦିନର ଖାଦ୍ୟରେ ବ୍ୟବହାର ହେଉଥିବା ଧନିଆ ପତ୍ରର ସ୍ୱାସ୍ଥ୍ୟ ପ୍ରତି ଖୁବ୍ ହିତକାରକ । ଏଥିରେ ଥିବା ଆଣ୍ଟି-ଅକ୍ସିଡେଣ୍ଟସ୍ , ବିଟା କେରୋଟିନ୍ , ଭିଟାମିନ୍ ସି ଏବଂ ଫୋଲେଟତ୍ତ୍ୱଚର ପାଇଁ ରାମବାଣ ପରି କାମ କରିଥାଏ । ଧନିଆ ପତ୍ରରେ ଆଣ୍ଟି-ଫଙ୍ଗଲ୍ ତତ୍ତ୍ୱ ଥାଏ ଯାହା ସ୍କିନ୍ ଇନଫେକ୍ସନ୍ ହେବାରୁ ବଂଚାଇଥାଏ । ଏତଦ୍ ବ୍ୟତୀତ ବଢୁଥିବା ବୟସର ପ୍ରଭାବକୁ ବି ଦୂର କରିବା ପାଇଁ ଏହା ଖୁବ୍ ସାହାଯ୍ୟ କରିଥାଏ । ତୈଳାକ୍ତ ତ୍ୱଚା ପାଇଁ ଧନିଆ ପତ୍ର ଖୁବ୍ ଲାଭକାରୀ ହୋଇଥାଏ । ଏହା ତ୍ୱଚାରୁ ଅତିରିକ୍ତ ତୈଳକୁ ଶୁଖାଇ ଦେଇଥାଏ । ଏହି କାରଣରୁ ଚେହେରାରେ ଦାଗ , କୁଞ୍ଚନ ମଧ୍ୟ ପଡିନଥାଏ । ଧନିଆରୁ ପ୍ରସ୍ତୁତ ଫେସପ୍ୟାକ୍ ତ୍ୱଚା ପାଇଁ ଖୁବ୍ ଲାଭକାରୀ ହୋଇଥାଏ । ଚେହେରାକୁ ଉଜ୍ଜଳ ଏବଂ ଅଏଲ୍ ଫ୍ରି କରିବା ପାଇଁ ଧନିଆରେ ପତ୍ରକୁ ବାଟି ଏଥିରେ ଘିକୁଆଁରୀ ରସ ଏବଂ ଲେମ୍ବୁ ଭଲ ଭାବେ ମିଳାଇ ଦିଅନ୍ତୁ । ଏବେ ଏହି ମିଶ୍ରଣକୁ ଭଲ ଭାବେ ଚେହେରାରେ ଲଗାଇ ଦିଅନ୍ତୁ । ଏହି ମିଶ୍ରଣକୁ ଅଧଘଣ୍ଟା ପର୍ଯ୍ୟନ୍ତ ଶୁଖିବା ପାଇଁ ଛାଡିଦିଅନ୍ତୁ । ପରେ ଥଣ୍ଡା ପାଣିରେ ମୁହଁ ଧୋଇନିଅନ୍ତୁ । ଏହି ପ୍ୟାକ୍ ରେ ମୁଖକୁଞ୍ଚନ ପଡିନଥାଏ । ଧନିଆକୁ ଚାଉଳ ଗୁଣ୍ଡ ସହ ମିଶାଇ ଲଗାଇଲେ ମଧ୍ୟ ଫାଇଦା ମିଳିଥାଏ । ଏହା ତ୍ୱଚା ପାଇଁ ଏକ୍ସଫୋଲିଏଟର୍ ଭଳି କାମ କରିଥାଏ । ୧ କପ୍ ଧନିଆ ପତ୍ର ବାଟି ଏଥିରେ ୨ ଚାମଚ ଚାଉଳ ଗୁଣ୍ଡ ଏବଂ ଗୋଟିଏ ଲେମ୍ବୁ ମିଶାନ୍ତୁ ଏବଂ ଚେହେରାରେ ଲଗାଇ ଶୁଖିଲା ପରେ ଧୋଇ ନିଅନ୍ତୁ ।

## ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ। ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ। ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ।

## ସଂସଦ ଓ ସାଂସଦ...

ଅଷ୍ଟାଦଶ ଲୋକସଭାର କାର୍ଯ୍ୟ ଆରମ୍ଭ ହୋଇ ସାରିଛି । ଏହି ଅବସରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ତାଙ୍କର ପ୍ରାରମ୍ଭିକ ବକ୍ତବ୍ୟରେ କହିଛନ୍ତି ଯେ ସରକାର ସମ୍ବିଧାନର ଗରିମାକୁ ଅକ୍ଷୁଣ୍ଣ ରଖି ସଂସଦର ସବୁ ସଦସ୍ୟଙ୍କୁ ସାଙ୍ଗରେ ନେଇ ଆଗେଇବା ସହିତ ନିଷ୍ପତ୍ତି ନେବା କାର୍ଯ୍ୟକୁ କ୍ଷୀପ୍ରତା ପ୍ରଦାନ କରିବାକୁ ଚାହାନ୍ତି । ସେ ଆହୁରି ମଧ୍ୟ ଆସନ୍ତା ପାଞ୍ଚ ବର୍ଷରେ ଲୋକମାନେ ସଂସଦରେ ନାଟକବାଜି କି କାର୍ଯ୍ୟରେ ବ୍ୟାଘାତ ନୁହେଁ, ବରଂ ଏହାର କାର୍ଯ୍ୟକଳାପ ଉତ୍ପାଦକ ହୋଇ ସମସ୍ତଙ୍କ ପାଇଁ ଏକ ଆଦର୍ଶସ୍ଥାନୀୟ ହେବା ଦେଖିବାକୁ ଇଚ୍ଛା କରନ୍ତି ବୋଲି କହିଛନ୍ତି। ପ୍ରଧାନମନ୍ତ୍ରୀଙ୍କର ଏପରି ମନ୍ତବ୍ୟ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ, କାରଣ ଯେଉଁ ପ୍ରଧାନମନ୍ତ୍ରୀ, ଯିଏକି ଗତ ପାଳିର ସରକାରରେ ମଧ ନେତୃତ୍ୱ ନେଇଥିଲେ, ସେହି ପୂର୍ବ ସଂସ୍କରଣରେ ତାଙ୍କ ସରକାରର କାର୍ଯ୍ୟକଳାପ ଦ୍ୱାରା ପ୍ରାୟତଃ ପ୍ରତ୍ୟେକ ବିରୋଧୀ ସଦସ୍ୟଙ୍କୁ ସଦନରୁ ବାହାରେ ରହିବାକୁ ବାଧ କରି ଦେଉଥିଲେ, ସେ ଏବେ ତାଙ୍କର ସ୍ୱର ବଦଳାଇ ସମସ୍ତଙ୍କ ସହମତିରେ କାର୍ଯ୍ୟ କରିବାର ଆବଶ୍ୟକତା ଉପରେ କହିଛନ୍ତି। ଏହାର କାରଣ- ତାଙ୍କ ଦଳ, ଅର୍ଥାତ୍ ବିଜେପି ଗତ ନିର୍ବାଚନରେ ଲୋକସଭାରେ ନିହାତି କମ୍‌ରେ ୩୭୦ ଆସନରେ ବିଜୟୀ ହେବାର ଲକ୍ଷ୍ୟ ରଖି ଲୋକମାନଙ୍କ ନିକଟକୁ ଯାଇଥିଲା, ଯେହେତୁ ଯେ କୌଣସି ପ୍ରକାରର ପ୍ରମୁଖ ସାମ୍ବିଧାନିକ ବ୍ୟବସ୍ଥାରେ ସଂଶୋଧନ କରିବା ପାଇଁ ଅନ୍ତତଃପକ୍ଷେ ଏହା ନିକଟରେ ଉପରୋକ୍ତ ସଂଖ୍ୟକ ସଦସ୍ୟ ରହିବା ଆବଶ୍ୟକ। ପରନ୍ତୁ, ଏହାର ସଦସ୍ୟ ସଂଖ୍ୟା ଏଭଳି ଏକ ଅଙ୍କରେ ସୀମିତ ରହିଲା ଯେ ସାଧାରଣ ଆଇନଟିଏ ପାରିତ କରିବା ପାଇଁ ମଧ ଏବେ ଦଳ ନିକଟରେ ଯେତିକି ସଂଖ୍ୟା ଅଛି, ତାହା ଯଥେଷ୍ଟ ନୁହେଁ । କେନ୍ଦ୍ରରେ ସରକାର ଗଠନ କରିବା ପାଇଁ ଜାତୀୟ ଗଣତାନ୍ତ୍ରିକ ମେଣ୍ଟ (ଏନ୍‌ଡିଏ) କୌଣସିମତେ ଜନତା ଦଳ (ସଂଯୁକ୍ତ) ଏବଂ ତେଲୁଗୁ ଦେଶମ୍ ପାର୍ଟି (ଟିଡିପି)ର ସହାୟତାରେ ସମର୍ଥ ହେଲା, ଯେଉଁମାନେ କି ଚଳିତ ବର୍ଷ ଯଥାକ୍ରମେ ଜାନୁଆରୀ ଏବଂ ଫେବ୍ରୁଆରୀରେ ମେଣ୍ଟରେ ସାମିଲ ହେଲେ । ତେଣୁ ଏବେ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗଗୁଡ଼ିକ ଉପରେ ଶ୍ରୀଯୁକ୍ତ ମୋଦୀ ଯଦି ପୂର୍ବ ଥର ଭଳି ଅପ୍ରତିରୋଧ ଏବଂ ଏକତରଫା ଭାବରେ କୌଣସି ଘୋଷଣା ନ କରି ସେଗୁଡ଼ିକ ଉପରେ ସହମତି ସୃଷ୍ଟି କରିବାର ଏକ ସାଧୁ ଉଦ୍ୟମ କରନ୍ତି ଏବଂ ସେଥିରେ ସଫଳ ହୁଅନ୍ତି, ତା'ହେଲେ ନିଜର ରାଜନୀତିକ ଦଳ, ସରକାର ଏବଂ ବ୍ୟାପକ ପରିସରରେ ସମଗ୍ର ଦେଶ ପାଇଁ ତାହା ମଙ୍ଗଳକାରକ ହେବ। ସହମତି ସୃଷ୍ଟି ନିମନ୍ତେ ପ୍ରଧାନମନ୍ତ୍ରୀଙ୍କ ଆହ୍ୱାନ ପରୋକ୍ଷରେ ତାଙ୍କର ଏକ ସ୍ୱୀକାରୋକ୍ତି ଯେ ସେ ବର୍ତ୍ତମାନ ଜନାଦେଶକୁ ସମ୍ମାନ ପ୍ରଦର୍ଶନ କରିବାକୁ ଚାହୁଁଛନ୍ତି । ଏବେ ରହିଲା ବିରୋଧୀମାନଙ୍କ କଥା, ବିଶେଷକରି ଇଣ୍ଡି ମେଣ୍ଟର କଥା, ଯେଉଁମାନେ କି ପ୍ରଧାନମନ୍ତ୍ରୀଙ୍କ କହିବା ଅନୁସାରେ ତାଙ୍କର କାର୍ଯ୍ୟଗୁଡ଼ିକୁ ବିଶ୍ଳେଷଣ କରି ସଂସଦର କାର୍ଯ୍ୟକୁ ଆଗେଇ ନେବା ଆବଶ୍ୟକ । ପୂର୍ବ ଲୋକସଭାରେ ସରକାରଙ୍କର ପ୍ରାୟତଃ ସମ୍ପୂର୍ଣ ଏକଚାଟିଆ ପ୍ରଭାବ ଥିଲା, କାରଣ ବିରୋଧୀମାନେ ସମ୍ପୂର୍ଣ୍ଣ ଦୁର୍ବଳ ଓ ଭାଗ ଭାଗ ହୋଇ ଥିଲେ। ଚଳିତ ଥର କିନ୍ତୁ ଏହି ପରିସ୍ଥିତିରେ ନାଟକୀୟ ପରିବର୍ତ୍ତନ ଘଟିଛି : ମିଳିତ ବିରୋଧୀ ଦଳମାନଙ୍କ ସଂଖ୍ୟା ବିଜେପିର ସଂଖ୍ୟା ପାଖାପାଖି ହୋଇ ଯାଇଛି, ଯାହା ଗତ ଦୁଇଟିଯାକ ଲୋକସଭାରେ କେବଳ ଏକାକୀ ନିଜର ସଂଖ୍ୟା ଗରିଷ୍ଠତାର ବଳକୁ ପ୍ରଦର୍ଶନ କରୁଥିଲା । ଏକଥା ବ୍ୟାପକ ଭାବରେ ଦେଖାଯାଇଛି ଯେ ବେକାରୀ ସମସ୍ୟା ଏବଂ ମୁଦ୍ରାସ୍ଫୀତି ହେଉଛି ଦୁଇଗୋଟି କଣ୍ଟା ଭଳି ପ୍ରମୁଖ ପ୍ରସଙ୍ଗ ଯାହା ସବୁ ହିସାବ କିତାବକୁ ବଦଳାଇ ଦେବା ଭଳି ଥିଲା, ଯାହାକୁ ନେଇ ବିଜେପି ନିର୍ବାଚନ ଲଢ଼ିଥିଲା । ଏହା ସାଙ୍ଗକୁ ରହିଥିଲା କଳାଧନର ବିଲୋପଠାରୁ ଆରମ୍ଭ କରି ମେକ୍-ଇନ୍-ଇଣ୍ଡିଆଠାରୁ ବିକଶିତ ଭାରତ ପର୍ଯ୍ୟନ୍ତ ବଡ଼ ବଡ଼ ଘୋଷଣାମାନ, ଯେଉଁଗୁଡ଼ିକ କାର୍ଯ୍ୟରେ ପରିଣତ ହୋଇ ପାରି ନଥିଲା ଯାହାକି ଲୋକମାନଙ୍କ ଜୀବନରେ ସକାରାତ୍ମକ ପରିବର୍ତ୍ତନ ଆଣି ପାରିଥାନ୍ତା। ଶ୍ରୀଯୁକ୍ତ ମୋଦୀଙ୍କ ଅଧୀନରେ ଯେଉଁ ଲୋକମାନେ ସରକାର ଚଳାଉଛନ୍ତି, ସେମାନେ ଅନୁଭବ କରିବା ଉଚିତ ଯେ ଯେତେବେଳେ ସୁଶାସନ କଥା ଉଠେ, ସେତେବେଳେ ବାସ୍ତବତା ହିଁ ଲୋକମାନଙ୍କୁ ପ୍ରଭାବିତ କରିଥାଏ, ନାଟକବାଜି କି ଭାଷଣବାଜି ନୁହେଁ। ମୋଟାମୋଟି ଦେଶବାସୀ ଅଷ୍ଟାଦଶ ଲୋକସଭାର ନିର୍ବାଚିତ ସରକାରୀ ପକ୍ଷର ସଦସ୍ୟମାନଙ୍କୁ ଏଇ ଚେତାବନୀ ଦେଇଛନ୍ତି ଯେ ସେମାନେ କଥାରେ ନୁହେଁ, ସମଗ୍ର ଦେଶର ମଙ୍ଗଳ ହେବା ଭଳି କାମ କରି ସେମାନଙ୍କ ଶାସନର ମହତ୍ତ୍ୱକୁ ପ୍ରଦର୍ଶନ କରନ୍ତୁ ଏବଂ ଚଳିତ ଥର ଅଧିକ ସଂଖ୍ୟା ଲାଭ କରିଥିବା ବିରୋଧୀମାନଙ୍କୁ ଦାୟିତ୍ୱ ପ୍ରଦାନ କରିଛନ୍ତି ପ୍ରଭାବଶାଳୀ ତଥା ସକ୍ରିୟ ହେବା ପାଇଁ । କହିବା ବାହୁଲ୍ୟ, ଏହା ଗଣତନ୍ତ୍ର ପାଇଁ ଏକ ଶୁଭ ସୂଚନା। ଏବେ ଯାହା ଦେଖିବାକୁ ବାକି ରହିଲା, ତାହା ହେଉଛି- ପାଞ୍ଚ ବର୍ଷ ପରେ ଲୋକମାନଙ୍କ ନିକଟକୁ ଯିବା ପୂର୍ବରୁ ଉଭୟ ଶାସକ ଓ ବିରୋଧୀ ପକ୍ଷ କେତେଦୂର ସେମାନଙ୍କର ପ୍ରତିବଦ୍ଧତା ପ୍ରତି ସମ୍ମାନ ପ୍ରଦର୍ଶନ କରୁଛନ୍ତି।

# ମେଧାବୀଙ୍କୁ ସୁରକ୍ଷା ଦିଅ

### ସୌଭାଗ୍ୟ ରଂଜନ ମହାନ୍ତି



ସର୍ବୋଚ୍ଚ ଅଦାଲତ ମାମଲାର ଶୁଣାଣୀ କରି ପରୀକ୍ଷା ଫଳ ଉପରେ ରହିତାଦେଶ ଦେବାକୁ ମନା କରିଦେଇଥିବାବେଳେ ଗ୍ରେସ ମାର୍କକୁ ରଦ୍ଦ କରି ଦେବା ସହ ସେମାନେ ସାନି ପରୀକ୍ଷା ଦେବାକୁ ନିର୍ଦ୍ଦେଶ ଦେଇଥିଲେ। ଗତ ୨୩ ତାରିଖ ଦିନ ସାନି ପରୀକ୍ଷା ହୋଇଥିବା ବେଳେ ୧୫୬୩ ଛାତ୍ରଛାତ୍ରୀଙ୍କ ମଧ୍ୟରୁ ୭୫୦ ଜଣ ଅନୁପସ୍ଥିତ ରହିଥିବା ରିପୋର୍ଟ ପ୍ରକାଶ ପାଇଛି। ଏଥିରୁ ପରୀକ୍ଷା ପାଇଁ ସେମାନେ କେତେଦୂର ପ୍ରସ୍ତୁତ ହୋଇଥିଲେ, ତାହା ସ୍ପଷ୍ଟ ବାରି ହୋଇପଡୁଛି।

ଏଥିରେ କେହି ଦ୍ୱିମତ ହେବେ ନାହିଁ ଯେ, ଆମ ଦେଶରେ ଜାତୀୟ ସ୍ତରରେ ହେଉ ବା ରାଜ୍ୟସ୍ତରରେ ହେଉ ପରୀକ୍ଷାରେ କପି, ପ୍ରଶ୍ନପତ୍ର ଏବଂ ଅନିୟମିତତା କିଛି ନୂଆ ନୁହେଁ। ମାତ୍ର ଏବେ ଜାତୀୟ ପରୀକ୍ଷା ସଂସ୍ଥା (ଏନଟିଏ) ଦ୍ୱାରା ପରିଚାଳିତ ବିଭିନ୍ନ ପ୍ରବେଶିକା ପରୀକ୍ଷାରେ ଯେଉଁଭଳି ପ୍ରଶ୍ନପତ୍ର ଲିକ୍ ଠାରୁ ଆରମ୍ଭ କରି ବିଭିନ୍ନ ଅନିୟମିତତା ହେଉଛି, ତାହା ଦେଶର ଲକ୍ଷ ଲକ୍ଷ ଛାତ୍ରଛାତ୍ରୀଙ୍କ ଭବିଷ୍ୟତକୁ ଅନ୍ଧକାର ମଧ୍ୟକୁ ଠେଲି ଦେଇଛି ବୋଲି ନିସନ୍ଦେହରେ କୁହାଯାଇପାରିବ। କହିବା ବାହୁଲ୍ୟ ଯେ, ସର୍ବଭାରତୀୟ ସ୍ତରରେ ଅନୁଷ୍ଠିତ ହୋଇଥିବା ବିଭିନ୍ନ ପ୍ରବେଶିକା ପରୀକ୍ଷା ତଥା ମେଡିକାଲ, ଇଂଜିନିୟରିଂ, ମ୍ୟାନେଜମେଂଟ ଏବଂ ଫାମାର୍ସୀ ଆଦି ପାଠ୍ୟକ୍ରମରେ ନାମଲେଖା ପାଇଁ ପରୀକ୍ଷାରେ ପ୍ରଶ୍ନପତ୍ର ଲିକ୍, କପି ଆଦି ଅନିୟମିତତା ରୋକିବା ପାଇଁ କେନ୍ଦ୍ର ସରକାର ୨୦୧୭ ମସିହାରେ ଜାତୀୟ ପରୀକ୍ଷା, ସଂସ୍ଥା(ଏନଟିଏ) ଗଠନ କରିଥିଲେ। ଉଲ୍ଲେଖଯୋଗ୍ୟ ଯେ, ୨୦୧୫ ମସିହାରେ ଡାକ୍ତରୀ ପାଠ୍ୟକ୍ରମରେ ନାମଲେଖା ପାଇଁ ଅନୁଷ୍ଠିତ ହୋଇଥିବା ଜାତୀୟ ପ୍ରବେଶିକା ପରୀକ୍ଷା (ନିଟ୍)ରେ ବ୍ୟାପକ ମାତ୍ରାରେ କପି, ପ୍ରଶ୍ନପତ୍ର ଲିକ୍ ତଥା ଅସଦ୍ ଉପାୟ ଅବଲମ୍ବନ ଯୋଗୁଁ କେନ୍ଦ୍ର ସରକାର ପରୀକ୍ଷାକୁ ବାତିଲ କରିବା ସହ କେନ୍ଦ୍ରୀୟ ମାଧ୍ୟମିକ ଶିକ୍ଷା ବୋର୍ଡ (ସିବିଏସଇ)କୁ ଦାୟିତ୍ୱ ଦେଇଥିଲେ। ସିବିଏସଇ ୨୦୧୮ ମସିହା ପର୍ଯ୍ୟନ୍ତ ସମସ୍ତ ଜାତୀୟ ସ୍ତରର ପ୍ରବେଶିକା ପରୀକ୍ଷା ପରିଚାଳନା କରିଥିବାବେଳେ ୨୦୧୭ ମସିହାରେ କେନ୍ଦ୍ର ସରକାର ଏନଟିଏ ନାମରେ ଏକ ସ୍ୱୟଂଶାସିତ ସଂସ୍ଥା ଗଠନ କରି ସମସ୍ତ ପରୀକ୍ଷା ପରିଚାଳନା ପାଇଁ ଦାୟିତ୍ୱ ନ୍ୟସ୍ତ କରିଥିଲେ। ଆଶା କରାଯାଇଥିଲା ଯେ, ଏନଟିଏ ତତ୍ତ୍ୱାବଧାନରେ ସମସ୍ତ ପ୍ରବେଶିକା ପରୀକ୍ଷା ସ୍ୱଚ୍ଛ ଏବଂ ଅନିୟମିତ ମୁକ୍ତ ହେବ ଏବଂ ମେଧାବୀ ଛାତ୍ରଛାତ୍ରୀମାନେ ଯଥାର୍ଥ ନ୍ୟାୟ ପାଇବେ। ବିଡମ୍ବନା ଯେ, ଏନଟିଏ ଗଠିତ ହେବାର ଇତି ମଧରେ ୭ବର୍ଷ ପୁରିଥିବା ୭ବର୍ଷ ପୁରିଥିବାବେଳେ ଏହି ଅବଧି ମଧରେ ଦେଶରେ ୭୦ଟି ପ୍ରଶ୍ନପତ୍ର ପ୍ରଘଟ ମାମଲା ଲୋକଲୋଚନକୁ ଆସିଛି। ଏହା ଦ୍ୱାରା ୧କୋଟି ୭୦ଲକ୍ଷରୁ ଅଧିକ ଛାତ୍ରଛାତ୍ରୀ ଏବଂ ନିଯୁକ୍ତି ଆଶାୟୀ ପ୍ରଭାବିତ ହୋଇଛନ୍ତି କିନ୍ତୁ ଚଳିତ ବର୍ଷ ନିଟ୍ ୟୁଜି ପରୀକ୍ଷାରେ ଅନିୟମିତତା ତଥା ଦୁର୍ନୀତି ସବୁଠାରୁ ବଳିଯାଇଛି। ଏହା ଦ୍ୱାରା ୨୪ଲକ୍ଷରୁ ଉର୍ଦ୍ଧ୍ୱ ଛାତ୍ରଛାତ୍ରୀ କ୍ଷତିଗ୍ରସ୍ତ ହୋଇଛନ୍ତି। ନିଟ୍-ୟୁଜି ପରୀକ୍ଷା ଅନିୟମିତତା ତଥା ଦୁର୍ନୀତିରେ ଏନଟିଏ ସମ୍ପୃକ୍ତ ଥିବା ସନ୍ଦେହ ଏହାର ପରୀକ୍ଷା ଫଳ ତଥା ମେରିଟ ଲିଷ୍ଟ ପ୍ରକାଶ ଦିବସରୁ ହିଁ ହୋଇଥିଲା। ପରୀକ୍ଷା ଫଳ ପ୍ରକଶନ ପାଇଁ ନିର୍ଦ୍ଧାରିତ ତାରିଖର ୧୦ଦିନ ପୂର୍ବରୁ ଅର୍ଥାତ ଗତ ୪ତାରିଖ ଦିନ ଯେଉଁ ଦିନ ଦେଶରେ ସାଧାରଣ ନିର୍ବାଚନ ଫଳାଫଳ ପ୍ରକାଶ ପାଇଥିଲା। ବୋଧହୁଏ ସେହିଦିନ ପରୀକ୍ଷା ଫଳ ପ୍ରକାଶ ଉଦ୍ଦେଶ୍ୟ ରହିଥିଲା ଯେ, ଦେଶବାସୀ ନିର୍ବାଚନ ଫଳାଫଳ ଘୋଷଣାରେ ବ୍ୟସ୍ତ ଥିବାବେଳେ ନିଟ୍ ଫଳାଫଳ ଉପରେ କେହି ଧ୍ୟାନ ଦେବେ ନାହିଁ। ମାତ୍ର ଗୋଟିଏ ସେଂଟରର ୬୭ଜଣ ଛାତ୍ରଛାତ୍ରୀ ୭୨୦ ଲେଖାଏଁ ନମ୍ବର ରଖି ଟପ୍ପର ହେବା, ୧୫୬୩ ଜଣ ପରୀକ୍ଷାର୍ଥୀଙ୍କୁ ଗ୍ରେସ୍‌ମାର୍କ ଦିଆଯିବା ଆଦି ଘଟଣା ଜଣାପଡିବା ପରେ ଏଥିରେ ଅନିୟମିତତା ହୋଇଥିବା ଆଶଙ୍କା ପ୍ରକାଶ ପାଇଥିଲା। ନିଟ୍ ଫଳାଫଳ ଉପରେ ଦେଶବ୍ୟାପି ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇବା ଏବଂ ମାମଲା ସର୍ବୋଚ୍ଚ ଅଦାଲତକୁ ଯିବା ପରେ ଗୋଟିକ ପରେ ଗୋଟିଏ ଗୁମର ଏବେ ଖୋଲିବାରେ ଲାଗିଛି। ପ୍ରଶ୍ନପତ୍ର ପ୍ରଘଟ ଠାରୁ ଆରମ୍ଭ କରି ଅସଦ୍ ପନ୍ଥା ଅବଲମ୍ବନ ହୋଇଥିବା ଏବେ ଧିରେ ଧିରେ ସ୍ପଷ୍ଟ ହେବାରେ ଲାଗିଛି। ସର୍ବୋଚ୍ଚ ଅଦାଲତ ମାମଲାର ଶୁଣାଣୀ କରି ପରୀକ୍ଷା ଫଳ ଉପରେ ରହିତାଦେଶ ଦେବାକୁ ମନା କରିଦେଇଥିବାବେଳେ ଗ୍ରେସ ମାର୍କକୁ ରଦ୍ଦ କରି ଦେବା ସହ ସେମାନେ ସାନି ପରୀକ୍ଷା ଦେବାକୁ ନିର୍ଦ୍ଦେଶ ଦେଇଥିଲେ। ଗତ ୨୩ ତାରିଖ ଦିନ ସାନି ପରୀକ୍ଷା ହୋଇଥିବା ବେଳେ ୧୫୬୩ ଛାତ୍ରଛାତ୍ରୀଙ୍କ ମଧ୍ୟରୁ ୭୫୦ ଜଣ ଅନୁପସ୍ଥିତ ରହିଥିବା ରିପୋର୍ଟ ପ୍ରକାଶ ପାଇଛି। ଏଥିରୁ ପରୀକ୍ଷା ପାଇଁ ସେମାନେ କେତେଦୂର ପ୍ରସ୍ତୁତ ହୋଇଥିଲେ, ତାହା ସ୍ପଷ୍ଟ ବାରି ହୋଇପଡୁଛି। କେବଳ ଏତିକି ନୁହେଁ ପ୍ରଶ୍ନପତ୍ର ଲିକ୍ ହୋଇଥିବା କେତେକ ପରୀକ୍ଷାର୍ଥୀ ଯେଉଁମାନେ କି ଗିରଫ ହୋଇଛନ୍ତି, ସ୍ୱୀକାର କରିଥିବା ପରେ ପ୍ରଶ୍ନପତ୍ର ଲିକ୍ ସ୍ପଷ୍ଟ ପ୍ରମାଣିକ ହୋଇଛି। ୪୦ରୁ ୮୦ଲକ୍ଷ ଟଙ୍କା ଜଣେ ଜଣେ ପରୀକ୍ଷାର୍ଥୀ ଦେଇଥିବା ସ୍ୱୀକାର କରିଛନ୍ତି। ନିଟ୍ ପରୀକ୍ଷାରେ କୋଟି କୋଟି ଟଙ୍କା କାରବାର ହୋଇଥିବା ଏହା ସଂକେତ ପ୍ରଦାନ କରୁଛି ବୋଲି ସ୍ୱୀକାର କରିବାକୁ ହେବ। ଅବଶ୍ୟ ଅନିୟମିତତା ନେଇ କେନ୍ଦ୍ର ସରକାର ସିବିଆଇ ତଦନ୍ତ ନିର୍ଦ୍ଦେଶ ଦେଇଥିବାବେଳେ ଏନଟିଏର ଅଧ୍ୟକ୍ଷ ତଥା ମହାନିର୍ଦ୍ଦେଶକଙ୍କୁ ବହିଷ୍କାର କରିଛନ୍ତି। ନିଟ୍-ୟୁଜି ପରୀକ୍ଷା ଫଳ କେଲେଙ୍କାରୀ ଦିନକୁ ଦିନ ତେଜିୟାନ ହେଉଥିବାବେଳେ ଏନଟିଏ ଦ୍ୱାରା ପରିଚାଳିତ ୟୁଜିସି-ନିଟ୍ ପରୀକ୍ଷାର ଦିନକ ପରେ ବାତିଲ ହେବା ଏଥିରେ ମଧ ବ୍ୟାପକ ଅନିୟମିତତା ହୋଇଥିବା ସ୍ପଷ୍ଟ ପ୍ରମାଣ କରୁଛି। ସେହିପରି ନିଟ୍-ପିଜି ପରୀକ୍ଷାକୁ ମଧ ସ୍ଥଗିତ ରଖାଯାଇଛି। ଏଥିରୁ ଏନଟିଏର ପରିଚାଳନାରେ ଯେ, ଗୁରୁତର ତ୍ରୁଟି ରହିଛି, ଏହା ନିସନ୍ଦେହରେ କୁହାଯାଇପାରିବ। ଏହା ନିସନ୍ଦେହ ଯେ, ଏନଟିଏ ଦ୍ୱାରା ପରିଚାଳିତ ନିଟ୍ ଏବଂ ଜେଇଇ ପରୀକ୍ଷାରେ ନିୟମିତ ଅଭିଯୋଗ ହୋଇଆସୁଛି। ୨୦୨୨ ସିବିଆଇ ଅନିୟମିତତା ଅଭିଯୋଗ ଉପରେ ତଦନ୍ତ କରିଥିବାବେଳେ ୨୦୨୧ରେ ଜେଇଇ ପରୀକ୍ଷାର ପ୍ରଶ୍ନପତ୍ର ସ୍ପଷ୍ଟ ୱେୟାରକୁ ଜଣେ ରୁଷୀୟ ହ୍ୟାକର ହ୍ୟାକ୍ କରିଦେଇଥିଲେ। ଏହି ପରିପ୍ରେକ୍ଷୀରେ କେନ୍ଦ୍ର ସରକାର ଏନଟିଏ ପରୀକ୍ଷା ପଦ୍ଧତିରେ ସଂସ୍କାର ପାଇଁ ଏକ ୮ଜଣିଆ ଉଚ୍ଚ କ୍ଷମତା ସମ୍ପନ୍ନ କମିଟି ଗଠନ କରିଥିବା ବେଳେ ସ୍ୱଚ୍ଛ, ତ୍ରୁଟିହୀନ ପରୀକ୍ଷା ପରିଚାଳନା ନେଇ ରିପୋର୍ଟ ଦେବାକୁ କୁହାଯାଇଛି। ଆହୁରି ମଧ ପରୀକ୍ଷାରେ ଅସାଧୁ ଉପାୟ ନିରୋଧ ପାଇଁ ସାଧାରଣ ପରୀକ୍ଷା (ଅସାଧୁ ଉପାୟ ନିବାରଣ ) ଆଇନ-୨୦୨୪କୁ ତୁରନ୍ତ ଲାଗୁ କରିଛନ୍ତି। ଏହି ଆଇନରେ ଅପରାଧିଙ୍କ ପାଇଁ ୩ରୁ ୧୦ବର୍ଷ ଜେଲଦଣ୍ଡ ବ୍ୟବସ୍ଥା ରହିଥିବାବେଳେ ୧୦ଲକ୍ଷରୁ କୋଟିଏ ଟଙ୍କା ପର୍ଯ୍ୟନ୍ତ ଜୋରିମାନା ବ୍ୟବସ୍ଥା ରହିଛି। ତେବେ ପରୀକ୍ଷାକୁ ସ୍ୱଚ୍ଛ, ଦୁର୍ନୀତିମୁକ୍ତ କରିବାରେ ଆଇନ କେତେଦୂର ସହାୟକ ହେବ, ତାହା ଭବିଷ୍ୟତ କହିବ। ତେବେ ଏହା ନିସନ୍ଦେହ ଯେ, ଆମ ଦେଶରେ ପରୀକ୍ଷା ପୂର୍ବରୁ ପ୍ରଶ୍ନପତ୍ର ପ୍ରଘଟ, ସଫଳତା ପାଇଁ ବ୍ୟାପକ ଅର୍ଥକାର ଏବେ ଏକ ଲାଭକାରୀ ଶିଳ୍ପରେ ପରିଣତ ହୋଇଛି। ଯେଉଁଥିରେ ବେଟିଂ ପରି କୋଟି କୋଟି ଟଙ୍କା କାରବାର ହେଉଛି। ଏହାଦ୍ୱାରା ଲକ୍ଷଲକ୍ଷ ମେଧାବୀ ଛାତ୍ରଛାତ୍ରୀ ଉଭୟ ଉଚ୍ଚଶିକ୍ଷା ଓ ନିଯୁକ୍ତିକୁ କେବଳ ବଂଚିତ ହେଉନାହାଁନ୍ତି, ସେମାନଙ୍କ ଭବିଷ୍ୟତ ଅନ୍ଧକାର ମଧ୍ୟକୁ ଠେଲି ହୋଇଯାଇଛି। ଏହାକୁ ରୋକିବା ତଥା ପରୀକ୍ଷା ପଦ୍ଧତିକୁ ସ୍ୱଚ୍ଛ ଓ କେଳେଙ୍କାରୀ ମୁକ୍ତ କରିବା ପାଇଁ କଠୋର ଆଇନ ପ୍ରଣୟନ କରାଯିବାର ସମୟ ଏବେ ଆସିଛି।

ସମ୍ମାନ ଭବନ,
ପ୍ଲଟ ନଂ-୫୮/୩୫୮୧,
ଗାଙ୍ଗୋତ୍ରୀ ନଗର,
ରୋଡ ନଂ-୩, ଶିଶୁପାଳଗଡ,-
୭୫୧୦୦୨
ମୋ: ୯୪୩୭୯୯୪୩୭୯

# କୃତ୍ରିମ ମିଠାରୁ ବଢୁଛି ହୃଦଘାତ ଆଶଙ୍କା

### ଡାକ୍ତର ଚନ୍ଦ୍ରକାନ୍ତ ମିଶ୍ର



ବିଶ୍ୱର ତମାମ ବଡ଼ ଡାକ୍ତର କୃତ୍ରିମ ମିଠାର ବ୍ୟବହାର ଉପରେ ପ୍ରଶ୍ନ ଉଠାଇଛନ୍ତି। ଜଣାଶୁଣା ଡାକ୍ତର ଜାସନ ଫଙ୍ଗ ନିଜର ପୁସ୍ତ 'ଦ ଡାଇବେଟିସ କୋଡ଼ : ପ୍ରିଭେଣ୍ଟ ଆଣ୍ଡ ରିଭର୍ସ ଟାଇପ-୨ ଡାଇବେଟିସ ନ୍ୟାଚୁରାଲ'ରେ କୃତ୍ରିମ ମିଠାକୁ କ୍ଷତିକାରକ ବୋଲି ଦର୍ଶାଇଛନ୍ତି। ସେହିପରି ୟୁନିଭର୍ସିଟି ଅଫ କାଲିଫର୍ଣ୍ଣିଆ ଏଣ୍ଡ୍ରୋକ୍ରୋନଲଜି ବିଭାଗର ପ୍ରଫେଶ ଡାକ୍ତର ରୋବର୍ଟ ଲଷ୍ଟିଗ ନିଜର ପୁସ୍ତକ 'ଫ୍ୟାଟ ଚାନ୍ସ'ରେ କୃତ୍ରିମ ମିଠାକୁ ସ୍ୱାସ୍ଥ୍ୟ ପାଇଁ ହାନିକାରକ କହିଛନ୍ତି।

ଆପଣଙ୍କର ମିଠା ପ୍ରତି ଦୁର୍ବଳତା କିପରି ରହିଛି ? ପ୍ରଚୁର, ଲୋଭନୀୟ ନା ଚଳନୀୟ। ପ୍ରାୟତଃ ଅନେକଙ୍କୁ ମିଠା ପସନ୍ଦ ହୋଇଥାଏ। ତେବେ ମିଠା ମଧ ଆପଣଙ୍କର ପ୍ରିୟ ହୃଦୟକୁ ମିଠା ବରଂ କରିନଥାଏ ଏହା ପିତା ଆଡ଼କୁ ନେଇ ଯାଇଥାଏ। ଏହିପରି ଏକ ବିଜ୍ଞାନଭିତ୍ତିକ ତଥ୍ୟ ଉପରେ ଆମେ ଆଜିର ଛୋଟିଆ ଆଲୋଚନାଟିଏ ରଖୁଛୁ। ୟୁରୋପିଆନ ହାର୍ଟ ପତ୍ରିକାରେ ପ୍ରକାଶିତ ଏକ ଅଧ୍ୟୟନ ଅନୁସାରେ ଚିନିର ବିକଳ୍ପ ରୂପେ ବ୍ୟବହୃତ କୃତ୍ରିମ ମଠା ଜାଇଲିଟଲ ହୃଦଘାତ, ଷ୍ଟ୍ରୋକ ଓ ହୃତପିଣ୍ଡ ସମ୍ବନ୍ଧୀୟ ରୋଗ ସହ ସିଧାସଳଖ ଭାବେ ସମ୍ପୃକ୍ତ। ନିୟମିତ ଏହାର ବ୍ୟବହାର ଦ୍ୱାରା ଭବିଷ୍ୟତରେ ହୃଦଘାତ ଜନିତ ମୃତ୍ୟୁ ସଂଖ୍ୟା ବଢ଼ିପାରେ। ୨୦୨୩ ମସିହାରେ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ଚେତାବନୀ ଦେଇଥିଲା, ଚିନିର ବିକଳ୍ପ ଭାବେ ବ୍ୟବହୃତ କୃତ୍ରିମ ମିଠା ଆସ୍ପାର୍ଟେମ୍‌ରୁ ଟାଇପ-୨ ମଧୁମେହ ଓ ହୃଦରୋଗ ଆଶଙ୍କା ବଢ଼ିପାରେ। ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ଓ ଇଣ୍ଟରନ୍ୟାସନାଲ ଏଜେନ୍ସି ଫର ରିସର୍ଚ୍ଚ ଅନ କ୍ୟାନ୍ସରର ମିଳିତ ଅଧ୍ୟୟନ ପରେ ଆସ୍ପାର୍ଟେମକୁ କାର୍ସିନୋଜେନ ବିଭାଗରେ ରଖାଗଲା। ଏହାର ଅର୍ଥ, ଆସ୍ପାର୍ଟେମ କର୍କଟ କାରକ ହୋଇପାରେ। ଏହା ପରେ ବିକଳ୍ପ ଭାବେ ବ୍ୟବହୃତ ହେଉଥିବା ସମସ୍ତ ପ୍ରକାର କୃତ୍ରିମ ମିଠାକୁ ନେଇ ଚେତାବନୀ ଦିଆଗଲା। ଦୁଇମାସ ତଳେ ପଞ୍ଜାବର ପଟିଆଲାରେ ୧୦ ବର୍ଷୀୟ ଝିଅ ଯାନବୀର ଜନ୍ମ ଦିନ କେକ ଖାଇବା ଯୋଗୁଁ ମୃତ୍ୟୁ ହୋଇଥିଲା। ମୃତ୍ୟୁର କାରଣ କୃତ୍ରିମ ମିଠା ବୋଲି ଯାଞ୍ଚରୁ ଜଣାପଡ଼ିଲା। କୃତ୍ରିମ ମିଠାକୁ ନେଇ ଅଧ୍ୟୟନଗୁଡ଼ିକର ତଥ୍ୟ ସାମ୍ନାକୁ ଆସିବା ପରେ ବିଶେଷଜ୍ଞମାନେ ଚିନ୍ତାରେ। ଷ୍ଟେଟିଷ୍ଟାରେ ପ୍ରକାଶିତ ଏକ ଅଧ୍ୟୟନ ଅନୁସାରେ ବିଶ୍ୱରେ ବର୍ଷକୁ ପ୍ରାୟ ୧୨୦ କୋଟି କିଲୋ କୃତ୍ରିମ ମିଠା ବ୍ୟବହୃତ ହେଉଛି ୨୦୨୮ ମସିହା ସୁଦ୍ଧା ଏହା ୧୪୫ କୋଟି କିଲୋ ହୋଇପାରେ। ଭାରତରେ ମଧ ଚିନିର ବିକଳ୍ପ ରୂପେ କୃତ୍ରିମ ମିଠା ବ୍ୟବହୃତ ହେଉଛି। ଭାରତରେ ପ୍ରାୟ ୩୮ ପ୍ରତିଶତ ସହରୀ ଲୋକ ଚିନିର ବିକଳ୍ପ ଭାବେ କୃତ୍ରିମ ମିଠା ବ୍ୟବହାର କରୁଛନ୍ତି।

ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ଅନୁସାରେ ବିଶ୍ୱରେ ୪୨ କୋଟିରୁ ଅଧିକ ଲୋକ ମଧୁମେହରେ ପୀଡ଼ିତ। ଅଧିକାଂଶ ମଧୁମେହ ରୋଗୀ ମିଠାର ସ୍ୱାଦ ଲାଗି କୃତ୍ରିମ ମିଠାକୁ ସୁରକ୍ଷିତ ଭାବି ଖାଉଛନ୍ତି। କିନ୍ତୁ କୃତ୍ରିମ ମିଠାରୁ ହେଉଥିବା କ୍ଷତି ବିଷୟରେ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ଓ ବିଶ୍ୱର ଅନେକ ବଡ଼ ସ୍ୱାସ୍ଥ୍ୟ ସଂଗଠନ ଚିନ୍ତା ପ୍ରକଟ କରିଛନ୍ତି। ଏହା ସତ୍ତ୍ୱେ ଏଗୁଡ଼ିକର ବ୍ୟବହାର ଉପରେ କଟକଣା ଲାଗୁ ହୋଇନାହିଁ। ଭାରତ ସମେତ ଅଧିକାଂଶ ଦେଶରେ କୃତ୍ରିମ ମିଠାର ବ୍ୟବହାରକୁ ମଞ୍ଜୁରି ମିଳିଛି।

ବିଶ୍ୱର ତମାମ ବଡ଼ ଡାକ୍ତର କୃତ୍ରିମ ମିଠାର ବ୍ୟବହାର ଉପରେ ପ୍ରଶ୍ନ ଉଠାଇଛନ୍ତି। ଜଣାଶୁଣା ଡାକ୍ତର ଜାସନ ଫଙ୍ଗ ନିଜର ପୁସ୍ତ 'ଦ ଡାଇବେଟିସ କୋଡ଼ : ପ୍ରିଭେଣ୍ଟ ଆଣ୍ଡ ରିଭର୍ସ ଟାଇପ-୨ ଡାଇବେଟିସ ନ୍ୟାଚୁରାଲ'ରେ କୃତ୍ରିମ ମିଠାକୁ କ୍ଷତିକାରକ ବୋଲି ଦର୍ଶାଇଛନ୍ତି। ସେହିପରି ୟୁନିଭର୍ସିଟି ଅଫ କାଲିଫର୍ଣ୍ଣିଆ ଏଣ୍ଡ୍ରୋକ୍ରୋନଲଜି ବିଭାଗର ପ୍ରଫେଶ ଡାକ୍ତର ରୋବର୍ଟ ଲଷ୍ଟିଗ ନିଜର ପୁସ୍ତକ 'ଫ୍ୟାଟ ଚାନ୍ସ'ରେ କୃତ୍ରିମ ମିଠାକୁ ସ୍ୱାସ୍ଥ୍ୟ ପାଇଁ ହାନିକାରକ କହିଛନ୍ତି। ଅନେକ ପ୍ୟାକେଟ ଖାଦ୍ୟ କୃତ୍ରିମ ମିଠା ଜାଇଲିଟଲ ମିଶିଥାଏ। ଏହାର ନିୟମିତ ବ୍ୟବହାର ଦ୍ୱାରା ଶରୀରରେ ରକ୍ତ ଜମାଟ ବାନ୍ଧିବା ଆଶଙ୍କା ବଢ଼ିଯାଏ। ଯାହା ହୃଦଘାତର କାରଣ ହୋଇଥାଏ। ସମସ୍ତ କୃତ୍ରିମ ମିଠା ଉପରେ ଅଧ୍ୟୟନ ଜରୁରୀ। ମିଠା ଲଗାତାର ବ୍ୟବହାର ଫଳରେ ଭୋଜନ ପରେ ତୃପ୍ତିର ଅନୁଭବ ପ୍ରଦାନ କରୁଥିମା ହର୍ମୋନ ଲେପ୍ଟିନ ପ୍ରଭାବିତ ହୁଏ। ସେଥିପାଇଁ ବାରମ୍ବାର ଖାଇବାର ଇଚ୍ଛା ବଢ଼େ। ଆମ ଗଟ ବ୍ୟାକ୍ଟେରିଆ ଚିନି ତୁଳନାରେ କୃତ୍ରିମ ମିଠାକୁ ଭିନ୍ନ ରୂପେ ପ୍ରତିକ୍ରିୟା କରନ୍ତି। ଯେତେବେଳେ ସାକାରିନ ଓ ସୁକ୍ରୋଲୋଜ ଭଳି ମିଠା ଆମ ମାଇକ୍ରୋବାୟୋମ୍ ସମ୍ପର୍କରେ ଆସନ୍ତି ଡିସବିଓସିସ୍ ଆଶଙ୍କା ବଢ଼ିଯାଏ। ଏହାର ଅର୍ଥ ଭଲ ଗଟ ବ୍ୟାକ୍ଟେରିଆ ତୁଳନାରେ ହାନିକାରକ ଗଟ ବ୍ୟାକ୍ଟେରିଆ ସଂଖ୍ୟା ବଢ଼ିଯାଏ। ଏହାଦ୍ୱାରା ପେଟରେ ଫୁଲା, ଅଟୋ ଇମ୍ୟୁନ କଣ୍ଡିସନ, ମାଇଗ୍ରେନ ଓ ଉଦବେଗ ଭଳି ସମସ୍ୟା ହୋଇପାରେ। ମିଠା କେବଳ ଆପଣଙ୍କର ଶରୀରରେ ସର୍କରା ବଢ଼ାଇନଥାଏ। ଖାଦ୍ୟ ତାଲିକାରେ ଅନାବଶ୍ୟକ ମିଠା ପ୍ରତି ଦୁର୍ବଳତା ରଖନ୍ତୁ ନାହିଁ। କାରଣ ମିଠା ସହିତ ଏହା ଦୁଗ୍ଧଜାତ ଦ୍ରବ୍ୟରୁ ତିଆରି ହେଉଥିବାରୁ ଏଥିରେ ଫ୍ୟାଟ ମଧ ବଡ଼ କାରକ ସାଜିଥାଏ। ତେବେ ଆପଣ କିପରି ନିଜର ଦିନଚର୍ଯ୍ୟାଟି ପାଳନ କରୁଛନ୍ତି ? ଆପଣ ଯୋଗ, ପ୍ରାଣାୟାମ ଓ ସୁଷମ ଖାଦ୍ୟ ତଥା ନିଶାଦ୍ରବ୍ୟ ଠାରୁ ଦୂରେଇ ରହୁଛନ୍ତି କି ନାହିଁ ଏସବୁ ଦେଖି ଆପଣ ଆପଣଙ୍କ ଶରୀରରେ ମିଠାକୁ ସ୍ଥିନିତ କରିପାରିବେ। ଆପଣ କୌଣସି ରୋଗର ଚିକିତ୍ସା ହେଉଥିଲେ ଡାକ୍ତରୀ ପରାମର୍ଶ ନେଇ ମିଠା ଖାଆନ୍ତୁ। ତେବେ ପାଟି ଲାଳସା କାରଣରୁ ଅତ୍ୟଧିକ ମିଠା ଠାରୁ ଦୂରେଇ ରହିବା ସର୍ବାଦୌ ବାଞ୍ଛନୀୟ କାରଣ ମିଠା ଆପଣଙ୍କ ସୁନ୍ଦର ଶରୀର ଓ ଶରୀରର ଗୁରୁତ୍ୱପୂର୍ଣ୍ଣ ଅଙ୍ଗ କୁହାଯାଉଥିବା ହୃଦୟକୁ ଯେପରି ପିତାରେ ପରିଣତ ନକରେ।

ସହଯୋଗୀ ପ୍ରଫେସର,
ହୃଦ୍‌ରୋଗ ବିଭାଗ, ଶ୍ରୀରାମଚନ୍ଦ୍ର
ଭଞ୍ଜ ମେଡ଼ିକାଲ କଲେଜ, କଟକ,
ମୋ: ୯୪୩୭୨୭୭୮୬୪




## ବର୍ଷା ଆଗମନେ

### ଦୀପକ କୁମାର ନାଏକ

ଏତେ ଦିନ ପରେ ବରଷା ହେବାରେ
ଚାଷୀ ଭାଇ ଆମ ଖୁସି
କ୍ଷେତକୁ ଏଥର ମହା ଆନନ୍ଦରେ
ଯିବ ସିଏ ହସି ହସି !!
କେତେ ଛଟପଟ ହେଉଥିଲେ ସବୁ
ବରଷା ଟିକକ ପାଇଁ
ବିଳମ୍ବେ ହେଉପଛେ ଆସିଗଲ ବୋଲି
ଖୁସିଯେ ସଭିଏଁ ହୋଇ !!
କେଉଁଠି ଗୋ ଥିଲ ହେ ବରଷା
ରାଣୀ
ଲୋକ ଖୋଜୁଥିଲେ କେତେ
ତୁମକୁ ସବୁ ଦେଖି ସାରିବା ପରେ
ଖୁସି ଯେ କାହିଁରେ କେତେ !!
ଗରମ ଓ ଗୁଳୁଗୁଳି ରେ.......ସଭିଏଁ
ଯାଉଥିଲୁ ଆମ୍ଭେ ମରି
ବର୍ଷା ମୁନ୍ଦେ କରି ଅସହ୍ୟ ଯନ୍ତ୍ରଣାରୁ
ଦେଲ ତମେ ମୁକ୍ତ କରି !!
ଏ ଧରା ମାଟିକୁ ଆସିଗଲ ବୋଲି
ଖେଳିଲା ଖୁସିର ଲହରୀ
ଗଛ ଲତା, ପଶୁ ପକ୍ଷୀ, ମଣିଷ ବି
ଆନନ୍ଦେ ବୋଲିଲେ ହରି ହରି !!

ଗ୍ରାମ-ଗଣ୍ଡାନାଳୀ , ବ୍ଲକ୍-ହିନ୍ଦୋଳ
ଜିଲ୍ଲା-ଢେଙ୍କାନାଳ,
ପିନ୍ -୭୫୯୦୨୧
ମୋ: ୮୬୩୭୨୬୧୮୨୮

## ଛଦ୍ମବେଶୀ

### ନୀଳମଣି ଚାନ୍ଦ

ସେ ଯାହା ଭାବେ ତାହା କହେନା
ଯାହା କହେ ତାହା କରେନା
ଯାହା କରେ କେବେ ବି
ଭାବି ନ ଥାଏ
ଏମିତି ଛଦ୍ମବେଶୀଠୁଁ
ଅନ୍ତତଃ ସୁରକ୍ଷା ଓ ନିଜର
ଆତ୍ମମର୍ଯ୍ୟାଦା ପାଇଁ
ଆସ ଦୂରେଇ ଯିବା ।

ସବୁଦିନେ ଯମଜ ତାମସିକ ଓ
ରାଜସିକ ଗୁଣ ଧରି
ସେ ସାତ୍ତ୍ୱିକର ଜୈତ୍ର ଉଡାଉଥାଏ
ଇସ୍ତୀକରା ପୋଷାକର
ଖୋଳପା ଭିତରେ
ଗୋଟେ ମାୟାବୀ ମାରିଚର ଅସ୍ତିତ୍ୱ
ଠିକ୍ ବାରିହୋଇ ପଡୁଥାଏ।

ଥାଉ, ବିନ୍ଦୁକୁ ସିନ୍ଧୁ ଭାବିବାନି
ସେ ଦାନବକୁ ବିଶ୍ୱାସ କରିବାନି
ମୁହଁରେ ରଙ୍ଗମାଖି ଅଭିନୟ
କରୁଥିବା
ସେ ମଣିଷ କେତେ ଭୟଙ୍କର
ପରମାଣୁ ବୋମାପରି
ବିଷଧର ସର୍ପ ପରି
କାରଣ ସ୍ପଷ୍ଟ ଦିବାଲୋକରେ
ସେ ଲଣ୍ଠନ ଦେଖାଉଥାଏ।

ମନ୍ତ୍ର ମାନୋର, ଗୋଠପାଟଣା
ଭୁବନେଶ୍ୱର,
ମୋ:୯୫୮୩୨୦୨୩୫୭

## ଟିକିଏ ଭାବିଲ ନାହିଁ

### ଭାସ୍କର ରାଉତ



ଅନ୍ତରଙ୍ଗ ହୋଇ ଗଲ ଯେ ଦୂରେଇ
ଟିକିଏ ଭାବିଲ ନାହିଁ
ଚିବିଶି ବରଷ ହୋଇ ହସ ହସ
ଚଳୁଥିଲ ସେଠି ରହି।
କେଉଁ ଅବିଗୁଣ ପାଇଁ,
ନକରି ବିଚାର ହୋଇଲ ଅନ୍ତର
ସମ୍ପର୍କ ଦେଲ ଛିଣ୍ଡାଇ ॥
ନପାରି ମୁଁ ଜାଣି ରହିଥିଲି ତୁନି
ଭଣ୍ଡି ଚାଲୁଥିଲୁ ସବୁ
କହିବା କଥାକୁ ନକରୁ ତହାକୁ
ଦେଖିଲି ଯେବେ ମୁଁ ବାବୁ।
ଅତିଷ୍ଠ ହୋଇଣ ଭାବେ,
ବଦଳାଇ ମତ ଛାଡ଼ି ଦେଲି ହାତ
ଆନକୁ ବରିଲି ଏବେ ।
ତୋ ଭଦ୍ର ମୁଖାକୁ ଖୋଲିଦେବି ତାକୁ
ଆଜି ଜନ ସମୁଦ୍ରରେ
ନିମକ ହାରାମ ଅଟୁ ବେଇମାନ
ଡେରି ହେଲା ଚିହ୍ନିବାରେ।
ସ୍ୱାର୍ଥପର ସାଜି ତୁହି,
ଆମ ସମ୍ପତ୍ତିକୁ ଲୁଟୁଅଛୁ ତାକୁ
ଦାତା ପଣିଆ ଦେଖାଇ ॥
ଟାଣ ପଣ ତୋ'ର ଭାଙ୍ଗିବି ଏଥର
ନିଶ୍ଚୟ ଚିହ୍ନିବୁ ମୋତେ
ମୋ ଜାତି ଭାଇଙ୍କୁ କହି ସବୁ ତାଙ୍କୁ
ପାନେ ଚଖାଇବୁ ତୋତେ।
କନା ପଟୁଳାକୁ ଧରି,
ମୋ ଜାତିକୁ ସ୍ମରି ଯିବୁ ତୁହି ଫେରି
ମଲା ଯାଏଁ ହେବୁ ଘାରି ।
ଈଈଈଈଈଈଈଈଈଈ

ଦେବମାୟା ଭବନ
ଶେରଗଡ଼,ଗଞ୍ଜାମ
ମୋ: ୯୭୭୬୪୮୬୬୨୮



ଧାରାବାହିକ ଉପନ୍ୟାସ

# ଦୁରନ୍ତ ଶିଖା

ଭାଗ-୨୩



ଡ.ସିନ୍ଧୁ ସେନ୍

ଭୟ, ଭ୍ରାନ୍ତି ଠାରୁ ସେ ଥିଲେ ଅନେକ ଦୂରରେ । କଥା କଥାରେ ତାଙ୍କ ମୁହଁରୁ ଫୁଟି ଉଠୁଥିଲା ଧୈର୍ଯ୍ୟ, ସାହସର ଭାବ ଖାଲି ସେତିକି ନୁହେଁ ସେ ଥିଲେ ଜଣେ ପ୍ରଭୁଭକ୍ତ ସେନାପତି । ବିଶେଷକରି ସେ ଥିଲେ ମୋର ଏକାନ୍ତ ଅନୁଗତ । ପ୍ରତିଟି କଥାରେ ସେ ମୋରି ସହ ପରାମର୍ଶ କରୁଥିଲେ । ମୋତେ ଉପଦେଶ ଦେଉଥିଲେ । ତାଙ୍କୁ ମୁଁ ସେନାପତି ରୂପେ ପାଇଗଲା ପରେ ମୋ ମନରେ ଦମ୍ଭ ଓ ସାହସ ବଢ଼ିଗଲା । କେବଳ ସେତିକି ନୁହେଁ, ଆମ ସେନାବାହିନୀର ଭାଗ୍ୟ ମଧ୍ୟ ବଦଳିଗଲା । ସେତେବେଳେ ଆମ ସେନାବାହିନୀର ଅବସ୍ଥା ଏପରି ବିପର୍ଯ୍ୟସ୍ତ ଥିଲା ଯେ ସମସ୍ତଙ୍କୁ ବହୁ କଷ୍ଟରେ ଏକତ୍ରିତ କରିବାରେ ସକ୍ଷମ ହୋଇଥିଲେ ନିଜେ ବିରାଟ କୁମାର । ଆମେ ଦୁହେଁ ଦିନରାତି ପରିଶ୍ରମ କରୁଥିଲୁ । ସୈନିକ ମାନଙ୍କୁ ଅସ୍ତ୍ରଚାଳନା ଶିକ୍ଷା ଦେଉଥିଲୁ । ଆମ ଦୁହିଁଙ୍କ ଉଦ୍ୟମରେ ଆମର ଏକ ଶକ୍ତିଶାଳୀ ସେନାବାହିନୀ ଗଢ଼ିଉଠିଲା । ପ୍ରତିଦିନ ନିତ୍ୟକର୍ମ ସାରି ମୁଁ ନିଜେ ଯୋଦ୍ଧା ବେଶରେ ସୈନ୍ୟମାନଙ୍କ ତାଲିମ ଶିବିରକୁ ଯାଉଥିଲି । ଯୁଦ୍ଧକୁ ଯାଉନଥା ସତ ହେଲେ ଯୁଦ୍ଧ ପାଇଁ ଅଭ୍ୟାସ କରୁଥାଏ ପ୍ରସ୍ତୁତି ପର୍ବ । ମୋ ସହ ସେନାପତି ବିରାଟ କୁମାର ମଧ୍ୟ ଆସନ୍ତି । ଆରମ୍ଭ ହୋଇଯାଏ ଆମର କର୍ମଶାଳା । ରାକ୍ଷସବୀର ମାନଙ୍କୁ ଯୁଦ୍ଧକୌଶଳ ଶିକ୍ଷାକାମରେ ଉଭୟ ଲାଗିପଡୁ । କେଉଁ ପୋଷାକ ପିନ୍ଧି କିଭଳି ଅସ୍ତ୍ର ଧରିବାକୁ ପଡ଼େ । ସେସବୁ ଶିକ୍ଷା ଦେଉଥିଲୁ । ନିଜେ ମଧ୍ୟ ତା ଠାରୁ ଅଧିକ ବଡ଼ବଡ଼ କୌଶଳ ଶିଖୁଥିଲୁ । ଆମ ରାକ୍ଷସମାନଙ୍କ ମଧ୍ୟରୁ ଅନେକେ ଭିନ୍ନଭିନ୍ନ ଦ୍ୱୀପରେ ବସବାସ କରୁଥିଲେ । ଭୟରେ ସେମାନେ ଲୁଚିଛପି ରହୁଥିଲେ । ସାମନାକୁ ଆସିବାକୁ ସାହସ ମଧ୍ୟ କରୁନଥିଲେ। ଏସବୁର କାରଣ ମୋତେ ବୁଝିବାକୁ ବାକି ନଥିଲା । ମାତାମହ ଲଙ୍କାରୁ ବିତାଡ଼ିତ ହେବାପରେ କିଛି ରାକ୍ଷସ ତାଙ୍କ ସହ ଚାଲିଆସିଲେ ମଧ୍ୟ ସମସ୍ତେ ଏକାଠି ରହୁନଥିଲେ । ତେଣୁ ବିଭିନ୍ନ ଦ୍ୱୀପରୁ ରାକ୍ଷସ ମାନଙ୍କୁ ଏକଜୁଟ କରାଇ ସେମାନଙ୍କ ମନରେ ସାହସ ଭରିଦେବାକୁ ଆମକୁ ପ୍ରଥମେ ଅନେକ କଷ୍ଟ କରିବାକୁ ପଡ଼ିଲା । ଆମେ ଯେ ପୁନର୍ବାର ଆମ ହୃତରାଜ୍ୟ ଲଙ୍କାକୁ ଫେରିଯିବୁ ସେକଥାକୁ ସେମାନେ ଗ୍ରହଣ କରିପାରୁ ନଥିଲେ । ଲଙ୍କାରେ ବସବାସ କରୁଥିବା ସମୟରେ ସେମାନେ ଯେଉଁ କଠିନ ପରିଶ୍ରମ କରୁଥିଲେ ଅଳ୍ପସ୍ୱଳ୍ପ ଚାଷବାସ କରୁଥିଲେ ତାହାର ସୁଯୋଗ ଏଠାରେ ନଥିଲା । ତାଙ୍କ ହାତ ଗଢ଼ା ନାରିକେଳ ବୃକ୍ଷରାଜି ସବୁ ଲଙ୍କାଦ୍ୱୀପରେ ରହିଗଲା । ଆଉ ଏସବୁ ଛୋଟଛୋଟ ଦ୍ୱୀପର ମାଟି ଅନୁର୍ବର ହୋଇଥିବା ହେତୁ ଚାଷବାସ କାର୍ଯ୍ୟ ହୋଇପାରୁ ନାହିଁ । ତେଣୁ ସେମାନେ ଅନେକ ମାଛମରା କାର୍ଯ୍ୟରେ ଲିପ୍ତ ରହିଛନ୍ତି । ତାହା ମଧ୍ୟ ଅଳ୍ପ କେତେକ ପରିବାର ମଧ୍ୟରେ ସୀମିତ ରହିଥିଲା । ଅନ୍ୟ ଯେଉଁମାନଙ୍କର କୌଣସି ଲାଭଦାୟକ ବ୍ୟବସାୟ ନଥିଲା ସେମାନେ ପରିସ୍ଥିତିରେ ପଡ଼ି ଦସ୍ୟୁବୃତ୍ତିକୁ ଆଦରି ନେଇଥିଲେ । ମୋଟାମୋଟି ଭାବେ ଛିନ୍ନବିଚ୍ଛିନ୍ନ ହୋଇ ପଡ଼ିଥିବା ରାକ୍ଷସମାନଙ୍କୁ ଏକତ୍ରିତ କରିବା ଆମପାଇଁ ବହୁତ କଷ୍ଟସାଧ ହୋଇପଡ଼ିଥିଲା । ତଥାପି ମୁଁ ଏବଂ ମୋର ସେନାପତି ବିରାଟକୁମାରଙ୍କ ଅକ୍ଳାନ୍ତ ଉଦ୍ୟମ ଫଳରେ ସେ ଦିଗରେ କିଛିଟା ସଫଳ ହୋଇ ପାରିଥିଲୁ ।

ମାମୁଁ ଲଙ୍କାଯାତ୍ରା କରିବାର ବେଶ୍ କିଛିଦିନ ଅତିକ୍ରମ କରିଗଲାଣି । ଏପର୍ଯ୍ୟନ୍ତ ତାଙ୍କର କିଛି ଖବର ମଧ୍ୟ ଆମର ହସ୍ତଗତ ହୋଇନି । ଭାବୁଥିଲି, ମାମୁଁ ସେଠାରେ ନିଶ୍ଚୟ ଭଲରେ ଥିବେ । ତାଙ୍କ ସାଂଗରେ କିଛି ବି ଅଘଟଣ ଘଟି ନଥିବ । ଆଉ ଯଦି କିଛି ହୋଇଥାନ୍ତା ତେବେ ସେ ତ ନିଶ୍ଚୟ ଆମ ପାଖକୁ ଖବର ପଠାଇଥାନ୍ତେ । ନା ନା ମୋ ମନରେ ଅଯଥାରେ ସନ୍ଦେହ ହେଉଛି । ତାଛଡ଼ା କୁବେର ଭାଇ ଯେପରି ରାଜା ସେ କେବେବି ମାମୁଁଙ୍କ ସହ ଖରାପ ବ୍ୟବହାର କରି ନଥିବେ, କି ତାଙ୍କ ଆତିଥ୍ୟରେ ଅବହେଳା କରି ନଥିବେ । ଭାବୁଥିଲି ମାମୁଁଙ୍କ ଫେରିବା ଯେତେ ବିଳମ୍ବ ହେଉ ମୋ ହାତରେ ଏବେବି ଯଥେଷ୍ଟ ସମୟ ଅଛି ଏହାରି ଭିତରେ ମୋତେ ଆମ ସେନାବାହିନୀକୁ ଆହୁରି ଶକ୍ତିଶାଳୀ କରିବାକୁ ପଡ଼ିବ । ସେଥିପାଇଁ ସେନାପତି ବିରାଟ କୁମାରଙ୍କ ସହ କାମରେ ଲାଗିପଡ଼ିଲି । ପୁରୁଣା ପୋତଗୁଡ଼ିକ ମରାମତି କରାଗଲା । ରଣତରୀ ଗୁଡ଼ିକର ସାଜସଜ୍ଜା ପ୍ରତି ଧ୍ୟାନ ଦେଲି । ପୁରାତନ ରଣତରୀ ମରାମତି କାର୍ଯ୍ୟରେ ମନଦେଲି । ତରୀ ଗୁଡ଼ିକ ନିର୍ମାଣ ପାଇଁ ବାଲିଦ୍ୱୀପରେ ମିଳୁଥିବା କାଠ ଆଉ ରଂଗ ଯଥେଷ୍ଟ ନଥିବାରୁ ଅନ୍ୟାନ୍ୟ ଦ୍ୱୀପଗୁଡ଼ିକରୁ ମୋତେ ଏହା ସଂଗ୍ରହ କରିବାକୁ ପଡ଼ିଲା । ମୋର ଲକ୍ଷ୍ୟ ଥିଲା ଆଗାମୀ ଦିନରେ ସମ୍ଭାବ୍ୟ ଯୁଦ୍ଧ ପାଇଁ ବହୁ ସଂଖ୍ୟକ ରଣତରୀର ଆବଶ୍ୟକତା ରହିଛି । ତେଣୁ ସେନାପତିଙ୍କୁ ଏସବୁ ଦିଗରେ ଯତ୍ନବାନ୍ ହେବାକୁ ଆଦେଶ ଦେଲି । ଆମ ତୁଳନାରେ ଅନ୍ୟ ବୀର ରାଜାମାନଙ୍କର ନୌବାହିନୀର ଦକ୍ଷତା ଯେ ଅନେକ ବେଶି, ତାହା ମୋ ନିକଟରେ ଅଜ୍ଞାତ ନ ଥିଲା । ମୁଁ ତେଣୁ ସେହି ଅନୁଯାୟୀ ଆମ ନୌବାହିନୀକୁ ସେମାନଙ୍କ ସମକକ୍ଷ କରାଇବାକୁ ଆପ୍ରାଣ ଉଦ୍ୟମ କରୁଥିଲି । ସେନାପତି ମୋ ମୁହଁକୁ ବିସ୍ଫୋରିତ ନୟନରେ ଚାହିଁ ରହିଥିଲେ । ତାଙ୍କ ମନରେ ବୋଧହୁଏ ସଂଶୟ ଜାଗୁଥିଲା, କେମିତି ଏସବୁ ସମ୍ଭବ ହେବ । ତାଛଡ଼ା ଆମେ କେତେଟା ପାରିବୁ ନୌବାହିନୀର ଦକ୍ଷତା ବଢ଼ାଇବାକୁ । ରଣତରୀର ସଂଖ୍ୟା ମଧ୍ୟ ବଢ଼ାଇବୁ । ତା ବୋଲି କାହାରି ସହ ପ୍ରତିଦ୍ୱନ୍ଦ୍ୱିତା କରିବା କ'ଣ ଠିକ୍? ମୁଁ ସେନାପତିଙ୍କ କଥାକୁ ହୃଦୟଙ୍ଗମ କଲି ତାଙ୍କୁ ବୁଝାଇବାକୁ ଯାଇ କହିଲି ଦେଖନ୍ତୁ ବିନା ପ୍ରତିଯୋଗିତାରେ କେହି କ'ଣ କେବେ ସଫଳତା ପାଇପାରେ । ହୋଇପାରେ ଏଥିସହ କିଛି ନା କିଛି ସ୍ୱାର୍ଥ ଜଡ଼ିତ । ତେବେବି ବିନା ପ୍ରତିଯୋଗିତାରେ ମନ ଭିତରେ ଦୃଢ଼ତା ଆସେ ନାହିଁ । ପ୍ରତିଦ୍ୱନ୍ଦ୍ୱିତା କରିବାର ଅର୍ଥ କାହାରି ପ୍ରତି ହିଂସା କିମ୍ବା ବିଦ୍ୱେଷ ଭାବ ପୋଷଣ କରିବା । ବରଂ ଅନ୍ୟର କାର୍ଯ୍ୟକଳାପକୁ ଆଖି ଆଗରେ ରଖି ତାକୁ ଟପିଯିବାର ନିଶାରେ ବିଭୋର ହେବା। ମୋ ମନରେ ମଧ୍ୟ ସେଇ ଟପିବାର ଅଧିକରୁ ଅଧିକ ବଢ଼ିବାର ନିଶା ଜାଗି ଉଠିଥିଲା । ଆଉ ଏତିକି ବି ଜାଣିଥିଲି ଜୀବନର ଯେକୌଣସି ପରୀକ୍ଷାରେ ଉତ୍ତୀର୍ଣ୍ଣ ହେବାକୁ ହେଲେ ପ୍ରତିଯୋଗିତାର ଆବଶ୍ୟକତା ରହିଛି । ଆଖି ସାମ୍ନାରେ କାହାକୁ ନା କାହାକୁ ପ୍ରତିଦ୍ୱନ୍ଦ୍ୱୀ ଭାବେ ରଖି କାମରେ ଆଗେଇଲେ ନିଶ୍ଚିତ ଦିନେ ନା ଦିନେ ସଫଳତା ମିଳିବ । ଅନ୍ୟମାନଙ୍କ ଠାରୁ ତେଣୁ ମୋ ଚିନ୍ତାଧାରା ଭିନ୍ନ । ଭାବନା ଭିନ୍ନ । ମୁଁ ରାବଣ, ଜୀବନରେ କେବେ ହାରିବା ଶିଖିନି । ବରଂ ଯେତେ ବାଧାବିଘ୍ନ ଆସିଲେ ମଧ୍ୟ ତାକୁ ଅତିକ୍ରମ କରି ଆଗେଇବା ଶିଖିଛି। ଏତିକି ବି ଜାଣେ, ଅନ୍ୟମାନଙ୍କ ଠାରୁ ମୋର ଦୂରଦୃଷ୍ଟି ସୁଦୂରପ୍ରସାରୀ । ସେନାପତି ମହୋଦୟ ସଦାସର୍ବଦା ମୋ ସହ ଏକମତ ହୋଇଥାନ୍ତି । ତାହାହିଁ ମୋତେ କାମକରିବା ପାଇଁ ଉତ୍ସାହ ଦିଏ । ମୋଟାମୋଟି ମୁଁ ଆମ ରାକ୍ଷସ ସମାଜର କେବଳ ରଣତରୀର ସଂଖ୍ୟା ବଢ଼ାଇ ନଥିଲି । ତା ସହିତ ଆବଶ୍ୟକୀୟ ଲୋକବଳ ଓ ଅର୍ଥବଳ ମଧ୍ୟ ବଢ଼ାଇବାରେ ଲାଗିଥିଲି ।

ପ୍ରତ୍ୟେହ ଆମ ସେନାନୀ ମାନଙ୍କୁ ବିଭିନ୍ନ ରଣକୌଶଳ ଶିଖାଇବା ସହ ଅସ୍ତ୍ରଗାର ମଧ୍ୟ ତନ୍ନତନ୍ନ କରି ଦେଖୁଥିଲି। ନିର୍ମାଣଧୀନ ଥିବା କେତେକ ଅସ୍ତ୍ରଶସ୍ତ୍ରର ପରୀକ୍ଷା କରୁଥିଲି । ପ୍ରକୃତରେ ଅସ୍ତ୍ରଶସ୍ତ୍ର ନିର୍ମାଣ ଓ ଚାଳନା ଉପରେ ଆର୍ଯ୍ୟମାନଙ୍କର ହିଁ ବିଶେଷ ଜ୍ଞାନ ଥିଲା । ସେମାନେ ଏସବୁ ବିଷୟରେ ଗବେଷଣା କରି ଅନେକ ଜ୍ଞାନ ଆହରଣ କରିଥିଲେ ।(କ୍ରମଶଃ)

+ବାରବାଟୀ, ବାଲେଶ୍ୱର
(ମୋ)୯୩୩୭୫୮୦୦୪୫

---



ଧାରାବାହିକ ଉପନ୍ୟାସ

(ପୂର୍ବ ପ୍ରକାଶିତ ଉତ୍ତାର)

# ତ୍ରିପାଦମେଦିନୀ

ଜ୍ୟୋତ୍ସ୍ନାମୟୀ ପଣ୍ଡା



॥ ଭାଗ-୫୧ ॥

ବୃକ୍ଷ ମାନଙ୍କର ଦହନ ଦେଖି ଔଷଧୀଶ ଚନ୍ଦ୍ର ତାଙ୍କର ସମ୍ମୁଖୀନ ହେଲେ । ସେ ସେମାନଙ୍କୁ ଅନେକ ପ୍ରବୋଧନା ଦେଇ ବୃକ୍ଷ ମାନଙ୍କୁ ବିନାଶ ନକରିବା ପାଇଁ ଉପଦେଶ ଦେଲେ କହିଲେ ,

'ହେ ପ୍ରଚେତସ ମାନେ, ଭଗବାନ ବିଷ୍ଣୁଙ୍କ ନାଭିରୁ ଜାତ ପଦ୍ମ ଉପରେ ବସି, ପ୍ରଜାପତି ବ୍ରହ୍ମା ସୃଷ୍ଟି ରଚନା କରିବା ସହିତ ପ୍ରଥମେ ସତ୍ୟ ଓ ଧର୍ମର ସୃଷ୍ଟି କରିଥିଲେ । ସେହିସମୟରେ ମହାକାଶରେ ନିରନ୍ଧ୍ର ଅନ୍ଧକାର ବ୍ୟତୀତ କିଛି ମଧ୍ୟ ନଥିଲା ? ହଁ,ନିଶ୍ଚୟ କିଛି ଥିଲା । ଯାହା ଅନ୍ତହୀନ ଶକ୍ତିଥିଲା । ବ୍ରହ୍ମାଙ୍କଠାରୁ ଉତ୍ପତ୍ତି ହୋଇଥିବା ପ୍ରତ୍ୟେକ ନିଜ ନିଜର ଧର୍ମ ପାଳନ କରିବାରେ ଲାଗିଲେ । ପରମାଣୁମାନେ ପରସ୍ପର ସହିତ ପରିମିତ ସଂଖ୍ୟାରେ ଯୁକ୍ତ ହୋଇଗଲେ । ଗ୍ରହ, ନକ୍ଷତ୍ର ଓ ଛାୟା ପଥମାନେ ଘୁରିବାରେ ଲାଗିଲେ । ଭାଗବତଙ୍କ ଭାଷାରେ କୁରାଳଚକ୍ର ପ୍ରାୟ ହୋଇ, ଭ୍ରମିଲେ ଜ୍ୟୋତିଷ୍କ ଯେ ତହିଁ । ଜଳ ନିର୍ଦ୍ଦିଷ୍ଟ ଉଦଯାନ ଓ ଅମ୍ଳଜାନ ଅଣୁର ମିଶ୍ରଣରେ ସୃଷ୍ଟି ହେଲା । ସୂର୍ଯ୍ୟ, ବାୟୁ, ମୃତ୍ତିକା, ଆକାଶ, ଜଳର ଉପାଦାନମାନେ ଯୋଗ ହୋଇ ନିଜ ନିଜ ଧର୍ମ ପାଳନ କରିଥିଲେ । ସୃଷ୍ଟିର ପ୍ରତ୍ୟେକ ପଦାର୍ଥ ଜୀବ ଓ ଜଡ, ସମସ୍ତଙ୍କର ନିଜ ଧର୍ମ ଥିଲା । ପ୍ରାଣୀ, ଜୀବ, ଜଡ ପରସ୍ପର ସହ ଯୁକ୍ତ ହୋଇ ସୃଷ୍ଟିର ପ୍ରସାର କଲେ । ଆଦିମାନବ ମାନେ ସଂଗଠିତ ଜୀବନ ଯାପନ କଲେ । ଜଳ ନିମ୍ନ ଗା, ବାଷ୍ପ ଉର୍ଦ୍ଧ୍ୱ ମୁଖ, ମାଟି ସ୍ଥିର ରହିଲେ । ଏପରିକି ବିଯୁକ୍ତ ମୃତ୍ୟୁ ନିୟମ ମଧ୍ୟମାନବର ମଙ୍ଗଳ ପାଇଁ ନିଜର ଧର୍ମ ରକ୍ଷା କରି କର୍ମ କରିଗଲେ । ନଚେତ ଯଦି ଆମର ସମସ୍ତ ପୂର୍ବପୁରୁଷ ମାନେ ଆଜି ପୃଥିବୀରେ ଥାନ୍ତେ, କେଉଁଠିଥାନ୍ତେ ? ଏହି ଧର୍ମ ପାଇଁ ହିଁ ପୃଥିବୀ ତିଷ୍ଠି ରହିଲା । ଧର୍ମ ଧାରୟତେ ପୃଥିବୀ । ମାଟି ଯଦି ଜନ୍ମିତ ଶିଶୁର ଯତ୍ନ ନକରିବ ସେ ବଞ୍ଚିପାରିବ ନାହିଁ । ମାନବ ମଧ୍ୟ ଯେତେ ବେଳେ ଏହି ଚିରନ୍ତନ ସତ୍ୟ ବିଷୟରେ ଜ୍ଞାନ ଲାଭ କଲା, ସେ ମଧ୍ୟ ନିଜ ଧର୍ମ ବିଷୟ ରେ ସଚେତନ ହେଲା । ଆଜି ପର୍ଯ୍ୟନ୍ତ ସେ ଇତର ପ୍ରାଣୀମାନଙ୍କ ପରି କ୍ଷୁଧା, ତୃଷା, ମିଥୁନ, ପାଶବିକ ଲଢେଇ କରି ଆତ୍ମରକ୍ଷା କରିଛି । ଯାଯାବର ହୋଇ ବୁଲିଛି । ହିଂସ୍ର ଭାବେ ଖାଦ୍ୟ ପାଇଁ ଜୋର୍‌ଯାର ମୁଳକ ତାର ନୀତିରେ ଲଢେଇ କରିଛି । ଏହା ବ୍ୟତୀତ ଜୀବନର କୌଣସି ସ୍ୱତନ୍ତ୍ର ଉଦ୍ଦେଶ୍ୟ ତାର ନାହିଁ । ଅଥଚ ଈଶ୍ୱର ତାହାଠାରେ ଇତର ପ୍ରାଣୀ ମାନଙ୍କଠାରୁ ଅଧିକ ବୁଦ୍ଧି , ଜ୍ଞାନ, ସ୍ୱତନ୍ତ୍ର ବିଚାର ଶକ୍ତି ଦାନ କରିଛନ୍ତି । ତାହାର ଭିତରେ ଓ ବାହାରେ ଅମାପ ଶକ୍ତି ପ୍ରଦାନ କରିଛନ୍ତି । ସେ ଏହି ଶକ୍ତିର ସନ୍ଧାନ ସହ ଏହାକୁ ଉପଯୋଗକରି ଇତର ପ୍ରାଣୀ ମାନଙ୍କଠାରୁ ଶ୍ରେଷ୍ଠ ଜୀବନ ଯାପନ କରିବା ଉଚିତ୍ । ଏହାପରେ ମାନବ ଜୀବନରେ ନିୟମ, ନୀତି, ଶୃଙ୍ଖଳା ଆଦିସୃଷ୍ଟି କଲା । ନିଜ ମଧ୍ୟରେ ଥିବା ମାନବ ଶକ୍ତିର ସନ୍ଧାନ ଓ ଉପଯୋଗ କଲା । ପରିବାର, ସମାଜ, ଦେଶ ସୃଷ୍ଟି କଲା । ଜ୍ଞାନୀ ମାନେ ବିଭିନ୍ନ ନୀତି, ନିୟମ ଆଦି ପ୍ରଣୟନ କରି ସ୍ନେହ, ପ୍ରେମ, ଶାନ୍ତି, ମୈତ୍ରୀ, ଆନନ୍ଦର ବନ୍ଧନରେ ଜୀବନକୁ ସରସ, ସୁନ୍ଦର, ଶୃଙ୍ଖଳିତ କରିଥିଲେ । ଆଧାତ୍ମିକ ଚେତନାର ଜାଗରଣ ହେଲା । ଶେଷରେ ଈଶ୍ୱର ଙ୍କ ସହ ଯୁକ୍ତ ହୋଇ ଯିବାହିଁ ଜୀବନର ଅନ୍ତିମ ଲକ୍ଷବୋଲି ସେ ଚିନ୍ତାକଲା ।

'ହେ ପ୍ରଚେତସ, ବୃକ୍ଷମାନେ ମଧ୍ୟ ସେହି ସନାତନ ଧର୍ମ କୁପାଳନ କରୁଅଛନ୍ତି । ମାନବର ଉପକାର କରିବା ହେଲା ବୃକ୍ଷ ମାନଙ୍କର ଧର୍ମ । ବୃକ୍ଷ ମାନଙ୍କଠାରୁ ଆୟୁର୍ବେଦିକ (ଏଠାରେ ଆୟୁର ଅର୍ଥ ଆୟୁଷ ବା ଜୀବନ ଏବଂ ବେଦର ଅର୍ଥଜ୍ଞାନ ।

ଜୀବନର ଅର୍ଥ ହିଁ ବିଶୁଦ୍ଧ ବାୟୁ ବା ଅମ୍ଳଜାନ, ଉତ୍ତମ ଜଳବା ବର୍ଷା, ଉତ୍ତମ ଖାଦ୍ୟ ବା ଫଳ, ବୀଜ, ଯାହା ବୃକ୍ଷଠାରୁ ମିଳିଥାଏ ।) ଔଷଧ ମିଳୁଥିବାରୁ ଭଗବାନ ସେମାନଙ୍କୁ ସୃଷ୍ଟି କରିଛନ୍ତି, ସେମାନେ ଆମକୁ ବାସଗୃହ ଓ ସୁଖାଦ୍ୟ ପ୍ରଦାନ କରନ୍ତି । ସେମାନଙ୍କ ଯୋଗୁଁ ବର୍ଷା ହୁଏ, ବିଶୁଦ୍ଧବାୟୁ(ଅମ୍ଳଜାନ) ମିଳେ ଓ ମୃତ୍ତିକା କ୍ଷୟରୁ ଆମକୁ ରକ୍ଷା ମିଳେ । ବୃକ୍ଷ ଆମକୁ ଛାୟା ପ୍ରଦାନ କରେ । ଉଦ୍ଭିଦ ଜଗତ ନଥିଲେ ପୃଥିବୀ ଓ ପ୍ରାଣୀ ମାନେ ମଧ୍ୟ ଧ୍ୱଂସ ହୋଇଯିବେ । ତେଣୁ ସେମାନଙ୍କ ପ୍ରତି ଅଜ୍ଞ ଭାବେଏଭଳି ନିଷ୍ଠୁର ହେବା ଆଦୌ ଉଚିତ ହେବନାହିଁ । ବୃକ୍ଷଲତା ମାନେ ଘଞ୍ଚ ହେବାରୁ ବିଷ୍ଣୁ ବି କୌଣସିଠାରେ ଆତ୍ମଗୋପନ କରିନାହାନ୍ତି । ସେ ତାଙ୍କ ମନକୁ ମନ ଅନ୍ତର୍ଦ୍ଧାନ ହୋଇଯାଇଛନ୍ତି । ଅନ୍ତତଃ ଶେଷରେ ଥିବା ଏହି ବୃକ୍ଷଟିକୁ ପୃଥିବୀର ମଙ୍ଗଳ ପାଇଁ ବଞ୍ଚାଇ ରଖିବାକୁ ଅନୁରୋଧ କରି ସେ କହିଲେ, 'ହେ ପ୍ରଚେତସ ମାନେ ଶୁଣ, ବହୁ ବର୍ଷ ପୂର୍ବେଏହି ସ୍ଥାନରେ କଣ୍ଡୁ ନାମକ ଜଣେ ଋଷି ତପସ୍ୟାରତ ଥିଲେ । ସେହି ସମୟରେ ପ୍ରମ୍ଲଚା ନାମ୍ନୀ ଜଣେ ସୁନ୍ଦରୀ ଅପ୍ସରୀ (ପ୍ରମ୍ଲୋଚର ଅର୍ଥ ସ୍ୱର୍ଗୀୟ ବା ନୈସର୍ଗିକ ସୁନ୍ଦରୀ)ତାଙ୍କ ଆଶ୍ରମରେ ଉପସ୍ଥିତ ହେଲେ । ପ୍ରମ୍ଲୋଚା ରୂପବତୀ, ମଧୁମତୀ,ଯୌବନବତୀ । ସହଜେ ଅପ୍ସରା ହୋଇ ଥିବାରୁ ନୃତ୍ୟ ଛନ୍ଦା । କ୍ରୀଡ଼ା ଚପଳତାରେ ତାଙ୍କଅଙ୍ଗ,ପ୍ରତ୍ୟଙ୍ଗ ଚଞ୍ଚଳ । ଅଧରରେ ମନୋରମ ହାସ୍ୟ, ଶ୍ରୀ ଅଙ୍ଗରେ ନିର୍ଝରର ଲାସ୍ୟ । ମୁନିଙ୍କର ଦୃଷ୍ଟି ପଡିବା କ୍ଷଣି ସେ ଅଭିଭୂତ ହୋଇଗଲେ ।

ବାସନାରେ ଜର୍ଜରିତ କଣ୍ଡୁମୁନୀ । ତପସ୍ୟା, ଧ୍ୟାନ ସବୁକିଛି ପରିତ୍ୟାଗ କରି ପ୍ରମ୍ଲୋଚାଙ୍କ ସହ ଗୃହ ସଂସାର ଦୁଳାଇ ବାରେ ବ୍ୟସ୍ତ ରହିଲେ ।

ପ୍ରମ୍ଲୋଚା ହେଲେ ଗର୍ଭବତୀ । ଦଶମାସ ପରେ ଏକ ସୁନ୍ଦରୀ କନ୍ୟା ସନ୍ତାନକୁ ଜନ୍ମ ଦେଲେ ସେ । କିନ୍ତୁ ସେ' ତ ଅପ୍ସରା ନୃତ୍ୟ, ଗୀତର ସ୍ଥଳ ହିଁ ତାଙ୍କର ସ୍ଥାୟୀ ଆବାସ ସ୍ଥଳ ଥିଲା । ତେଣୁ ନବ ଜନ୍ମିତା କନ୍ୟାକୁ ସେହି ବନ ମଧ୍ୟରେ ତ୍ୟାଗ କରି ପ୍ରମ୍ଲଚା ନିଜ ଭୁବନକୁ ପ୍ରସ୍ଥାନ କଲେ । କିଛି ବର୍ଷପରେ କଣ୍ଡୁମୁନି ମଧ୍ୟ ସେଠାରେ କନ୍ୟାକୁ ଛାଡି ପୁର୍ନବାର ତପସ୍ୟା କରିବା ପାଇଁ ଚାଲିଗଲେ । ସେହି ବନ ମଧ୍ୟରେ ଥିବା ବୃକ୍ଷମାନେ ହିଁ ସେହି କନ୍ୟାକୁ ପାଳନ କଲେ ।

ବୃକ୍ଷମାନଙ୍କର ବନ୍ଧୁ ଥିଲେ ଇନ୍ଦ୍ର । କନ୍ୟାଟି କ୍ଷୁଧାରେ ବିକଳ ହୋଇ କ୍ରନ୍ଦନ କରିବାରୁ ଇନ୍ଦ୍ର ତାଙ୍କର ତର୍ଜନୀ ଆଙ୍ଗୁଠିକୁ ତାର ମୁଖରେ ଭରିଦେଲେ ।

ଇନ୍ଦ୍ରଙ୍କ ତର୍ଜନୀରେ କୁଆଡେ ଅମୃତ ଥାଏ । ଯେମିତି ହେଉନା କାହିଁକି, ବେଳେ ବେଳେ ଏହିପରି ଘଟେ ଯେ, ମୃତ୍ୟୁର ସମସ୍ତ ସମ୍ଭାବନା ଥାଇ ମଧ୍ୟ ମୃତ୍ୟୁ ହୁଏ ନାହିଁ । ଏହାହିଁ ଐଶ୍ୱରୀୟ ଆଶ୍ଚର୍ଯ୍ୟ । ସେହି କନ୍ୟା ସେହି ବୃକ୍ଷମାନଙ୍କର ବନ୍ଧୁ, ବର୍ଷାର ଜଳ, ବୃକ୍ଷରେ ଫଳିଥିବା ସୁସ୍ୱାଦୁ ଫଳ ମାନଙ୍କୁ ଖାଇ, ସେହି ବୃକ୍ଷର କାଠ ଓ ପତ୍ରରେ କୁଟୀର ନିର୍ମାଣ କରି, ତାର କାଠ, ପତ୍ରକୁ ଜାଳରୂପେ ବ୍ୟବହାର କରି, ଖାଦ୍ୟ ରନ୍ଧନ କରି, ଲତାର ପତ୍ରକୁ ଗୁଡ଼ାଇ ପିନ୍ଧି, ସୁଗନ୍ଧିତ ପୁଷ୍ପାଳଙ୍କାରରେ ନିଜକୁ ସଜାଇ, ସେହି ବୃକ୍ଷମାନଙ୍କ ତତ୍ତ୍ୱାବଧାନରେ ବଢି ଉଠିଲେ ।

ସେ ଯୁବତୀ ହେଲେ । ତାଙ୍କର ନାମ ଥିଲା ମାରୀଶା । ମାରିଶାଙ୍କ ମା ସମୁଦ୍ର ମଧ୍ୟସ୍ଥ ଦ୍ୱୀପରେ ଜନ୍ମ ହୋଇଥିଲେ । ଆପ୍ ବା ଜଳରୁ ଜନ୍ମ ହୋଇଥିବାରୁ ସେ ଅପ୍ସରା ଥିଲେ । ତାଙ୍କ ନାମ ଅନୁସାରେ କନ୍ୟାର ନାମ ରହିଲା, ମାରିଶା ବା ସମୁଦ୍ର ତାରକା ।

ଏହାପରେ ପିତାମହ ବ୍ରହ୍ମା ଓ ଇନ୍ଦ୍ର ଆଦି ମଧ୍ୟ ନିଜର ଅନ୍ତର୍ବି ଜ୍ଞାନ ସ୍ୱରୂପରେ ସେଠାରେ ଉପସ୍ଥିତ ହେଲେ । ସେମାନଙ୍କ ପ୍ରରୋଚନାରେ ମାରୀଶାଙ୍କ ସହିତ ଦଶ ପ୍ରଚେତସ ମାନଙ୍କର ବିବାହ ହେଲା । ମାରୀଶା ଦଶ ପ୍ରଚେତସଙ୍କ ଔରସରେ ଯାହାଙ୍କୁ ଜନ୍ମ ଦେଲେ ସେ ଥିଲେ ସେହି ଦକ୍ଷ ପ୍ରଜାପତି, ଯିଏ କି ପୂର୍ବଜନ୍ମରେ ବ୍ରହ୍ମାଙ୍କ ପୁତ୍ର ତଥା ସତୀଙ୍କ ପିତା ଥିଲେ । ସେ ଶିବଙ୍କର ଅଭିଶାପ ପାଇଥିଲେ । ପୁଣିଥରେ ସେ ଦଶପ୍ରଚେତସ ଓ ବୃକ୍ଷମାନଙ୍କ ଦ୍ୱାରା ପାଳିତା ମାରୀଶାଙ୍କ ଗର୍ଭରୁ ଜନ୍ମ ଗ୍ରହଣ କରିଥିଲେ । ପ୍ରଥମେ ପୃଥିବୀରେ ତ ଉଦ୍ଭିଦଙ୍କଠାରୁ ହିଁ ସବୁକିଛି ସୃଷ୍ଟି ହୋଇଥିଲା । ପୂର୍ବଜନ୍ମରେ ଶିବ ଦ୍ରୋହୀଥିବାରୁ ଦକ୍ଷଙ୍କୁ ଜନ୍ମ ଦେବାରେ ମାରୀଶାଙ୍କୁ ଖୁବ ଗର୍ଭକଷ୍ଟ ହୋଇଥିଲା ।

କିପରି ଦଶ ଜଣ ପୁରୁଷଙ୍କଠାରୁ ସୃଷ୍ଟି ହେଲା ଗୋଟିଏ ସନ୍ତାନ ? ଯଦି ଗୋଟିଏ ନାରୀ ଓ ପୁରୁଷଙ୍କଠାରୁ ସୃଷ୍ଟ ଭ୍ରୁଣକୁ କୌଣସି ମତେ ଅନ୍ୟ ପୁରୁଷ ମାନଙ୍କ ଗର୍ଭରେ କ୍ରମାନ୍ୱୟରେ ରଖା ଯାଇଥିବ, ସେହି ପୁରୁଷମାନଙ୍କଠାରେ ଗର୍ଭାଶୟ ରୋପଣକରି ଶିଶୁ ନିକଟକୁ ବାୟୁ, ଖାଦ୍ୟ, ଆସିବାର ବ୍ୟବସ୍ଥା କରାଯାଇଥିବ ବା ଏହା ସଂଭବ ହୋଇପାରେ !! ବିନା ଅସ୍ତ୍ରୋପଚାର ରେ ବଳରାମଙ୍କ ଭ୍ରୁଣକୁ ଦେବକୀଙ୍କ ଗର୍ଭରୁ ନେଇ ରୋହିଣୀଙ୍କ ଗର୍ଭରେ ରଖାଯାଇଥିଲା । ଜଣେ ପୁରୁଷ ରାଜା ଯାଜ୍ଞ ଶାଳାର କଳସୀରୁ ମନ୍ତ୍ରିତ ଜଳ ପାନ କରି ଗର୍ଭଧାରଣ ଓ ସନ୍ତାନ ଜନ୍ମ କରିଥିଲେ । ତେଣୁ ମୋର ବିଶ୍ୱାସ ଏହା ଅନ୍ତର୍ବିଜ୍ଞାନ ବଳରେ ସଂଭବ ହୋଇପାରେ !!

ଏହି ବୈଜ୍ଞାନିକ ପ୍ରକ୍ରିୟାରେ ଜନ୍ମିତ ଦକ୍ଷ ସମସ୍ତ କାର୍ଯ୍ୟରେ ଅତ୍ୟନ୍ତ ଦକ୍ଷଥିଲେ । ତେଣୁ ମୀନ ଅବତାରରେ ବିଷ୍ଣୁ ବେଦ ଓ ଆୟୁର୍ବେଦକୁ ରକ୍ଷା କରି ବା ପରେ ପ୍ରଜାପତି ବ୍ରହ୍ମା ତାଙ୍କୁ ପ୍ରଜା ହୀନ ପୃଥିବୀରେ ପ୍ରଜା ସୃଷ୍ଟି କରିବାକାର୍ଯ୍ୟରେ ନିଯୁକ୍ତି ଦେଲେ । କାଳକ୍ରମେ ବୈଜ୍ଞାନିକ ଦକ୍ଷ ବିନ୍ଧ୍ୟପର୍ବତ (ବର୍ତ୍ତମାନ ମଧ୍ୟପ୍ରଦେଶ, ଛତିଶଗଡ଼, ଉତ୍ତରାଖଣ୍ଡ ଓ ବିହାର ଆଦି ଏକ ବିରାଟ ଅଞ୍ଚଳରେ ବିସ୍ତୃତ)କୁ ଯାଇ ସେଠାରେ କଠୋର ସାଧନା କରିଥିଲେ । ତପସ୍ୟାରେ ସେହି ଅନାଦି ଅନନ୍ତ ଶକ୍ତି ତାଙ୍କ ଉପରେ ପ୍ରସନ୍ନ ହୋଇ ତାଙ୍କୁ ସିଦ୍ଧି ପ୍ରଦାନ କଲେ ଏବଂ ସେ ସୃଷ୍ଟି କରିବାର ଜ୍ଞାନ ଲାଭକଲେ । ବ୍ରହ୍ମାଙ୍କ ଆଦେଶରେ ସେ ପଞ୍ଚଜନଙ୍କର କନ୍ୟା ସୁନ୍ଦରୀ ଅସ୍କିନୀ (ଅସ୍କିନୀ ଶବ୍ଦର ଅର୍ଥ ଗମ୍ଭୀର । ଗୁରୁତ୍ୱ ଭରା, ବିଖ୍ୟାତ ।)ଙ୍କ ସହିତ ବିବାହ କରି ସୃଷ୍ଟିକୁ ଅଧିକ ଉନ୍ନତ କଲେ ।

ସେ କିପରି ନୂତନ ପ୍ରଜା ସୃଷ୍ଟି କରିଥିଲେ ?

(କ୍ରମଶଃ)

+ବାଲିଝରି, କାନପୁର, ବଡ଼ମ୍ବା, କଟକ

---

# ଅଭିମାନୀ ମୌସୁମୀ

## ନଳିନୀ ଦାଶ

ହିମାଳୟ ପରବତରୁ ଆସଗୋ
ଛାଡ଼ି ମନୁ ରାଗ ରୋଷ
ଅସହ୍ୟ ତାପକୁ ନାଶି ଶାନ୍ତି ଭର
ମୌସୁମୀ ସଅଳ ଆସ ।

ସବୁ ଅଭିମାନ ଭୁଲି ଚାଲିଆସ
ତୁମ ପଥ ଅଛୁ ଚାହିଁ
ନିଦାଘ କଷଣ ସହି ହେଉନାହିଁ
ଧରଣୀକୁ ଦିଅ ଛୁଇଁ
ମୌସୁମୀ ରାଣୀଗୋ ତୁମର ପରଶେ
ମାଟିମା ହୋଇବ ତୋଷ
ତୁମେ ଆସିଗଲେ ସବୁରି ଓଠରେ
ଭରିଯିବ ଖୁସି ହସ

ପ୍ରାଣୀ ଜଗତ ଓ ଉଦ୍ଭିଦ ଜଗତ
ହେଲେଣି ଧରାରୁ ନାଶ
ଚାଷୀ ଭାଇ ମୁଣ୍ଡେ ହାତ ଦେଇ ବସେ
କେମିତି କରିବ ଚାଷ
ଅଧାବାଟୁ ଫେରି ଯାଅନି ଗୋ ତୁମେ
ଅଭିମାନୀ ମଉସୁମୀ
ଏ ଜନ ସମାଜ ଗଛ କାଟିକରେ
ପଡିଆ ଟାଙ୍ଗରା ଭୂମି ।

କଳକାରଖାନା ଗଢ଼ିଲେଣି କେତେ
ନିର୍ମାଣିଲେ ଅଟ୍ଟାଳିକା
ଗଛ ଲାଗି ବର୍ଷା କମିଲା ଧରାରେ
ବସନ୍ତ ହୋଇଲା ଫିକା ।

ଏ ଜନ ସମାଜ ଯେଉଁ ଦିନ ହେବେ
ନିଜେ ନିଜେ ସଚେତନ
ଗଛ ନକାଟିଲେ ଚେର ଭିଡ଼ି ପାଣି
ବର୍ଷା ହେବ ଘନଘନ ।

ଅସଗୋ ମୌସୁମୀ ଢ଼ାଳି ଦିଅ ବର୍ଷା
ଭରି ଯାଉ ନଈ ନାଳ
ନିଦାଘର ତାପ ଦୂର ହେଇଯାଉ
ହସିବେ ଜୀବ ସକଳ ।

ଶାନ୍ତି ବାରି ସିଞ୍ଚି ଶୀତଳତା ଭର
ଜଗତର ହିତେ ଆସ
ସବୁରି ଜୀବନେ ସୁଖ ଶାନ୍ତି ଭରୁ
ଓଠେ ଫୁଟିଯାଉ ହସ ।

+ଭିକାରିପଡା, ଶରଣକୁଳ, ନୟାଗଡ଼
ମୋ: ୯୨୩୮୯୯୬୬୪୯

---



# ବିକ୍ଷିପ୍ତ ଏ ପ୍ରତିଧ୍ୱନି

## ଲିଜା ପଣ୍ଡା

ଛବି ର ସୋନ୍ଦର୍ଯ୍ୟେ ବିମୁଗ୍ଧ ପ୍ରେୟସୀ
ସାଜେ ଅନଭିଜ୍ଞ ପ୍ରତିକ୍ଷଣ ।
ସଂସାର ବୁକୁରେ ଉଡିବୁଲେ ପୁଣି
ପକ୍ଷୀ ସାଜି ପ୍ରତିକ୍ଷଣ ।।

ନିୟନ୍ତ୍ରଣାଧୀନ ନହୋଇ ସେ ମଣେ
ବିବେକ ବାର୍ତ୍ତା କୁ ହେୟ ।
ଚଗଲୀ ମନର ଚଞ୍ଚଳ ପଣ କୁ
ଦିଏ ଅଗ୍ରଗାମୀ ଶ୍ରେୟ ।।

ଉଦିପ୍ତ ଆଶା କୁ କରେ ଉଜ୍ଜୀବିତ
ନାନା ପ୍ରୟାସ ର ଅନ୍ତେ ।
ନବଚେତନା ର ମଧୁର ପ୍ରେମର
ସ୍ୱାଦ ପରଖିବା ନିମନ୍ତେ ।।

ନବଦିଗନ୍ତ ରେ ମନ ର କୁମାର
ମିଳିଯାଏ ପୁଣି ତାକୁ ।
ପାଖେ ରହେ କେବେ ଉଡିଯାଏ ପୁଣି
ଧରା ଦିଏ ନାହିଁ ତାକୁ ।।

ମନର କ୍ଷୋଭ କୁ ମନରେ ମାରି ସେ
ପ୍ରତିକ୍ଷଣ କାନ୍ଦୁଥାଏ ।
କେବେ ପାଲଟିବ ସପନ ତା ସତ
ଚିରକାଳ ଭାବୁଥାଏ ।।

ଅସହ୍ୟ ବେଦନା ବକ୍ଷ ରେ ସାଇତି
ସାଜେ ବଡ ସ୍ୱାଭିମାନୀ ।
ବିରହ ଦଗ୍ଧ ରେ ପ୍ରଜ୍ୱୋଳିତ ହୋଇ
ପାଲଟେ ସେ ଅଭିମାନୀ ।।

ନାନା ଯନ୍ତ୍ରଣା କୁ ପାସୋରି ସେ ପୁଣି
କରେ ପ୍ରେମିକ ପଥକୁ ପ୍ରତୀକ୍ଷା ।
ବିଶ୍ୱାସ ର ବହ୍ନି ହୃଦୟେ ସଂଚାରୀ
ନିତ୍ୟ କରିଥାଏ ଅପେକ୍ଷା ।।

କାମନା ହିଲ୍ଲୋଳେ ବଶବର୍ତ୍ତୀ ସାଜି
ରହେ ସଦା ଏକାକିନୀ ।
ପ୍ରେମର ତୃଷ୍ଣାରେ ଚାତକ ସେ ସାଜେ
ହୁଏ ପୂତ ତପସ୍ୱିନୀ ।।

ଆକାଂକ୍ଷା ପୃଷ୍ଠା କୁ ନିତ୍ୟ ଲେଉଟାଏ
ଜାଗୃତି ର ଏକାକିନୀ ।
ପ୍ରାପ୍ତି ର କାମନା ଶୁଣିପାରେ ନାହିଁ
ବିକ୍ଷିପ୍ତ ଏ ପ୍ରତିଧ୍ୱନି ।।

+ କେନ୍ଦ୍ରାପଡ଼ା, ତରାଣ୍ଡୋ
(ମୋ) ୭୬୦୬୯୭୭୨୪୬

---



# ଗାଳ୍ପିକ..

## ତେଜସ୍ୱିନୀ ପଣ୍ଡା

ସେ ଋତୁର ନାଁ କଣ ଥିଲା ?
ଯାହା ବି ହେଇଥାଉ,
ହେଇଥାଉ ଶରତ ବସନ୍ତ
ଅବା ହେମନ୍ତର ଋତୁ,
ହାତରେ କିନ୍ତୁ ଥିଲା ସପ୍ତମ ଋତୁ ।

ଆଖିରେ ଆଖିଏ ପ୍ରଜ୍ଜ୍ୱଳିତ ଜ୍ୟୋତି,
ଭାବନାରେ ଶତଶତ ତନ୍ମୟତା,
ଏମିତି ଅନୁଭବରେ ମାନସିଂହଙ୍କ କବିତା,
ସେଇ ଆମ୍ରକୁଞ୍ଜ, ସେଇ ପରିଚିତ
ମାଟିର ମହକ, ଅନେକ କବିତାର ପଂକ୍ତି
ଆଉ ମାନସିଂହଙ୍କୁ ମନରେ ଆଣୁଥିବା
ମଣିଷଟି କିଏ ?

ନୁହେଁ ସେ ମଣିଷ କି ନୁହେଁ ସେ ପତଙ୍ଗ !
ତାହେଲେ ସେ କିଏ ?
ହେଇପାରେ ସେ କାହାର ନାୟକ
କିମ୍ବା ହେଇପାରେ ଝରାଫୁଲର କବି,
କବି ! ତା ମୁଖରେ ଆନନ୍ଦର ଲହରୀ,
ସେ ପୁଣି କବି କେମିତି ?

କବି ତ ବିରହ ଭୋଗେ,
କବି ସଂପର୍କ ଗଢେ ଆଉ ଭାଙ୍ଗେ,
କବି ତ ଅନ୍ଧାର ରାତିର ଝାପସା ଦୀପଟିଏ ।
ସେ କିଏ ?

ଅତଏବ ସେ ଉଛୁଳା ନଦୀର ସୁଅ,
ସୃଷ୍ଟି କରେ ଅନନ୍ୟ ଚରିତ୍ର,
ଝରାଇପାରେ ଆଖିରୁ ଟୋପା ଟୋପା ରକ୍ତ,
ସବୁ ପରିଚୟ ପରେ ବି
ସେ ଜଣେ ଗାଳ୍ପିକ ।

+ ଜଗତସିଂହପୁର

## ଅବିଭକ୍ତ କୋରାପୁଟ ଜିଲ୍ଲାର ବୈଦିକ ବ୍ରାହ୍ମଣ ସମାଜର ସମନ୍ୱୟ ସମିତି ବୈଠକ

ମାଲକାନଗିରି, ୨୬/୬ (ନି.ପ୍ର): ଅବିଭକ୍ତ କୋରାପୁଟ ବୈଦିକ ବ୍ରାହ୍ମଣ ସମାଜର ସମନ୍ୱୟ ସମିତି ବୈଠକ ମାଲକାନଗିରି ବୈଦିକ ବ୍ରାହ୍ମଣ ସମାଜ ଭବନ ଠାରେ ଅନୁଷ୍ଠିତ ହୋଇଯାଇଛି । ଏଥିରେ ମାଲକାନଗିରି ଜିଲ୍ଲା ସହ କୋରାପୁଟ, ନବରଙ୍ଗପୁର ଓ ରାୟଗଡ଼ା ଜିଲ୍ଲାର ବିଭିନ୍ନ ବ୍ଲକର ଥିବା ଅନେକ ବ୍ରାହ୍ମଣ ମାନେ ଉପସ୍ଥିତ ରହିଥିଲେ । ପ୍ରଥମେ ମାଲକାନଗିରି ଜିଲ୍ଲା ବ୍ରାହ୍ମଣ ସମାଜର ସଭାପତି ପ୍ରଫୁଲ୍ଲ ପଣ୍ଡା ସମସ୍ତ ଅତିଥି ମାନଙ୍କୁ ଫୁଲତୋଡ଼ା ଦେଇ ସ୍ୱାଗତ କରିବା ପରେ ପ୍ରଭୁ ଜଗତର ନାଥ ଜଗନ୍ନାଥଙ୍କ ନିକଟରେ ଦ୍ୱିପ ପ୍ରଜ୍ୱଳନ କରି ସଭା କାର୍ଯ୍ୟ ଆରମ୍ଭ କରିଥିଲେ । ପରେ ମାଲକାନଗିରି ଜିଲ୍ଲା ବ୍ରାହ୍ମଣ ସମାଜର ସାଧାରଣ ସମ୍ପାଦକ ସୀମାଚଂଳ ପଣ୍ଡା କାର୍ଯ୍ୟକ୍ରମକୁ ପରିଚାଳନା କରିଥିବା ବେଳେ ମଂଚରେ ଉପସ୍ଥିତ ଥିବା ସମସ୍ତ ବରେଣ୍ୟ ଅତିଥି ମାନେ ବ୍ରାହ୍ମଣଙ୍କ ନୀତିଚର୍ଯ୍ୟ ଠାରୁ ଆରମ୍ଭ କରି ଏହି ସମାଜ ପ୍ରତିଷ୍ଠା ହେବା ଏବଂ ଏହା ଦ୍ୱାରା ମାନବ ସମାଜର ମଙ୍ଗଳ କେମିତି ହେବ ଏହାକୁ ବୁଝାଇଥିଲେ। ଯାହାକୁ ଶୁଣିବା ଲାଗି ମାଲକାନଗିରି ଜିଲ୍ଲାରେ ରହୁଥିବା ଶତାଧିକ ବ୍ରାହ୍ମଣ ପରିବାର ଏକତ୍ରିତ ହୋଇଥିଲେ । ଏଭଳି କାର୍ଯ୍ୟକ୍ରମ ଉପାନ୍ତ ଜିଲ୍ଲାରେ ଅନୁଷ୍ଠିତ ହୋଇଥିବା ଦେଖି ଜିଲ୍ଲା ଏବଂ ଜିଲ୍ଲା ବାହାର ର ଅନେକ ବ୍ରାହ୍ମଣ ପରିବାର ବେଶ ଖୁସି ପ୍ରକଟ କରିବା ସହ ପରିଶେଷରେ ମାଲକାନଗିରି ଜିଲ୍ଲା ବୈଦିକ ବ୍ରାହ୍ମଣ ସମାଜକୁ ଧନ୍ୟବାଦ ଦେଇଥିଲେ । ଏହି ଅବସରରେ ମାଲକାନଗିରି ଅତିରିକ୍ତ ଏସପି ତପନ ନାରାୟଣ ରଥ, କୋରପୁଟ ଜିଲ୍ଲା ବ୍ରାହ୍ମଣ ସମାଜର ସାଧାରଣ ସମ୍ପାଦକ କିଶୋର ଚନ୍ଦ୍ର ପଣ୍ଡା, ଜୟପୁର ଅଂଚଳର ନଗର ସମ୍ପାଦକ ଜଗନ୍ନାଥ ମିଶ୍ର, କୁନ୍ଦରା ଅଂଚଳର ବିଜୟ କୁମାର ଭଟ୍ଟ, ନବରଙ୍ଗପୁର ଜିଲ୍ଲାର ସଭପତି ସୁରେଶ ଚନ୍ଦ୍ର ତ୍ରିପାଠୀ ପ୍ରମୁଖଙ୍କ ସହ ବିଭିନ୍ନ ଜିଲ୍ଲା ବ୍ରାହ୍ମଣ ସମାଜର କର୍ମକର୍ତା ଉପସ୍ଥିତ ଥିଲେ । ଶେଷରେ ଆସିଥିବା ଅତିଥି ମାନଙ୍କ ସହ ମାଲକାନଗିରିର ବ୍ରାହ୍ମଣ ସମାଜ ପରିବାର ମିଶି ସମାଜ ଭବନରେ ପ୍ରସାଦ ସେବନ କରିଥିଲେ।

## ସି.ପି.ଏନ୍.ଡି.ଟି ପରାମର୍ଶ ଦାତା କମିଟି ବୈଠକ

ଖୋର୍ଦ୍ଧା, ୨୬/୬ (ନି.ପ୍ର): ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ଜିଲ୍ଲାପାଳ ଚଂଚଳ ରାଣାଙ୍କ ଅଧ୍ୟକ୍ଷତାରେ ପି.ସି.ପି.ଏନ୍.ଡି.ଟି (ପ୍ରାକ୍ ଗର୍ଭଧାରଣ ଓ ପ୍ରସୂତି ପୂର୍ବ ନିର୍ଦ୍ଧାରଣ କୌଶଳ ଅଧିନିୟମ) ପରାମର୍ଶଦାତା କମିଟି ବୈଠକ ଅନୁଷ୍ଠିତ ହୋଇଯାଇଛି । ଉକ୍ତ ବୈଠକରେ ଜିଲ୍ଲାରେ କାର୍ଯ୍ୟକ୍ଷମ ଥିବା ଅଲଟ୍ରାସାଉଣ୍ଡ ଗୁଡିକର ଜିଲ୍ଲାପାଳ ସମୀକ୍ଷା କରିଥିଲେ । ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଉକ୍ତ ଅଲଟ୍ରାସାଉଣ୍ଡ କ୍ଲିନିକ ଗୁଡିକର ସଠିକ ଭାବରେ ନିରୀକ୍ଷଣ କରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ । ଜିଲ୍ଲାରେ ଲିଙ୍ଗ ଅନୁପାତ ଅନୁଯାୟୀ ଝିଅ ମାନଙ୍କର ସଂଖ୍ୟା କମୁଥିବା ନେଇ ଉଦବେଗ ପ୍ରକାଶ କରିଥିଲେ । ବାଣପୁର , ଟାଙ୍ଗୀ, ବାଲୁଗାଁ , ବୋଲଗଡ଼ ବ୍ଲକ ଗୁଡିକରେ କନ୍ୟା ସନ୍ତାନ ମାନଙ୍କର ଜନ୍ମ ହାର ଅତି କମ୍ ଥିବାରୁ ଉକ୍ତ ବ୍ଲକରେ ସଚେତନତା କାର୍ଯ୍ୟ୍ୟକ୍ରମ ଉପରେ ଗୁରୁତ୍ୱାରୋପ କରିଥିଲେ । ଉକ୍ତ ବୈଠକରେ ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡାଃ ରାଜଶ୍ରୀ ପଟ୍ଟନାୟକ ଅତିରିକ୍ତ ଜିଲ୍ଲା ଚିକିତ୍ସା ଅଧିକାରୀ (ପରିବାର କଲ୍ୟାଣ ) ଡାଃ ରଘୁନାଥ ନାୟକ, ଡି.ପି.ଏମ ପ୍ରକାଶ ବାନାର୍ଜୀ, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀଙ୍କ ସମେତ ଜିଲ୍ଲାର ଅନ୍ୟାନ୍ୟ ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ ।

## ମରଣାନ୍ତକ ଆକ୍ରମଣ ଘଟଣାରେ ମାମଲା ରୁଜୁ କରି ପୁଲିସ ଚୁପ୍: ନେଉନି କାର୍ଯ୍ୟାନୁଷ୍ଠାନ

କୋରେଇ, ୨୬/୬ (ନି.ପ୍ର): ପାଣିକୋଇଲି ଥାନା ଅନ୍ତର୍ଗତ ବଡବିରୁହାଁ ଗ୍ରାମର ନଟ ମଳିକଙ୍କ ପୁଅ ଟୁକୁନା ମଳିକଙ୍କ ଅଭିଯୋଗ ମୁତାବକ ତାଙ୍କ ପରିବାରରେ ପୈତୃକ ସମ୍ପତିକୁ ନେଇ ପୂର୍ବରୁ ବିବାଦ ଥିଲା । ଫଳରେ ସେଠାରେ ଟୁକୁନାକୁ ଘର କରାଇ ଦିଆଯାଉନଥିଲା । ମାତ୍ର ତାର ଭାଇ ମନୋଜ ମଳିକ ସେଠାରେ ଘର କରିବାକୁ ଟୁକୁନା ଏହାକୁ ବିରୋଧ କରିଥିଲା । ଫଳରେ ମନୋଜ ଭଦ୍ର ଲୋକଙ୍କ ମାଧ୍ୟମରେ ଏହାର ସମାଧାନ ପାଇଁ ଡକାଇଥିଲା । ଟୁକୁନା ସେଠାରେ ପହଂଚିବାରୁ ଜିତୁ ମଳିକ ଏକ ଧାରୁଆ ଛୁରୀରେ ହଠାତ୍ ଆକ୍ରମଣ କରିଥିଲା । ଆଖିକୁ ଫୁଟାଇ ଦେବାକୁ ଛୁରୀମାଡ କରିବାରୁ ସେ ମୁହଁ ବୁଲାଇଦେବାରୁ ତାହା ତାର ଆଖିପତାରେ ଲାଗିଥିଲା । ଟୁକୁନାର ପ୍ରବଳ ରକ୍ତସ୍ରାବ ଓ ପାଟି ଶୁଣି ତାର ସ୍ତ୍ରୀ କେତକୀ ସେଠାରେ ପହଂଚିବାରୁ ତାକୁ ମଧ୍ୟ ମାଡ ମାରିବା ସହ ଟଣାଘୋଷରା କରି ଅସାଦାଚରଣ କରିବାକୁ ଉଦ୍ୟମ କରିଥିଲେ । ଏମିତିକି ଟୁକୁନାର ସାନ ଭାଇ ସେଠାରେ ପହଂଚିବାରୁ ତାକୁ ମଧ୍ୟ ମାଡ ମାରିଥିଲେ । ଏହି ଗଣ୍ଡଗୋଳ ଜିତୁଙ୍କ ସମେତ ମନୋଜ, ଗୁର ମଳିକ ଓ ଝୁନା ମଳିକ ସାମିଲ ହୋଇଥିଲେ । ଏନେଇ ଟୁକୁନା ଚିକିତ୍ସିତ ହୋଇ ପାଣିକୋଇଲି ଥାନାରେ ଅଭିଯୋଗ କରିଥିଲା । ଅଭିଯୋଗ ପରେ ପୁଲିସ ଏକ ମାମଲା ୩୦୯/୨୪ ରୁଜୁ କରି ଅବଧି ତଦନ୍ତ କରୁନାହିଁ କି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁନାହିଁ । ଫଳରେ ଅଭିଯୁକ୍ତ ମାନେ ଖୁଲମଖୁଲା ବୁଲିବା ସହ ଜୀବନରୁ ମାରି ଦେବାକୁ ଧମକ ଦେଉଛନ୍ତି । ଯାହା ଫଳରେ ଟୁକୁନା ପରିବାର ଭୟରେ ଗାଁକୁ ନଯାଇ ଅନ୍ୟ ଗ୍ରାମରେ ଆଶ୍ରୟ ନେଇଛି । ପାଣଇକୋଇଲି ପୁଲିସ କାର୍ଯ୍ୟାନୁଷ୍ଠାନ ନନେବାରୁ ଆଜି ପିଡିତ ପରିବାର ପାଣିକୋଇଲିସ୍ଥିତ ଜିଲ୍ଲା ପୁଲିସ ମୁଖ୍ୟାଳୟରେ ପହଂଚି ନ୍ୟାୟ ପାଇଁ ଗୁହାରୀ କରିଛନ୍ତି । ଏ ଦିଗରେ ତ୍ୱରୀତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଏସପି ପ୍ରତିଶୃତି ଦେଇଛନ୍ତି ।

## ଜିଲ୍ଲା ରେଡ଼କ୍ରସ ସୋସାଇଟି ତରଫରୁ ଯକ୍ଷ୍ମା ରୋଗୀଙ୍କୁ ଖାଦ୍ୟ ବଂଟନ

ମାଲକାନଗିରି, ୨୬/୬ (ନି.ପ୍ର): ଭାରତୀୟ ରେଡ଼କ୍ରସ ସୋସାଇଟି, ଓଡିଶା ଶାଖା ତରଫରୁ ମାଲକାନଗିରି ଜିଲ୍ଲାରେ ୧୪୫୯ ଯକ୍ଷ୍ମା ରୋଗୀଙ୍କୁ ଆଜି ଖାଦ୍ୟ ପ୍ୟାକେଟ ବଂଟନ କରାଯାଇଛି । ରକ୍ତ ଭଣ୍ଡାର ପ୍ରାଙ୍ଗଣରେ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ମାଲକାନଗିରି ବିଧାୟକ ନରସିଂହ ମାଡ଼କାମୀ, ଜିଲ୍ଲା ରେଡ଼କ୍ରସ ସୋସାଇଟିର ଆବାହକ ଡକ୍ଟର ରଞ୍ଜନ କୁମାର ସ୍ୱାଇଁ ଉପସ୍ଥିତ ରହି ଯକ୍ଷ୍ମା ରୋଗୀମାନଙ୍କୁ ଖାଦ୍ୟ ପ୍ୟାକେଟ ବଂଟନ କରିଥିଲେ । ଏହି କାର୍ଯ୍ୟକ୍ରମରେ ମୁଖ୍ୟବକ୍ତା ରୂପେ ଜିଲ୍ଲା ଚିକିତ୍ସା ଅଧିକାରୀ ଡାକ୍ତର ପ୍ରଫୁଲ୍ଲ କୁମାର ନନ୍ଦ ଯୋଗଦେଇ ମାଲକାନଗିରି ଜିଲ୍ଲାରେ କିପରି ଯକ୍ଷ୍ମା ରୋଗର ନିରାକରଣ ହୋଇପାରିବ ତାହା ଉପରେ ଆଲୋକପାତ କରିଥିଲେ । ଅତିରିକ୍ତ ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ତଥା ଯକ୍ଷ୍ମା ରୋଗ ଅଧିକାରୀ ଡାକ୍ତର ଧନେଶ୍ୱର ମହାପାତ୍ର ସଭାପତିତ୍ୱ କରି ଯକ୍ଷ୍ମା ରୋଗୀ କିପରି ସୁଷମ ଖାଦ୍ୟ ଖାଇ ସୁସ୍ଥ ହୋଇପାରିବେ ତାହା ଉପରେ ଆଲୋକପାତ କରିଥିଲେ । କାର୍ଯ୍ୟକ୍ରମକୁ ଜିଲ୍ଲା ଯୁବ ରେଡ଼କ୍ରସ ଆବାହକ ଡକ୍ଟର ରଞ୍ଜନ କୁମାର ସ୍ୱାଇଁଙ୍କ ସହ ଜାତୀୟ ଯକ୍ଷ୍ମା ନିରାକରଣ କାର୍ଯ୍ୟକ୍ରମର କର୍ମକର୍ତା ବୃନ୍ଦ ମିଳିତ ଭାବେ ଆୟୋଜନ କରିଥିଲେ । ସମସ୍ତ ଉପସ୍ଥିତ ରୋଗୀମାନଙ୍କୁ ଡକ୍ଟର ରଞ୍ଜନ କୁମାର ସ୍ୱାଇଁ ଖାଦ୍ୟ ପ୍ୟାକେଟରେ କଣ କଣ ଅଛି ତାହା ସୂଚନା ଦେଇଥିଲେ ଯଥା- ମୁଗଡାଲି, ବୁଟ ଡାଲି, ସୋୟାବିନ, ଅମୁଲ ସ୍ପ୍ରେ ଓ ଖାଇବା ତେଲ । ୭ଟି ବ୍ଲକର ଯକ୍ଷ୍ମା କକ୍ଷ ମାଧମରେ ଖାଦ୍ୟ ପ୍ୟାକେଟ ବଂଟନ କରାଯାଇଥିଲା । କାର୍ଯ୍ୟକ୍ରମରେ ଜିଲ୍ଲା ଯକ୍ଷ୍ମା ନିରାକରଣ ପ୍ରକଳ୍ପରେ କାର୍ଯ୍ୟରତ ସମସ୍ତ କର୍ମଚାରୀ, ବିଧାୟକଙ୍କ ପ୍ରତିନିଧି ସଞ୍ଜୟ ସରକାର ଓ ପିରାମଲ ସ୍ୱାସ୍ଥ୍ୟ ସଂସ୍ଥା କର୍ମଚାରୀ ଉପସ୍ଥିତ ରହି ସାହାଯ୍ୟ ସହଯୋଗ କରିଥିଲେ ।

## କେନ୍ଦ୍ରାପଡ଼ା ବିଜେପି ତରଫରୁ କଳା ଦିବସ ପାଳନ

କେନ୍ଦ୍ରାପଡ଼ା, ୨୬/୬ (ନି.ପ୍ର): କେନ୍ଦ୍ରାପଡ଼ା ଜିଲ୍ଲା ବିଜେପି ଶାଖା ତରଫରୁ କଳା ଦିବସ ସ୍ଥାନୀୟ କାକଟ ମଣ୍ଡପ ଠାରେ ଜିଲ୍ଲା ଉପ ସଭାପତି ଅଭିମନ୍ୟୁ ଗୋଛାୟତଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ରାଷ୍ଟ୍ରୀୟ ପରିଷଦ ସଭ୍ୟ ବୈଦ୍ୟନାଥ ଚାଟାର୍ଜୀ, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ସୁନାକର ବେହେରା, ଆଳି ବିଜେପି ନେତା କୃଷ୍ଣଚନ୍ଦ୍ର ପଣ୍ଡା, କେନ୍ଦ୍ରାପଡ଼ା ବିଧାନସଭା ନେତ୍ରୀ ଗୀତାଞ୍ଜଳୀ ସେଠୀ, ସାଧାରଣ ସଂପାଦକ ଉପୀନ କୁମାର ରାଉତ, ଅମିତାଭ ସୁଆର ପ୍ରମୁଖ ଯୋଗଦେଇ ୧୯୭୫ ମସିହାରେ ଇନ୍ଦିରା ଗାନ୍ଧୀଙ୍କ ନେତୃତ୍ୱାଧୀନ କଂଗ୍ରେସ ସରକାର ଦେଶରେ ଗଣତନ୍ତ୍ର ଓ ବ୍ୟକ୍ତି ସ୍ୱାଧିନତାକୁ କଣ୍ଠରୋଧ କରି ଜରୁରୀକାଳୀନ ପରିସ୍ଥିତି ଲାଗୁ କରିଥିଲେ । ସରକାରଙ୍କ ବିରୋଧରେ ସ୍ୱର ଉତୋଳନ କରୁଥିବା ସମସ୍ତଙ୍କୁ ବଳ ପୂର୍ବକ ଜେଲ୍ ଦଣ୍ଡ ଦିଆଯାଉଥିଲା । ଏହି ଦିନକୁ ସ୍ମରଣ କରି ବିଜେପି ତରଫରୁ କଳା ଦିବସ ପାଳନ କରାଯାଇ ଥାଏ । ଜରୁରୀକାଳୀନ ପରିସ୍ଥିତି ସମୟରେ କାରାବରଣ କରିଥିବା ହରିଶଚନ୍ଦ୍ର ଜେନା, ରବି ନାରାୟଣ ପତି, ଦେବୀ ପ୍ରସାଦ ନାୟକ, ଉମାକାନ୍ତ ଦାସ, ବ୍ରଜ କିଶୋର ଓଝା, ଡମ୍ବରୁଧର ଘଡ଼େଇ ଓ ନାରାୟଣ ପୃଷ୍ଟି ପ୍ରମୁଖଙ୍କୁ ଉତରୀୟ, ମାନପତ୍ର ଓ ପୁଷ୍ପଗୁଚ୍ଛ ପ୍ରଦାନ କରି ସମ୍ବର୍ଦ୍ଧିତ କରାଯାଇ ଥିଲା । ଆୟୋଜିତ ଏହି କାର୍ଯ୍ୟକ୍ରମରେ ଜିଲ୍ଲା ଉପ ସଭାପତି ଜାନକୀ ପ୍ରଧାନ, ସଂଜୟ ରଥ, ପ୍ରସନ୍ନ ପଣ୍ଡା, ମନୀଷା ପଣ୍ଡା, ପ୍ରିୟଦର୍ଶିନୀ ନନ୍ଦ, ନେହେରୁ କୁମାର ସାହୁଙ୍କ ସହ ବହୁ ବରିଷ୍ଠ ନେତା ଓ ସଂଗ୍ରାମୀ କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ ।

## ରେଳ ଧାରଣାରୁ ଯୁବକର ରକ୍ତାକ୍ତ ମୃତଦେହ ଉଦ୍ଧାର

ବଲାଙ୍ଗିର, ୨୬/୬ (ନି.ପ୍ର): ବଲାଙ୍ଗିର ରେଳ ଧାରଣାରୁ ଜଣେ ଅଜଣା ବ୍ୟକ୍ତିଙ୍କ ରକ୍ତାକ୍ତ ଶବ ଉଦ୍ଧାର ହୋଇଥିବା ଖବର ମିଳିଛି । ବଲାଙ୍ଗିର ଦେଓଗାଁ ଥାନା ଅନ୍ତର୍ଗତ ଘୁଚିପାଲି ଗ୍ରାମ ନିକଟ ରେଳ ଧାରଣାରୁ ବିଳମ୍ବିତ ରାତିରେ ଜଣେ ବ୍ୟକ୍ତିଙ୍କ ରକ୍ତାକ୍ତ ଶବ ପଡିଥିବାର ବଲାଙ୍ଗିର ଜିଆରପି ପୋଲିସ୍ ଖବର ପାଇଥିଲା । ଏବଂ ଘଟଣା ସ୍ଥଳରୁ ଲାଲ ରଙ୍ଗର ସାର୍ଟ ଓ ନୀଳ ଜିନ୍ସ ପିନ୍ଧିଥିବା ୩୦/୩୫ ବର୍ଷୀୟ ବ୍ୟକ୍ତିଙ୍କ ଶବ ଉଦ୍ଧାର କରିଥିଲା । ଦୁର୍ଘଟଣା ସ୍ଥାନରେ ଏକ ବାଇକ ରଖାଯାଇଥିବା ଯୋଗୁଁ ଏହା ଏକ ଆତ୍ମହତ୍ୟା ମାମଲା ବୋଲି ଅନୁମାନ କରାଯାଉଛି । ଏହି ଘଟଣା କୁର୍ଲା ଦ୍ରୁତ ଗାମୀ ଟ୍ରେନ ରେ ହୋଇଥିବା କୁହାଯାଉଛି । ତେବେ ମୃତକର ପରିଚୟ ଏ ଯାଏଁ ମିଳିପାରି ନ ଥିବା ବେଳେ ବଲାଙ୍ଗିର ଜିଆରପି ପୋଲିସ୍ କେସ ନମ୍ବର୍ ୨୨/୨୪ରେ ଏକ ମାମଲା ରୁଜୁ କରି ଶବ ଭୀମ ଭୋଇ ମେଡିକାଲ କଲେଜ୍ ଡାକ୍ତରଖାନାର ଶବ ବ୍ୟବଚ୍ଛେଦ ଗୃହରେ ରଖାଯାଇଛି । ତେବେ ମୃତକଙ୍କ ପରିଚିତଙ୍କୁ ଖୋଜିବାକୁ ପୋଲିସ୍ ତଦନ୍ତ ଜାରି ରଖିଛି ବୋଲି ବଲାଙ୍ଗିର ଜିଆରପି ଥାନା ଅଧିକାରୀ ପ୍ରବିଣ କୁମାର କୁଆଁର ପ୍ରକାଶ କରିଛନ୍ତି ।

## କାଗଜ କଳ ଅବସରପ୍ରାପ୍ତ ଶ୍ରମିକ ଓ ସଂଘ ପକ୍ଷରୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ସ୍ୱାଗତ ସଭା

ଜୟପୁର, ୨୬/୬ (ନି.ପ୍ର): ସ୍ଥାନୀୟ ଯାଦବ ଭବନ ଠାରେ ସେବା କାଗଜ କଳ ର ଅବସରପ୍ରାପ୍ତ ଶ୍ରମିକ ଏବଂ ସଂଘ ପକ୍ଷରୁ ରାଜ୍ୟ ସରକାରର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଜଣାଇବା ପାଇଁ ଏକ ସଭା ବି ଏମ୍ ଏସ୍ ର ପ୍ରାକ୍ତନ ସଭାପତି ବାଳକୃଷ୍ଣ ପ୍ରଧାନଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି । ସୂଚନା ଦେଇ ସଭାପତି କହିଥିଲେ ଯେ ଓଡ଼ିଆରେ ପ୍ରଥମ କରି ଜଣେ ପିଅନ ର ପୁଅ ଶିକ୍ଷକତା କରି ଓ ସରପଂଚ ହୋଇ ମୁଖ୍ୟମନ୍ତ୍ରୀ ଭାବେ ରାଜ୍ୟ ର ଶାସନ ଭାର ଗ୍ରହଣ କରିଛନ୍ତି ଏବଂ ରାଜ୍ୟର ଦଳିତ ଅବହେଳିତ ସମିଜ ତାଙ୍କ ଉପରେ ଅନେକ ଆଶା ଭରସା ରଖିଛନ୍ତି । ଏଣୁ ଆଜିର ଏହି ସଭାରେ ତାଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଜଣାଇବା ସହ ଜୟପୁର ର ଏକ ମାତ୍ର ବୃହତ୍ ଶିଳ୍ପ ସେବା କାଗଜ କଳ କୁ ପୂର୍ଣ୍ଣ କାର୍ଯ୍ୟକ୍ଷମ କରିବା ଏବଂ ଶ୍ରମିକଙ୍କ ସମସ୍ୟା ସମାଧାନ କରିବା ପାଇଁ ' ଆମ ସରକାର,ଆମ ସମ୍ବିଧାନ ଅନୁସାରେ ଆମକୁ ନ୍ୟାୟ ଦେବେ ' ଏଥିପାଇଁ ସଭାର ଆୟୋଜନ କରା ଯାଇଛି । ଏହି ସଭାରେ ସେବା କାଗଜ କଳ ଶ୍ରମିକ ମାନଙ୍କ ପ୍ରଥମ ୟୁନିଅନ ର ସଭାପତି ଏବଂ ଅବସରପ୍ରାପ୍ତ ଶ୍ରମିକ ମାନଙ୍କ ଆବାହକ ଶ୍ରୀ ପ୍ରମୋଦ କୁମାର ମହାନ୍ତି ପ୍ରକାଶ କରିଛନ୍ତି ଯେ, ଦୀର୍ଘ ପାଂଚ ବର୍ଷ ହେଲା ଅବସରପ୍ରାପ୍ତ ଶ୍ରମିକ ମାନେ ବିଧିବଦ୍ଧ ପ୍ରାପ୍ୟ ପି ଏଫ୍, ପେନସନ ଓ ଗ୍ରାଚ୍ୟୁଇଟିରୁ ବଂଚିତ ରହିଛନ୍ତି । ୨୦୧୮ ମସିହାରୁ ଅବସରପ୍ରାପ୍ତ ଶ୍ରମିକ ମାନେ ସେମାନଙ୍କ ଗ୍ରାଚ୍ୟୁଇଟି, ବକେୟା ପାଉଣା ପାଇ ନାହାଁନ୍ତି ଏଥିପାଇଁ ଅନେକ ବାର ଆନ୍ଦୋଳନ ହୋଇଛି , ସରକାର ଙ୍କୁ ସ୍ମାରକ ପତ୍ର ଦିଆଯାଇଛି, ସ୍ଥାନୀୟ ପ୍ରଶାସନକୁ ଜାଣିଛନ୍ତି, ଶ୍ରମ ବିଭାଗ ହସ୍ତକ୍ଷେପ କରିଛନ୍ତି କିନ୍ତୁ କୌଣସି ସମସ୍ୟା ର ସ୍ଥାୟୀ ସମାଧାନ ହୋଇ ପାରିନାହିଁ । ଆଜି ପର୍ଯ୍ୟନ୍ତ କାରଖାନା ପୂର୍ଣ୍ଣ କାର୍ଯ୍ୟକ୍ଷମ ହେଇ ଚାଲୁ ନାହିଁ ଏବଂ କାର୍ଯ୍ୟରତ ଶ୍ରମିକ ମାନଙ୍କୁ ୪/୫ ମାସରେ ଥରେ ଦରମା ଦେଉଛି । ଏ ସମସ୍ତ ବିଷୟ କୁ ନେଇ ଏକ ସ୍ମାରକ ପତ୍ର ମୁଖ୍ୟମନ୍ତ୍ରୀ ମହୋଦୟ ଙ୍କୁ ପ୍ରଦାନ କରିବା ସହ ମାନ୍ୟବର ଶିଳ୍ପ ମନ୍ତ୍ରୀ, ଓ ଶ୍ରମ ମନ୍ତ୍ରୀଙ୍କୁ ମଧ ସ୍ମାରକ ପତ୍ର ପ୍ରଦାନ କରାଯିବ । ଏଥିପାଇଁ ଏକ ପ୍ରତନିଧି ଦଳ ଭୁବନେଶ୍ୱର ଯିବେ । ଆଜିର ସଭା ରେ ନିଷ୍ପତି ନିଆଗଲା ଯେ ଆସନ୍ତା ଜୁଲାଇ ଏକ ତାରିଖ ସୋମବାର ଠାରୁ କାରଖାନା ମୁଖ୍ୟ ଫାଟକ ପାର୍ଶ୍ୱରେ ପ୍ରତିଦିନ ଦୁଇ ଜଣ ଅବସରପ୍ରାପ୍ତ ଶ୍ରମିକ ମୁହଁ ରେ କଳା ପଟ୍ଟି ବାନ୍ଧି ହାତରେ ପ୍ଲାକାର୍ଡ ଧରି ଧାରଣା ରେ ବସିବେ । ଆଜିର ସଭା ରେ ଅନ୍ୟ ମାନଙ୍କ ମଧରେ ବସନ୍ତ ବେହେରା, ସୁଦର୍ଶନ ବିଷୋୟୀ, ପ୍ରହଲ୍ଲାଦ ମଲ୍ଲିକ, ସୁବାଷ ବେହେରା ,ୟୁନିଅନ ସମ୍ପାଦକ ଅଲେଖ ପାତ୍ର, ନରସିଂହ ମହାପାତ୍ର ପ୍ରମୁଖ ମତ ପ୍ରଦାନ କରିଥିଲେ । ଶେଷରେ ଡି ପି ଅଗସ୍ତି ଧନ୍ୟବାଦ ଅର୍ପଣ କରିବା ପରେ ସଭା ସାଙ୍ଗ ହୋଇଥିଲା ।

## ସମନ୍ୱିତ ଶିଶୁ ବିକାଶ ଯୋଜନାର ସମୀକ୍ଷା ବୈଠକ

କେନ୍ଦ୍ରାପଡ଼ା, ୨୬/୬ (ନି.ପ୍ର): ସମନ୍ୱିତ ଶିଶୁ ବିକାଶ ଯୋଜନାର ସମୀକ୍ଷା ବୈଠକ ଜିଲ୍ଲାପାଳ ସୂର୍ଯ୍ୟବଂଶୀ ମୟୂର ବିକାଶଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ଏହି ବୈଠକରେ ଅତିରିକ୍ତ ଜିଲ୍ଲପାଳ ପିତାମ୍ବର ସାମଲ, ଉପ ଜିଲ୍ଲପାଳ ରବୀନ୍ଦ୍ର ପ୍ରଧାନ, ଡିଏସ୍ଡବ୍ଲୁଓ ସତ୍ୟଭାମା ସେଠୀ, ଡିପିସି ମମତା ମନୋରଞ୍ଜନ ଦାସ, ଡିସି ସଂଜୟ ପାତ୍ରଙ୍କ ସମେତ ଜିଲ୍ଲାର ସମସ୍ତ ସିଡିପିଓ, ସୁପର ଭାଇଜର, ଅଙ୍ଗନୱାଡି କର୍ମୀ ପ୍ରମୁଖ ଉପସ୍ଥିତ ଥିଲେ । ଜିଲ୍ଲାରେ ଅପପୁଷ୍ଟି ନିୟନ୍ତ୍ରଣ, ଅଙ୍ଗନୱାଡ଼ି କେନ୍ଦ୍ରଗୁଡ଼ିକରେ ବିଦ୍ୟୁତ୍ ସଂଯୋଗୀକରଣ, ମମତା ଯୋଜନା କାର୍ଯ୍ୟକାରୀ କରିବା, ପୋଷଣ ଅଭିଯାନ ଆଦି ଯୋଜନାଗୁଡ଼ିକୁ ସଫଳ ରୂପାୟନ ପାଇଁ ସିଡିପିଓ ଓ ସୁପର ଭାଇଜରମାନେ ଯତ୍ନବାନ ହେବାକୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଛନ୍ତି । ଏଥିରେ କୌଣସି ପ୍ରକାର ବ୍ୟତିକ୍ରମକୁ ବରଦାସ୍ତ କରାଯିବ ନାହିଁ ବୋଲି ଜିଲ୍ଲାପାଳ ଚେତାବନୀ ଦେଇଛନ୍ତି । ଏହାସହ ଅଙ୍ଗନୱାଡ଼ି କେନ୍ଦ୍ରଗୁଡ଼ିକରେ ଯୋଗାଇ ଦିଆ ଯାଉଥିବା ଛତୁଆର ଗୁଣାତ୍ମକ ମାନ ନିୟମିତ ତଦାରଖ କରିବାକୁ ଜିଲ୍ଲପାଳ ତାଗିଦା କରିଛନ୍ତି ।

## ଦୟା, ରାଜୁଆ ଓ ମକରା ନଦୀଜଳ ବିଷାକ୍ତ: ମରି ଭାସୁଛନ୍ତି ମାଛ



ଗଡ଼ିଶାଗୋଦା, ୨୬/୬ (ନି.ପ୍ର): ପୁରୀ ଜିଲ୍ଲା କଣାସ ବ୍ଲକରେ ପ୍ରବାହିତ ହେଉଥିବା ମୁଖ୍ୟ ନଦୀ ଦୟା ଓ ତାର ଶାଖା ରାଜୁଆ, ମକରା ନଦୀରେ ହଜାର ହଜାର ସଂଖ୍ୟାରେ ମାଛ ସମେତ ଅନ୍ୟାନ୍ୟ ଜଳଜୀବ ମରି ଭାସୁଥିବା ଦେଖିବାକୁ ମିଳିଛି । ପୂର୍ବରୁ ନଦୀଜଳକୁ ବ୍ୟବହାର କରୁଥିବା ନଦୀକୂଳିଆ ଗାଁ ଲୋକେ ବିଭିନ୍ନ ଜଳବାହିତ ରୋଗରେ ବାରମ୍ବାର ଆକ୍ରାନ୍ତ ହେଉଥିଲେ । ଏବେ ଗୃହପାଳିତ ପଶୁମାନେ ମଧ ନଦୀ ପାଣି ପିଇ ବିଭିନ୍ନ ରୋଗରେ ଆକ୍ରାନ୍ତ ହେଉଥିବା ଦେଖିବାକୁ ମିଳୁଛି । ଏଭଳି ସ୍ଥିତିରେ ଦୟାନଦୀ ଅବବାହିକା ଅଞ୍ଚଳରେ ଭୟଙ୍କର ସ୍ୱାସ୍ଥ୍ୟ ସମସ୍ୟା ସୃଷ୍ଟି ହେବାର ଆଶଙ୍କା ପ୍ରକାଶ ପାଇଛି । ଭୁବନେଶ୍ୱର ସହରରୁ ବିଷାକ୍ତ ଡ୍ରେନ ପାଣି ତଥା ଆବର୍ଜନା ଗଙ୍ଗୁଆ ନାଳ ଦେଇ ଦୟାନଦୀକୁ ନିଷ୍କାସନ ହେଉଛି । ତାହା ଦୟା ଓ ତାହାର ଶାଖା ରାଜୁଆ,ମକରା ନଦୀରେ ପ୍ରବେଶ କରି ସଂପୂର୍ଣ୍ଣ ଜଳାଧାରକୁ ବିଷାକ୍ତ କରିପକାଇଛି । ଫଳରେ ନଦୀଗୁଡ଼ିକର ଜଳ ବ୍ୟବହାର ଅନୁପଯୋଗୀ ହୋଇପଡ଼ିଛି । ଉଦ୍‌ବେଗଜନକ କଥା ହେଲା, ପାନୀୟ ଜଳ ବିଭାଗ ଦୟା ଓ ରାଜୁଆ ନଦୀର ଗଡ଼ବଡ଼ପୁଟ, ପାଣ୍ଡିଆକେରା, ଚୁପୁରିଙ୍ଗି, ସୁନାଖଳା, ବଡ଼ାଲ, ଗୋପିନାଥପୁର,ସାହସପୁର,ଗଡିଶାଗୋଦା ଠାରେ ପାଇପ୍ ଜରିଆରେ ଏହି ବିଷାକ୍ତ ଜଳକୁ ଜନସାଧାରଣଙ୍କ ଘରୋଇ ବ୍ୟବହାର ପାଇଁ ଯୋଗାଇ ଦେଉଛି । ଏ ସଂପର୍କରେ ଦୟା ସୁରକ୍ଷା ମଞ୍ଚର ପକ୍ଷରୁ ଅଶୋକ ପ୍ରଧାନ, ସୁକାନ୍ତ କିଶୋର ସାମନ୍ତରାୟ, ଶ୍ରୀକାନ୍ତ ପାଟଯୋଶୀ ପ୍ରମୁଖ ଗଙ୍ଗୁଆ ନାଳ ଜଳକୁ ଦୟାନଦୀକୁ ନ ଛାଡିବା ପାଇଁ ବାରମ୍ବାର ଦାବିକରି ଆସୁଥିଲେ ମଧ ସରକାର ସେଥିପ୍ରତି ଦୃଷ୍ଟି ଦେଉନାହାନ୍ତି । ଏଥିପାଇଁ ସ୍ଥାନୀୟ ଅଞ୍ଚଳରେ ଦିନକୁ ଦିନ ଜନ ଅସନ୍ତୋଷ ବୃଦ୍ଧି ପାଇବାରେ ଲାଗିଛି ।

## ଉତ୍ତରାଂଚଳ ରାଜସ୍ୱ ଆୟୁକ୍ତଙ୍କ କେନ୍ଦୁଝର ଜିଲ୍ଲା ଗସ୍ତ: ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟର ସମୀକ୍ଷା

କେନ୍ଦୁଝର, ୨୬/୬ (ନି.ପ୍ର): ଉତରାଂଚଳ ରାଜସ୍ୱ ଆୟୁକ୍ତ ଶ୍ରୀ ଶ୍ରୀକାନ୍ତ ପୃଷ୍ଟି ମଙ୍ଗଳବାର କେନ୍ଦୁଝର ଜିଲ୍ଲା ଗସ୍ତରେ ଆସି ଜିଲ୍ଲାରେ ଚାଲିଥିବା ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟର ସମୀକ୍ଷା କରିଛନ୍ତି । ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସ୍ଥିତ ଦରବାର ହଲଠାରେ ଅନୁଷ୍ଠିତ ଏହି ଗୁରୁତ୍ୱପୂର୍ଣ ବୈଠକରେ ଜିଲ୍ଲାପାଳ ଶ୍ରୀ ବିଶାଲ ସିଂହ, ଆରକ୍ଷୀ ଅଧିକ୍ଷକ ନୀତିନ କୁଶଲକର, ବନଖଣ୍ଡ ଅଧିକାରୀ ଶ୍ରୀ ଧନରାଜ ଏଚଡ଼ି, ଅତିରିକ୍ତ ଜିଲ୍ଲାପାଳ ଯଦୁମଣି ମହଲା, ଲଳିତ ସୋରେଙ୍ଗ, ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ତଥା ନିର୍ବାହୀ ଅଧିକାରୀ ବିଷ୍ଣୁ ପ୍ରସାଦ ଆଚାର୍ଯ୍ୟ ଓ ଜିଲ୍ଲାସ୍ତରୀୟ ଅନ୍ୟ ଅଧିକାରୀ ବୃନ୍ଦ ଉପସ୍ଥିତ ରହିଥିଲେ । ଧରଣୀଧର ବିଶ୍ୱବିଦ୍ୟାଳୟର ଉତର କ୍ୟାମ୍ପସ ପାଇଁ ଚିହ୍ନଟ ହୋଇଥିବା ଜମି ହସ୍ତାନ୍ତର ନିମନ୍ତେ କୁଳପତିଙ୍କୁ ଆବଶ୍ୟକୀୟ ନଥି ଜମା କରିବା ନିମନ୍ତେ ଶ୍ରୀ ପୃଷ୍ଟି ଅନୁରୋଧ କରିଥିଲେ । ସେହିପରି ବିଶ୍ୱବିଦ୍ୟାଳୟର ଦକ୍ଷିଣ କ୍ୟାମ୍ପସ ସଂପ୍ରାସରଣ ନିମନ୍ତେ ଆବଶ୍ୟକ ପଡୁଥିବା ଜମିର ଚିହ୍ନଟ ପ୍ରକ୍ରିୟା ତ୍ୱରାନ୍ୱିତ କରିବାକୁ କେନ୍ଦୁଝର ତହସିଲଦାରଙ୍କୁ ନିର୍ଦ୍ଦେଶ ଦେଇଥିଲେ । ବୈଠକରେ ଉପସ୍ଥିତ ଥିବା କେନ୍ଦୁଝର ଜିଲ୍ଲା ମେଡିକାଲ ଓ କଲେଜର ଅଧିକ୍ଷକଙ୍କ ଅନୁରୋଧ କ୍ରମେ ଟ୍ରମା ସେଂଟର ଏବଂ ନର୍ସିଂ କଲେଜ ନିମନ୍ତେ ଆବଶ୍ୟକୀୟ ଜମି ୧୫ ଦିନ ଭିତରେ ଏକ ପ୍ରକୃଷ୍ଟ ସ୍ଥାନରେ ଚିହ୍ନଟ କରିବାକୁ ତହସିଲଦାରଙ୍କୁ ନିର୍ଦ୍ଦେଶ ଦେଇଥିଲେ । ଜିଲ୍ଲା ସଦରମହକୁମା ଡାକ୍ତରଖାନାରେ କାର୍ଯ୍ୟରତ ଥିବା ଡାକ୍ତରଙ୍କ କାର୍ଯ୍ୟର ସମୀକ୍ଷା କରି ରିପୋର୍ଟ ପ୍ରଦାନ କରିବାକୁ ସିଡ଼ିଏମଓଙ୍କୁ ନିର୍ଦ୍ଦେଶ ଦେଇଥିଲେ ଆରଡିସି । ଆହୁରିମଧ ଶ୍ରୀ ପୃଷ୍ଟି ସରକାରୀ ଜାଗା ଉପରୁ ଜବରଦଖଲ ଉଚ୍ଛେଦ ପ୍ରକ୍ରିୟାକୁ ରଥଯାତ୍ରା ପରେ ତ୍ୱରାନ୍ୱିତ କରିବା ସହ ଡ୍ରେନେଜକୁ ସୁବ୍ୟବସ୍ଥିତ କରିବା ପାଇଁ ଏକ ମାଷ୍ଟର ପ୍ଲାନ ଏକ ମାସ ମଧରେ ପ୍ରସ୍ତୁତ କରିବା ପାଇଁ କେନ୍ଦୁଝରଗଡ଼ ମୁନିସିପାଲିଟି ନିର୍ବାହୀ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ । ଖଣିଜ ଦ୍ରବ୍ୟ ପରିବହନ କରୁଥିବା ଯାନକୁ ଉପଯୁକ୍ତ ଭାବେ ଘୋଡାଇବା, ବାୟୁର ମାନ ପରୀକ୍ଷା ନିମନ୍ତେ ମାଇନିଂ ହେଉଥିବା ସ୍ଥାନରେ ବାୟୁ ନିରୀକ୍ଷଣ ଯନ୍ତ୍ର ସ୍ଥାପନା ସହ ନିୟମ ଖିଲାପକାରୀଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ନେବା ପାଇଁ ଖଣି ଅଧିକାରୀଙ୍କୁ ନିର୍ଦେଶ ଦେଇଥିଲେ । ମା' ତାରିଣୀ ମନ୍ଦିରରେ ଭିଆଇପିଙ୍କ ଆଗମନ ସମୟରେ ସାଧାରଣ ଭକ୍ତଂକ ଦର୍ଶନ ସମ୍ପୂର୍ଣ ଭାବେ ବନ୍ଦ ନକରି ବିକଳ୍ପ ବ୍ୟବସ୍ଥା ଆପଣାଇବା ପାଇଁ ରାଜସ୍ୱ ଆୟୁକ୍ତ ଶ୍ରୀ ପୃଷ୍ଟି କେନ୍ଦୁଝର ଉପଜିଲ୍ଲାପାଳ, ଦେବୋତର ବିଭାଗ ଓ ମନ୍ଦିର ଟ୍ରଷ୍ଟ ବୋର୍ଡ ସ୍ୟଙ୍କୁ ପରାମର୍ଶ ଦେଇଥିଲେ । ପରିଷେଶରେ ଜିଲ୍ଲାପାଳ ଶ୍ରୀ ସିଂହ ଧନ୍ୟବାଦ ଅର୍ପଣ କରିଥିଲେ ।

## ମଧୁବନଠାରେ ଏସ୍‌ବିଆଇ ଏଟିଏମ୍ ମେସିନ ଅଚଳ : ଗ୍ରାହକ ହନ୍ତସନ୍ତ

ଧର୍ମଶାଳା, ୨୬/୬ (ନି.ପ୍ର): ଗ୍ରାହକମାନଙ୍କୁ ଉତମ ସେବା ସେବା ଯୋଗାଇ ଦେବା ଲକ୍ଷ୍ୟରେ ରାଷ୍ଟ୍ରାୟତ ବ୍ୟାଙ୍କଗୁଡିକ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ସ୍ଥାନମାନଙ୍କରେ ଏଟିଏମ୍ କାଉଁଟରମାନ ପ୍ରତିଷ୍ଠା କରାଯାଇଛି । ଫଳରେ ଗ୍ରାହକମାନେ ଅନେକ ସମୟରେ ବ୍ୟାଙ୍କ ଉପରେ ନିର୍ଭର ନ କରି ହାତ ପାହାନ୍ତାରେ ସେବା ପାଇ ପାରୁଛନ୍ତି । ତେବେ ଅନେକ ଗୁରୁତ୍ୱପୂର୍ଣ୍ଣ ସ୍ଥାନରେ ଦୀର୍ଘ ଦିନ ଏଟିଏମ୍ ମେସିନ ଅଚଳ ହୋଇ ପଡିବାରୁ ହଜାର ହଜାର ଗ୍ରାହକ ନାହିଁ ନ ଥିବା ଅସୁବିଧାରେ ସମ୍ମୁଖୀନ ହେଉଛନ୍ତି । ଏଭଳି ଘଟଣା ଦେଖିବାକୁ ମିଳୁଛି ଯାଜପୁର ଜିଲା ରସୁଲପୁର ବ୍ଲକ ମଧୁବନସ୍ଥିତ ଚନ୍ଦନ ବଜାର ଅଂଚଳରେ । ଦୀର୍ଘ ଦିନର ଦାବି ପରେ ଏଠାରେ ଭାରତୀୟ ଷ୍ଟେଟ୍ ବ୍ୟାଙ୍କ ପକ୍ଷରୁ ଏକ ଏଟିଏମ୍ କାଉଁଟର ପ୍ରତିଷ୍ଠା ହୋଇଥିଲା । ଫଳରେ ଏହି ଅଂଚଳ ଏକ ମୁଖ୍ୟ ବଜାର ହୋଇଥିବା ବେଳେ ଶହଶହ ଗ୍ରାହକ ଏହି କାଉଁଟର ଉପରେ ନିର୍ଭର କରି ଚଳୁଥିଲେ । ହେଲେ ଏହି କାଉଁଟର ଏବେ ଅଚଳ ହେବା ପରେ ଗ୍ରାହକମାନେ ନାହିଁ ନ ଥିବା ଅସୁବିଧାରେ ସମ୍ମୁଖୀନ ହେଉଛନ୍ତି ।

## ଜିନ୍ଦଲ କମ୍ପାନୀ ଅଧିକାରୀଙ୍କୁ ଅପରିଷ୍କାର ନାଳରେ ପେଲିଦେଲେ ଉତ୍ତ୍ୟକ୍ତ ଲୋକେ

ଚମ୍ପୁଆ, ୨୬/୬ (ନି.ପ୍ର): କହି କହି ଥକିଗଲେ କିନ୍ତୁ ଜିନ୍ଦଲ କମ୍ପାନୀ ଶୁଣିଲା ନାହିଁ । ଶେଷରେ କମ୍ପାନୀ ଅଧିକାରୀଙ୍କୁ ଅପରିଷ୍କାର ନାଳରେ ପେଲିଦେଲେ ଉତ୍ୟକ୍ତ ଲୋକେ । ଏହା ଥିଲା ଲୋକଙ୍କ ଆକ୍ରୋଶର ପ୍ରତିଛବି । କେନ୍ଦୁଝର ଜିଲ୍ଲା ଚମ୍ପୁଆ ଉପଖଣ୍ଡସ୍ଥ ବଡବିଲ ତହସିଲ ଅନ୍ତର୍ଗତ ଦେଓଝର ଠାରେ ଥିବା ଜିନ୍ଦଲ ପ୍ଲାଂଟର କାର୍ଯ୍ୟକୁ ନେଇ ଦିନକୁ ଦିନ ଲୋକଙ୍କ ଭିତରେ ଅସନ୍ତୋଷ ବୃଦ୍ଧି ପାଇବାରେ ଲାଗିଛି । ହେଲେ ଲୋକଙ୍କ ବାରମ୍ବାର ଅଭିଯୋଗ ସତ୍ୱେ କମ୍ପାନୀ ଅଣଦେଖା କରିବାରୁ କମ୍ପାନୀର ଜଣେ ଅଧିକାରୀଙ୍କୁ ଅପରିଷ୍କାର ନାଳରେ ବୁଡ ପକାଇବାକୁ ପଡିଛି । ସୂଚନାନୁସାରେ ଦେଓଝର ସ୍ଥିତ ଜିନ୍ଦଲ ପ୍ଲାଂଟ କର୍ତୃପକ୍ଷ ନିଜ ପ୍ଲାଂଟରୁ ବାହାରୁଥିବା ବିଷାକ୍ତ ପାଣି ନିକଟସ୍ଥ ମୂର୍ଗା ନାଳରେ ଛାଡିବା ଫଳରେ ନାଳ ପାଣି ବିଷାକ୍ତ ହୋଇ ପଡୁଛି । ଯାହାଦ୍ୱାରା ନାଳରେ ଥିବା ମାଛ ଗୁଡ଼ିକ ମରି ଯାଉଥିବା ବେଳେ ଏହି ନାଳ ପାଣି ପିଇବା ଯୋଗୁ ଗୃହପାଳିତ ପଶୁ ମଧ ମରି ଯାଉଥିବା ଅଭିଯୋଗ ହୋଇଛି । ଏହି ପାଣିରେ ଗାଧୋଇବା ଫଳରେ ଛୋଟ ଛୋଟ ପିଲାମାନେ ଚର୍ମ ରୋଗରେ ଆକ୍ରାନ୍ତ ହେଉଥିବା ବେଳେ ଜିନ୍ଦଲ ପ୍ଲାଂଟର ଅଧିକାରୀ ମାନେ ପ୍ରତିଥର ଆସି ଲୋକଙ୍କୁ ଭୁଆଁ ବୁଲାଇ ଚାଲି ଯାଇଥାନ୍ତି । ଯାହା ଫଳରେ ସ୍ଥାନୀୟ ଲୋକଙ୍କ ମଧ୍ୟରେ ଦିନକୁ ଦିନ ତୀବ୍ର ଅସନ୍ତୋଷ ବୃଦ୍ଧି ପାଉଥିବା ଦେଖା ଯାଇଥିଲା । ସେହିକ୍ରମରେ ଲୋକଙ୍କ ଅଭିଯୋଗ ପାଇ ଶନିବାର ପ୍ଲାଣ୍ଟର କିଛି ଅଧିକାରୀ ନାଳ ପାଖକୁ ଆସି ଥିବା ବେଳେ ଲୋକେ ଜଣେ ଅଧିକାରୀଙ୍କୁ ସେହି ନାଳ ଭିତରକୁ ପେଲି ଦେଇଥିଲେ । ଯାହାର ଭିଡିଓ ଏବେ ମୋବାଇଲ ରୁ ମୋବାଇଲକୁ ଭାଇରଲ ହୋଇଛି । ଏଠାରେ ସୂଚନା ଥାଉ କି ଏହି ମୂର୍ଗାନାଳ ବୈତରଣୀ ନଦୀରେ ମିଶୁଥିବା ବେଳେ ଜିନ୍ଦଲ ପ୍ଲାଂଟ ଯୋଗୁ ଚିରସ୍ରୋତା ବୈତରଣୀ ନଦୀ ପ୍ରଦୁଷିତ ହୋଇ କେନ୍ଦୁଝର ଜିଲ୍ଲା ସମେତ ପଡୋଶୀ ଜିଲ୍ଲା ଯାଜପୁର ମଧ ପ୍ରଭାବିତ ହେବ ବୋଲି ପରିବେଶବିତ୍ ଆଶଙ୍କା କରିଛନ୍ତି । ତେଣୁ ଏଥିପ୍ରତି ଯଥା ଶୀଘ୍ର ବିଭାଗୀୟ ଉଚ୍ଚ କର୍ତୃପକ୍ଷ ଦୃଷ୍ଟି ଦେବାକୁ ସାଧାରଣରେ ଦାବୀ ହେଉଛି ।

# ସଦର ବ୍ଳକରେ ଅନୁଷ୍ଠିତ ହେଲା ଉନ୍ନୟନମୂଳକ ଯୋଜନାର ସମୀକ୍ଷା ବୈଠକ



ବାଲେଶ୍ୱର , ୨୬/୬ (ନି.ପ୍ର): ବାଲେଶ୍ୱର ଜିଲ୍ଲା ସଦର ବ୍ଲକର ବିଭିନ୍ନ ଉନ୍ନୟନମୂଳକ ଯୋଜନାର କାର୍ଯ୍ୟକାରିତାକୁ ନେଇ ଏକ ସମୀକ୍ଷା ବୈଠକ ବ୍ଲକ ସମ୍ମିଳନୀ କକ୍ଷରେ ଆଜି ଅନୁଷ୍ଠିତ ହୋଇଯାଇଛି । ସଦର ବିଧାୟକ ମାନସ କୁମାର ଦତ୍ତ ଏଥିରେ ଯୋଗଦେଇ ସଦର ବ୍ଲକ ଅଞ୍ଚଳରେ କାର୍ଯ୍ୟକାରୀ ହେଉଥିବା ବିଭିନ୍ନ ବିକାଶମୂଳକ କାର୍ଯ୍ୟର ସମୀକ୍ଷା କରିଥିଲେ । କୃଷି, ସ୍ୱାସ୍ଥ୍ୟ, ଶିକ୍ଷା, ପାନୀୟ ଜଳ ବ୍ୟବସ୍ଥାର ଉନ୍ନତି ଦିଗରେ ଅନୁମୋଦିତ ବିଭିନ୍ନ ଯୋଜନାର ପ୍ରକଳ୍ପ କାର୍ଯ୍ୟ ଧାର୍ଯ୍ୟ ସମୟ ମଧ୍ୟରେ ଶେଷ ପାଇଁ ବିଭାଗୀୟ ଅଧିକାରୀଙ୍କୁ ବିଧାୟକ ଶ୍ରୀ ଦତ୍ତ ପରାମର୍ଶ ଦେଇଥିଲେ । ତେବେ ସାଧାରଣ ଲୋକଙ୍କୁ ନ୍ୟାୟ ଓ ସେମାନଙ୍କ ନ୍ୟାର୍ଯ୍ୟ ଅଧିକାର ପ୍ରଦାନ ତଥା ଦଳମତ ନିର୍ବିଶେଷରେ ଜନ କଲ୍ୟାଣକାରୀ ଯୋଜନାର ସଫଳ ରୂପାୟନ ପାଇଁ ବ୍ଲକ କାର୍ଯ୍ୟାଳୟର ଅଧିକାରୀ ଓ କର୍ମଚାରୀମାନଙ୍କ କାର୍ଯ୍ୟ ସମ୍ପାଦନ ଉପରେ ସେ ଗୁରୁତ୍ୱାରୋପ କରିଥିଲେ । ବିଶେଷ କରି ସମାଜର ଅବହେଳିତଙ୍କ ପାଇଁ ଉଦ୍ଦିଷ୍ଟ ସହାୟତା ଯୋଜନା, ମହାତ୍ମାଗାନ୍ଧୀ କର୍ମନିଯୁକ୍ତି ଯୋଜନା, ପ୍ରଧାନମନ୍ତ୍ରୀ ଆବାସ ଯୋଜନା ପ୍ରଭୃତିରେ ଆସୁଥିବା ସରକାରୀ ଅନୁଦାନର ଉଚିତ ବିନିଯୋଗ ପାଇଁ ଯତ୍ନବାନ ହେବାକୁ ସେ ସମସ୍ତଙ୍କୁ କହିଥିଲେ । ବିଭିନ୍ନ ଯୋଜନା କାର୍ଯ୍ୟକାରିତାରେ ପୂର୍ବରୁ ଚାଲିଥିବା ପାତରଅନ୍ତର ନୀତି ଛାଡିବା ସହିତ ସାଧାରଣ ଲୋକଟିଏ ଯେପରି ବ୍ଲକ କାର୍ଯ୍ୟାଳୟରୁ ପ୍ରତାରିତ ନ ହୁଏ ସେଥିପ୍ରତି ଦୃଷ୍ଟି ଦେବାକୁ ଶ୍ରୀ ଦତ୍ତ ବିଭାଗୀୟ ଅଧିକାରୀଙ୍କୁ ତାଗିଦ୍ କରିଥିଲେ । ସଦର ବିଡିଓ ସମରଜିତ କର ଏଥିରେ ପୌରୋହିତ୍ୟ କରିବା ସହ କାର୍ଯ୍ୟକାରୀ ବିଭିନ୍ନ ଯୋଜନା ସମ୍ପର୍କରେ ବିବରଣୀ ଉପସ୍ଥାପନ କରିଥିଲେ । ସମ୍ପ୍ରତି ମଧୁବାବୁ ପେନସନ ଯୋଜନାରେ ୨୮୧୧ଜଣ ହିତାଧିକାରୀ ଚୟନ ହୋଇଥିବା ବେଳେ ୨୭୩୪ଜଣ ସାମିଲ ହୋଇଛନ୍ତି । ସେହିପରି ବିଧବା ଭତ୍ତା ପାଇବାକୁ ୨୮୨୭ଜଣ ଚୟନ ହୋଇଥିବା ବେଳେ ୩୨୪ଜଣ ଦିବ୍ୟାଙ୍ଗ, ୨୦ଜଣ ଜାତୀୟ ପରିବାର ମଙ୍ଗଳ ଯୋଜନା, ୬୨୭ଜଣ ବାର୍ଦ୍ଧକ୍ୟ ଭତ୍ତା ପ୍ରଦାନ କରାଯାଉଛି । ତେବେ ବାର୍ଦ୍ଧକ୍ୟ ଭତ୍ତା ହିତାଧିକାରୀ ତାଲିକାରେ ସାମିଲ ଦୀର୍ଘ ବର୍ଷ ଧରି ମୃତ୍ୟୁବରଣ କରିଥିବା ବ୍ୟକ୍ତିଙ୍କ ନାମକୁ ନେଇ ଉପସ୍ଥିତ ପଂଚାୟତ ପ୍ରତିନିଧିମାନେ ସଦର ବ୍ଲକର ଅନିୟମିତା ନେଇ ଅଭିଯୋଗ କରିଥିଲେ । ପଂଚାୟତ ପ୍ରତିନିଧି ବା ଅଧିକାରୀ ବ୍ଲକ କାର୍ଯ୍ୟାଳୟକୁ ସଠିକ ତଥ୍ୟ ପ୍ରଦାନ କରୁନଥିବାରୁ ଏହିଭଳି ସ୍ଥିତି ଉପୁଜିଥିବା ସେମାନେ ଆରୋପ ଉଠାଇଥିଲେ । ବ୍ଲକ ପ୍ରଶାସନ ଏହା ଉପରେ ତୁରନ୍ତ ପଦକ୍ଷେପ ନେବାକୁ ସଦର ବିଧାୟକ ଶ୍ରୀ ଦତ୍ତ ପରାମର୍ଶ ଦେଇଥିଲେ । ପଂଚାୟତସ୍ତରୀୟ ଅଙ୍ଗନବାଡି କେନ୍ଦ୍ର ମାଧ୍ୟମରେ ପ୍ରତି ମାସ ମୃତବ୍ୟକ୍ତିଙ୍କ ବାବଦରେ ତଥ୍ୟ ସଂଗ୍ରହ ସହ ତାଲିକା ସଂଶୋଧନ କରିବାକୁ ଶ୍ରୀ ଦତ୍ତ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ । ଏଦିଗରେ ସମସ୍ୟା ଉପୁଜିଲେ ପଂଚାୟତ ପ୍ରତିନିଧିମାନଙ୍କ ସହାୟତା ନେବାକୁ ସେ କହିଥିଲେ । ଜିଲ୍ଲା ପରିଷଦ କାର୍ଯ୍ୟନିର୍ବାହୀ ଅଧିକାରୀ ବିଶ୍ୱରଞ୍ଜନ ନାୟକ, ସଦର ବ୍ଲକ ଅଧ୍ୟକ୍ଷା ସୁନୀତା ବେହେରା, ଏବିଡିଓ ଅଶୋକ କୁମାର ଦାସଙ୍କ ସମେତ ବ୍ଲକ ଓ ବିଭିନ୍ନ ପଞ୍ଚାୟତର ଅଧିକାରୀମାନେ ଉପସ୍ଥିତ ଥିଲେ । ସଦର ବ୍ଲକ ଅନ୍ତର୍ଗତ ସମସ୍ତ ପଞ୍ଚାୟତର ସରପଞ୍ଚ ଓ ସମିତି ସଭ୍ୟ ଏହି ବୈଠକରେ ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ ।

# ବିରାଟ ଲୀଳାକ୍ଷେତ୍ରରେ ଚତୁର୍ଦ୍ଧା ମୂର୍ତ୍ତିଙ୍କ ଅଣସର ଗୃହ ସେବା

ଉଦଳା , ୨୬/୬ (ନି.ପ୍ର): ବିରାଟ ଲୀଳାକ୍ଷେତ୍ର ନୁଦଡ଼ିହା-ପିଙ୍ଗୁ ଶ୍ରୀମନ୍ଦିରର ଅଣସରବାସରେ ଥିବା ଶ୍ରୀ ଜୀଉ ମାନଙ୍କର ବିଭିନ୍ନ ସୁଗନ୍ଧିତ ପୁଷ୍ପ ମିଶ୍ରିତ ଫୁଲୁରୀ ତୈଳ ମର୍ଦ୍ଦନ ଓ ପାଂଚଣ ସେବନ କାର୍ଯ୍ୟକ୍ରମ ଦଇତାପତି ସେବକ ମାନଙ୍କ ଦ୍ୱାରା ସଂପାଦିତ ହୋଇଥିଲା । ଆପଣମାନେ ଜାଣିଛନ୍ତି ତା.୨୨/୦୬/୨୦୨୪ରିଖ ଦେବସ୍ନାନ ପୂର୍ଣ୍ଣିମା ମହାସମାରୋହରେ ପାଳିତ ହୋଇଥିଲା । ଏହାଥିଲା ଶ୍ରୀଜଗନ୍ନାଥଙ୍କ ଜନ୍ମ ଦିବସ । ଯେଉଁ ପବିତ୍ର ତିଥିରେ ସକାଳ ୭.୩୦ମିନିଟରେ ଚତୁର୍ଦ୍ଧମୂର୍ତିଙ୍କୁ ଧାଡ଼ି ପହଣ୍ଡିରେ ରତ୍ନ ସିଂହାସନରୁ ସ୍ନାନ ମଣ୍ଡପକୁ ଅଣାଯାଇଥିଲା । ଆଲଟ – ଚାମର ସହିତ ଘଂଟ, ଘଂଟା, ମୃଦଙ୍ଗ, ଝାଞ୍ଜ, କରତାଳ, ହୁଳହୁଳି ଧ୍ୱନିରେ ଏକ ଆଧାତ୍ମିକ ପରିବେଶ ସୃଷ୍ଟି ହୋଇଥିଲା । ଚତୁର୍ଦ୍ଧମୂର୍ତିଙ୍କୁ ସ୍ନାନ ମଣ୍ଡପରେ ଆସୀନ କରାଯାଇ ସମସ୍ତ ନୀତି କାନ୍ତି କରାଯାଇଥିଲା । ଚତୁର୍ଦ୍ଦଶୀ ତିଥିରୁ ସ୍ନାନ ମଣ୍ଡପର ଦକ୍ଷୀଣ ଦିଗ ଅର୍ଥାତ୍ ଶ୍ରୀ ମନ୍ଦିରର ଉତର ଦ୍ୱାର ସମ୍ମୁଖରେ ଥିବା ସୁନା କୂଅରୁ ୧୦୮ ଗରା ଜଳ ସଂଗ୍ରହ କରାଯାଇ ଶ୍ରୀମନ୍ଦିରର ଭୋଗ ମଣ୍ଡପରେ ରଖାଯାଇଥିଲା । ସେଥିରେ ଅଗୁରୁ, ଚନ୍ଦନ ଏବଂ ବିଭିନ୍ନ ସୁବାଷିତ ଦ୍ରବ୍ୟ ମାନ ମିଶାଇ ପ୍ରସ୍ତୁତ କରି ରଖାଯାଇଥିଲା । ସେହି ୧୦୮ ଗରା ସୁବାଶିଷ ପବିତ୍ର ଜଳ ଦ୍ୱାରା ୧୮ ଗରାରେ ଶ୍ରୀ ସୁଦର୍ଶନ, ୨୨ ଗରାରେ ହଳଦୀମୁଖୀ ସୁଭଦ୍ରା, ୩୩ ଗରାରେ ଶ୍ରୀ ବଳଭଦ୍ର ଏବଂ ୩୫ ଗରାରେ ଶ୍ରୀ ଜଗନ୍ନାଥଙ୍କୁ ସ୍ନାନ କରାଯାଇଥିଲା । ସ୍ନାନ କାର୍ଯ୍ୟରେ ବ୍ରହ୍ମାଙ୍କ ନିର୍ଦ୍ଦେଶରେ ଦେବତା ମାନେ ମଧ ସ୍ନାନ ମଣ୍ଡପରେ ଉପସ୍ଥିତ ରହି ଶ୍ରୀ ଜୀଉଙ୍କୁ ଆଶୀର୍ବାଦ କରିଥାନ୍ତି । ଚତୁର୍ଦ୍ଧମୂର୍ତିଙ୍କ ଏହି ପବିତ୍ର ସ୍ନାନ କାର୍ଯ୍ୟ ଦର୍ଶନ କଲେ ଚାରି ଧାମ ଦର୍ଶନ ଠାରୁ ଅଧିକ ପୂଣ୍ୟ ମିଳିଥାଏ ବୋଲି ଶାସ୍ତ୍ର ପୁରାଣରେ ବର୍ଣ୍ଣିତ ଅଛି । ତେଣୁ ପ୍ରବଳ ରୌଦ୍ର ତାପ ସତ୍ୱେ ଶ୍ରଦ୍ଧାଳୁ ମାନେ ଶ୍ରୀ ଜୀଉଙ୍କର ସ୍ନାନ କାର୍ଯ୍ୟକୁ ଦର୍ଶନ କରିଥିଲେ । ଏହାପରେ ଶ୍ରୀ ଜୀଉଙ୍କର ଗଜ ବେଶ ଏବଂ ଗଜପତି ସେବକଙ୍କ ଛେରା ପହଁରା ନୀତି ମନମୁଗ୍ଧକର ଥିଲା । ଦିବା ୧ ଘଟିକା ସମୟରେ ଭକ୍ତ ମାନଙ୍କ ନିମନ୍ତେ ଶାନ୍ତିପୂର୍ଣ୍ଣ ଶୃଙ୍ଖଳିତ ଦର୍ଶନ ବ୍ୟବସ୍ଥା କରାଯାଇଥିଲା । ରାତ୍ର ୧୦ ଘଟିକା ସମୟରେ ପହଣ୍ଡି ମାଧ୍ୟମରେ ଶ୍ରୀ ଜୀଉ ମାନଙ୍କୁ ଅଣସର ଘରକୁ ନିଆଯାଇଥିଲା । ପ୍ରତ୍ୟହ ଦର୍ପଣ ସ୍ନାନ କରୁଥିବା ଶ୍ରୀ ଜୀଉ ୧୦୮ ଗରା ଜଳରେ ସ୍ନାନ କରିବା ପରେ ପୀଡ଼ିତ ହୋଇ ପଡ଼ିଥିଲେ । ସେହିଦିନ ଠାରୁ ଅଣସର ଘରେ ତାଙ୍କୁ ସପ ଉପରେ ସୁଆଇ ସେବାୟତ ମାନଙ୍କ ଦ୍ୱାରା ଅଙ୍ଗ ମର୍ଦ୍ଦନ କରାଯାଇ ଆସୁଥିଲା । ମାତ୍ର ଜିଉ ମାନେ ଆରୋଗ୍ୟ ନହେବାରୁ ଆଜି ୫ମ ଦିନରେ ବିଧି ମୁତାବକ ଏକ ବର୍ଷ ପୂର୍ବରୁ ସ୍ୱତନ୍ତ୍ର ଘଣା ପେଷା ରାଶି ତୈଳ ଯାହା ଏକ ନିର୍ଦ୍ଧିଷ୍ଟ ସ୍ଥାନରେ ମାଟି ତଳେ ପୋତାଯାଇ ରଖାଯାଇଥିଲା ତାହାକୁ ନୀତିକାନ୍ତି ପୂଜା ପରେ ସଂକୀର୍ତନ ମଣ୍ଡଳିଙ୍କ ଗହଣରେ ଅଣାଯାଇ ଚତୁର୍ଦ୍ଧା ମୂର୍ତିଙ୍କ ଅଙ୍ଗ ମର୍ଦ୍ଦନରେ ଏହି ଫୁଲୁରି ତେଲକୁ ବ୍ୟବହାର କରାଯାଇଥିଲା । ଏହା ସହିତ ବିଭିନ୍ନ ଔଷଧୀୟ ଚେରମୂଳ ଦ୍ୱାରା ପ୍ରସ୍ତୁତ ପାଂଚଣ ସେବନ କରାଯାଇଥିଲା । ଫଳରେ ପୀଡିତ ଦିଅଁ ଶୟନ ଅବସ୍ଥାରୁ ଉପବେଶନ କରିବାର ଦେଖାଯାଇଥିଲା । ସେବାୟତ ମାନଙ୍କର ଶ୍ରୀ ଜୀଉଙ୍କ ସେବା କାର୍ଯ୍ୟ ଜାରି ରହିଛି । ଏଥିରେ ମୁଖ୍ୟ ଉପଦେଷ୍ଟା ସୁଧାଂଶୁ କୁମାର ଦାଶ, ଉପଦେଷ୍ଟା ଭୋଳାନାଥ ସାହୁ, ଭଗବାନ ବେହେରା, ଦିବାକର ନାୟକ, ମାନଗୋବିନ୍ଦ ବେହେରା, ସଭାପତି ସର୍ବେଶ୍ୱର ରାଉତ, ସଂପାଦକ ନକୁଳ ଚନ୍ଦ୍ର ଜେନା ଏବଂ ଅନ୍ୟାନ୍ୟ ୨୪ ଜଣ ଦଇତାପତି ସେବକ ସମସ୍ତ ନୀତି କାନ୍ତିକୁ ପରିଚାଳନା କରୁଛନ୍ତି ।




## ଦକ୍ଷିଣପୂର୍ବ ରେଳପଥ ଟେଣ୍ଡର

ଟେଣ୍ଡର ନୋଟିସ୍ ନଂ: 114-ELC-G-KGP-24- 25-08R1, ତାରିଖ : 25.06.2024 । ଭାରତର ରାଷ୍ଟ୍ରପତିଙ୍କ ତରଫରୁ, sr. DEE / G / ଦକ୍ଷିଣ ପୂର୍ବ ରେଳ, ଖଡ଼ଗପୁର- ୭୨୧୩୦୧ ୧୨.୦୦ ଘଣ୍ଟା ପୂର୍ବରୁ ନିମ୍ନଲିଖିତ କାର୍ଯ୍ୟ ପାଇଁ ଇ-ଟେଣ୍ଡରକୁ ଆମନ୍ତ୍ରଣ କରିଥାଏ । ଆଇଟମ୍ ବିରୁଦ୍ଧରେ ଉଲ୍ଲେଖ କରାଯାଇଥିବା ତାରିଖ ଉପରେ । **କାର୍ଯ୍ୟର ବର୍ଣ୍ଣନା:** Sr.DEE (G) / KGP ଅନ୍ତର୍ଗତ ବିଭିନ୍ନ ଷ୍ଟେସନ ଅଗଣାରେ ହାଇ ମାଷ୍ଟ ଟାୱାରର ଯୋଗାଣ, ସ୍ଥାପନ ଏବଂ କମିଶନ । **ଟେଣ୍ଡର ମୂଲ୍ୟ:** ସୁରକ୍ଷା / **E.MD Rs.:-** ୧,୮୯,୪୩,୫୦୯.୨୨ ୨,୪୪,୭୦୦ **ବିଡ୍ କରନ୍ତୁ** । **ଖୋଲିବା ତାରିଖ :** ୧୭.୦୭.୨୦୨୪ ଟେଣ୍ଡର **ଡକ୍ୟୁମେଣ୍ଟର ମୂଲ୍ୟ:** ନିଲ୍ । **ସମାପ୍ତି ସମୟ:** ଚିଠିର ଗ୍ରହଣ ତାରିଖ ଠାରୁ ୧୨ (ବାର) ମାସ । **ଦାଖଲ ତାରିଖ:** ୧୨.୦୦ ଘଣ୍ଟା ପର୍ଯ୍ୟନ୍ତ । ୧୭.୦୭. ୨୦୨୪ ର ଇଚ୍ଛୁକ ଟେଣ୍ଡରକାରୀମାନେ ସମ୍ପୂର୍ଣ୍ଣ ବିବରଣୀ, ବର୍ଣ୍ଣନା, ଟେଣ୍ଡରର ନିର୍ଦ୍ଦିଷ୍ଟକରଣ ପାଇଁ ୱେବସାଇଟ୍ **www.ireps.gov.in** ପରିଦର୍ଶନ କରିପାରିବେ ଏବଂ ଅନଲାଇନରେ ସେମାନଙ୍କର ବିଡ୍ ଦାଖଲ କରିପାରିବେ । କୌଣସି କ୍ଷେତ୍ରରେ ଏହି କାର୍ଯ୍ୟ ପାଇଁ ମାନୁଆଲ ଟେଣ୍ଡର ଗ୍ରହଣ କରାଯିବ ନାହିଁ । **ଟିପନ୍ତୁ:** ସମସ୍ତ ଟେଣ୍ଡରରେ ଭାଗ ନେବାକୁ ଆଶାୟୀମାନେ ନିୟମିତ ଭାବରେ **www. ireps.gov.in** ପରିଦର୍ଶନ କରିପାରିବେ ।

(PR-315)


# ନିଶାଦ୍ରବ୍ୟ ନିଷେଧ ଦିବସରେ ସଚେତନତା କାର୍ଯ୍ୟକ୍ରମ

ଭୁବନେଶ୍ୱର, ୨୬/୬ (ନି.ପ୍ର): ସ୍ୱେଚ୍ଛାସେବୀ ସାମାଜିକ ସଂଗଠନ 'ୟୁଥ୍ ଫର ଭଲ୍ୟୁଂଟାରୀ ୱ୍ୱାକ' ଓ 'କର ଫାଉଣ୍ଡେସନ୍' ତରଫରୁ ଆର୍ନ୍ତଜାତୀୟ ନିଶାଦ୍ରବ୍ୟ ଦୁରୁପଯୋଗ ଓ ଅବୈଧ ବ୍ୟାପାର ବିରୋଧ ଦିବସ ଅବସରରେ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ୟୁଥ୍ ଫର ଭଲ୍ୟୁଣ୍ଟାରୀ ୱ୍ୱାର୍କର ଅଧ୍ୟକ୍ଷ ମୀର ଅହମ୍ମଦ ଅଲ୍ଲୀଙ୍କ ପରିଚାଳନାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଅନୁଷ୍ଠାନର ସ୍ୱେଚ୍ଛାସେବୀ ଓ ସାମାଜିକ କର୍ମୀ ନିଶାଦ୍ରବ୍ୟ ନିଷେଧର ବିରୋଧରେ ଲେଖାଥିବା ସ୍ଲୋଗାନ୍ ଯଥା- ନିଶାକୁ ନାଁ, ନିଶା ଦ୍ରବ୍ୟ ସ୍ୱାସ୍ଥ୍ୟ ପ୍ରତି ହାନୀକାରକ, ନିଶା ଛାଡନ୍ତୁ ଜୀବନ ବାଛନ୍ତୁ ଟି-ସାର୍ଟ ପିନ୍ଧି ଭୁବନେଶ୍ୱରସ୍ଥିତ ରାମ ମନ୍ଦିରଠାରୁ ମାଷ୍ଟର କ୍ୟାଣ୍ଟିନ୍ ଛକ ପର୍ଯ୍ୟନ୍ତ ଏକ ସଚେତନତା ପଦଯାତ୍ରା କରିଥିଲେ ।


## AFFIDAVIT

An affidavit before the executive Magistrate Basudevpur, I, Nihar Ranjan Das, aged about 39 years, S/o Madhusudan Das, of A.B College Road, Basudevpur, Dist- Bhadrak, Odisha, do hereby declare that the name of my minor daughter is Pragyan Paramita Das but I want to change her name from Pragyan Paramita Das to Aanshika Das by Affidavit before the court of Executive Magistrate Basudevpur. So I have changed her name Pragyan Paramita Das to Aanshika Das. Henceforth she will be known as Aanshika Das in all purpose.

**Nihar Ranjan Das**

## AFFIDAVIT

An affidavit before the executive Magistrate Basudevpur, I, Nihar Ranjan Das, aged about 39 years, S/o Madhusudan Das, of A.B College road, Basudevpur, Dist- Bhadrak, Odisha, do hereby declare that the name of my minor Son is Paramananda Das but I want to change his name from Paramananda Das to Aayansh Das by Affidavit before the court of Executive Magistrate Basudevpur. So I have changed his name Paramananda Das to Aayansh Das. Henceforth he will be known as Aayansh Das in all purpose.

**Nihar Ranjan Das**


# ମେଘାସନ ମହାବିଦ୍ୟାଳୟ ପରିସରରେ ବିଶ୍ୱ ନିଶା ଓ ନିଶା ତସ୍କରି ନିବାରଣ ଦିବସ ପାଳିତ




ଉଦଳା , ୨୬/୬ (ନି.ପ୍ର): ମେଘାସନ ମହାବିଦ୍ୟାଳୟର ଜାତୀୟ ସେବା ଯୋଜନା (ଏନ୍.ଏସ୍.ଏସ୍) , ଯୁବ ରେଡ଼କ୍ରସ ଓ ଜାତୀୟ ସମର ଶିକ୍ଷାର୍ଥୀ ବାହିନୀର ତରଫରୁ ବିଶ୍ୱ ନିଶା ଓ ନିଶା ତସ୍କରି ନିବାରଣ ଦିବସ ପାଳନ କରାଯାଇଅଛି । ନିଶା ଯୁବପିଢ଼ିଙ୍କୁ ବେଶି ଆକ୍ରାନ୍ତ କରିଥାଏ । ବିଭିନ୍ନ କାରଣରୁ ଯୁବକଟିଏ ଯୁବାଅବସ୍ଥାରୁ ହିଁ ନିଶା ପାନ କରିବା ଆରମ୍ଭ କରିଥାଏ । ଏଣୁ ନିଶାର ଅପକାରିତା ବିଷୟରେ ଯୁବକ ମାନଙ୍କୁ ଅଧିକ ସଚେତନ କରିବା ଆବଶ୍ୟକ । ଗ୍ରାମର ଶିକ୍ଷିତ ଯୁବକଟିଏ ସମାଜର ଧନିକ ଓ ରାଜନେତାଙ୍କ ଛଳନାର ଶିକାର ହୋଇ ନିଶାଗ୍ରସ୍ତ ହେବା ସହିତ ସମାଜ ବିରୋଧି କାର୍ଯ୍ୟ କରିବାକୁ ପଛାଏ ନାହିଁ । ବେଳେ ବେଳେ ସେ ନିଶା ଗ୍ରସ୍ତ ହୋଇ ରାଷ୍ଟ୍ର ବିରୋଧୀ ହେବାକୁ ମଧ ଆଗେଇଆସେ ଏଣୁ ବର୍ତମାନ ସମୟ ଆସିଛି ରାଜ୍ୟକୁ ନିଶାମୁକ୍ତ କରି ସମସ୍ତ ମଦ ଦୋକାନ ବନ୍ଦ କରିବା ସହିତ ମଦରୁ ଆଦାୟ ହେଉଥିବା ରାଜସ୍ୱ ଓ ମଦ ଯୋଗୁଁ ସମାଜରେ ହେଉଥିବା କ୍ଷତିର ହିସାବ ନିକାଶ କରିବା ଦରକାର ବୋଲି ମଂଚାସୀନ ବକ୍ତା ମାନେ ମତ ବ୍ୟକ୍ତ କରିଥିଲେ । ଉକ୍ତ କାର୍ଯ୍ୟକ୍ରମରେ ମହାବିଦ୍ୟାଳୟର ଅଧ୍ୟକ୍ଷ ପ୍ରମୋଦ କୁମାର ରାଉତ ସଭାପତିତ୍ୱ କରିଥିଲେ । ମୁଖ୍ୟ ଅତିଥି ଭାବରେ ମହାବିଦ୍ୟାଳୟର ଇଂରାଜୀ ବିଭାଗର ପ୍ରାଧ୍ୟାପକ ଫନିଭୂଷଣ ପୁଥାଳ, ମୁଖ୍ୟବକ୍ତା ଭାବରେ ପ୍ରାଧ୍ୟାପକ ନିରଞ୍ଜନ ପାଠୀ, ଅଧ୍ୟାପକ ସମିର ଭୋଇ, ରସାୟନ ବିଜ୍ଞାନ ବିଭାଗର ଅଧ୍ୟାପକ ତଥା ଯୁବରେଡ଼କ୍ରସର ସଂଯୋଜକ ବିଜୟ କୁମାର ନାୟକ ମଂଚାସୀନ ହୋଇ ତାଙ୍କର ବକ୍ତବ୍ୟ ପ୍ରଦାନ କରିଥିବା ବେଳେ ଅଧ୍ୟାପକ ସନ୍ତୋଷ କୁମାର ଜେନା, ଗ୍ରନ୍ଥାଗାରିକ ମନୋରଂଜନ ମଲ୍ଲିକ ନିଜ ନିଜର ମତ ରଖିଥିଲେ । ଏନ୍.ଏସ୍.ଏସ୍.ର ପ୍ରଗ୍ରାମ ଅଫିସର ସସ୍ମିତା ଲାୟା ଅତିଥି ମାନଙ୍କୁ ମଂଚକୁ ନିମନ୍ତ୍ରଣ କରିଥିବା ବେଳେ ଏନ୍.ସି.ସି. ଅଫିସର ଲେଫ୍ଟନାଂଟ ଅରୁଣ କୁମାର ଜେନା ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଛନ୍ତି । ପରେ ଉପସ୍ତିତ ସମସ୍ତ ଛାତ୍ର ଛାତ୍ରି ମାନେ ନିଶା ସେବନ ନକରିବା ପାଇଁ ଶପଥ ପାଠ କରିଥିଲେ । ତତ୍‌ପରେ ଛାତ୍ର ଛାତ୍ରୀ ମାନଙ୍କୁ ନେଇ ଏକ ନିଶା ବିରୋଧୀ ଶୋଭାଯାତ୍ରା ବାହାରିଥିଲା । ଉକ୍ତ କାର୍ଯ୍ୟକ୍ରମରେ ସମସ୍ତ ଛାତ୍ର ଛାତ୍ରୀ ମାନେ ଅଂଶ ଗ୍ରହଣ କରିଥିଲେ ।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ....

## ବାଚସ୍ପତି ନିର୍ବାଚନ....

ଦାୟିତ୍ୱ ଗ୍ରହଣ କରାଇଛନ୍ତି । ଆଜି ଲୋକସଭା ଅଧିବେଶନ ଆରମ୍ଭ ହେବା ମାତ୍ରେ ଏନଡିଏର ବାଚସ୍ପତି ପ୍ରାର୍ଥୀ ଭାବେ ଓମ୍ ବିର୍ଲାଙ୍କ ନାଁ ପ୍ରସ୍ତାବ ରଖିଥିଲେ ପ୍ରଧାନମନ୍ତ୍ରୀ ମୋଦି । ଯାହାକୁ ଏନଡିଏରେ ଥିବା ସହଯୋଗୀ ଦଳ ସମର୍ଥନ କରିଥିଲେ । ସେହିଭଳି ଇଣ୍ଡିଆ ମେଣ୍ଟ ପକ୍ଷରୁ କେ.ସୁରେଶଙ୍କ ନାଁ ବାଚସ୍ପତି ପ୍ରାର୍ଥୀ ଭାବେ ପ୍ରସ୍ତାବ ରଖାଯାଇଥିଲା । ଯାହାକୁ ଇଣ୍ଡିଆ ମେଣ୍ଟରେ ଥିବା ଦଳ ଗୁଡିକ ସମର୍ଥନ ଜଣାଇଥିଲେ । ତେଣୁ କାମଚଳା ବାଚସ୍ପତି ଭର୍ତ୍ତୃହରି ମହତାବ ଧ୍ୱନିମତ ସଂଗ୍ରହ କରିଥିଲେ । ଏହାପରେ ବାଚନିକ ଭୋଟରେ ଓମ୍ ବିର୍ଲା ବିଜୟୀ ହୋଇଥିବା ଘୋଷଣା କରିଥିଲେ କାମଚଳା ବାଚସ୍ପତି ଭର୍ତ୍ତୃହରି ମହତାବ । ଓମ୍ ବିର୍ଲା ଦ୍ୱିତୀୟ ଥର ପାଇଁ ବାଚସ୍ପତି ହେବା ପରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ତାଙ୍କୁ ଶୁଭେଚ୍ଛା ଜଣାଇଛନ୍ତି । ସେ କହିଛନ୍ତି, 'ମୋର ବିଶ୍ୱାସ ଯେ, ଆପଣ ଆଗାମୀ ୫ ବର୍ଷ ପାଇଁ ଆମ ସମସ୍ତଙ୍କର ମାର୍ଗଦର୍ଶନ କରିବେ । ଆପଣଙ୍କ ମଧୁର ହସ ଆମ ସମସ୍ତଙ୍କୁ ଖୁସି କରୁଛି । ଦ୍ୱିତୀୟ ଥର ପାଇଁ ବାଚସ୍ପତି ଦାୟିତ୍ୱ ମିଳିବାରେ ନୂଆ ରେକର୍ଡ ସୃଷ୍ଟି ହୋଇଛି । ବଳରାମ ଜାଖର ଜୀ ତାଙ୍କର ପାଞ୍ଚ ବର୍ଷ କାର୍ଯ୍ୟ ସମାପ୍ତ କରିବା ପରେ ତାଙ୍କୁ ପୁଣିଥରେ ବାଚସ୍ପତିଙ୍କ ଦାୟିତ୍ୱ ମିଳିଥିଲା । ତାଙ୍କ ପରେ ଆପଣ ହିଁ ଏହି ସୁଯୋଗ ପାଇଛନ୍ତି । ଆପଣ ଏକ ନୂତନ ଇତିହାସ ସୃଷ୍ଟି କରିଛନ୍ତି । ସ୍ୱାଧୀନତାର ୭୦ ବର୍ଷ ଭିତରେ ଯାହା ହୋଇ ନଥିଲା ଓମ୍ ବିର୍ଲାଙ୍କ ଅଧ୍ୟକ୍ଷତାରେ ସେସବୁ ସମ୍ଭବ ହୋଇପାରିଛି । ଗଣମନ୍ତର ଲମ୍ବା ଯାତ୍ରାରେ ଏକାଧିକ ମାଇଲଷ୍ଟୋନ ହୋଇଛି ।' ସେହିପରି ବିରେଧୀ ଦଳ ନେତା ତଥା କଂଗ୍ରେସ ସାଂସଦ ରାହୁଲ ଗାନ୍ଧି ମଧ ଓମ୍ ବିର୍ଲାଙ୍କୁ ପୁଣି ଥରେ ବାଚସ୍ପତି ହୋଇଥିବା ନେଇ ଶୁଭେଚ୍ଛା ଜଣାଇଛନ୍ତି ।

## ଓଡ଼ିଶା ଆସିବେ...

ସେଣ୍ଟର ଉଦ୍‌ଘାଟନ କରିବେ ରାଷ୍ଟ୍ରପତି । ୯ ତାରିଖ ପୂର୍ବାହ୍ନରେ ନାଇଜର କାର୍ଯ୍ୟକ୍ରମରେ ଯୋଗ ଦେବେ । ସେହିଦିନ ଅପରାହ୍ନରେ ରାଷ୍ଟ୍ରପତି ଦିଲ୍ଲୀ ପ୍ରତ୍ୟାବର୍ତ୍ତନ କରିବେ ବୋଲି ବିଶେଷ ସୂତ୍ରରୁ ସୂଚନା ମିଳିଛି । ତେବେ ରାଷ୍ଟ୍ରପତି ଓଡ଼ିଶା ଆସିବା ନେଇ ରାଷ୍ଟ୍ରପତି ଭବନରୁ ବିଧିବଦ୍ଧ ସୂଚନା ମିଳି ନାହିଁ । ଅନ୍ୟପକ୍ଷରେ ଆସନ୍ତା ୭ ତାରିଖରେ ପୁରୀର ବିଶ୍ୱପ୍ରସିଦ୍ଧ ରଥଯାତ୍ରା ପାଇଁ ଜୋରସୋରରେ ଚାଲିଛି ପ୍ରସ୍ତୁତିାଘୋଷଯାତ୍ରାକୁ ଶୃଙ୍ଖଳିତ, ସୁରକ୍ଷିତ ଓ ବ୍ୟବସ୍ଥିତ କରିବା ପାଇଁ ଆଜି ବସିବ ରଥଯାତ୍ରା ଦ୍ୱିତୀୟ ସମନ୍ୱୟ କମିଟି ବୈଠକ । ପୁରୀ ଟାଉନ୍ ହଲ ପରିସରରେ ଦିନ ୧୧ଟାରେ ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନଙ୍କ ଅଧ୍ୟକ୍ଷତାରେ ଏହି ବୈଠକ ବସିବ । ଏଥିରେ ରଥଯାତ୍ରା ସୁପରିଚାଳନା ନେଇ ବିସ୍ତୃତ ସମୀକ୍ଷା କରାଯିବ । ବିଶେଷ କରି ପୂର୍ବରୁ ନିଆଯାଇଥିବା ପଦକ୍ଷେପ ସମ୍ପର୍କରେ ଆଲୋଚନା ହେବ । ବୈଠକରେ ବିଭିନ୍ନ ବିଭାଗର ମନ୍ତ୍ରୀ, ଆଇନ ସଚିବ, ଆରଡିସି, ପୁଲିସ ବିଭାଗର ଅଧିକାରୀ, ପୁରୀ ଜିଲ୍ଲାପାଳ, ଏସପି ପ୍ରମୁଖ ଯୋଗଦେବାର କାର୍ଯ୍ୟକ୍ରମ ରହିଛି । ରଥ ପ୍ରସ୍ତୁତି, ନୀତି ନିର୍ଘଣ୍ଟ ଅନୁଯାୟୀ ବିଶେଷ ବ୍ୟବସ୍ଥା, ଆଇନ ଶୃଙ୍ଖଳା, ଟ୍ରାଫିକ ସୁନିୟନ୍ତ୍ର, ସ୍ୱାସ୍ଥ୍ୟ ବିଭାଗର ପ୍ରସ୍ତୁତି, ପରିମଳ ବ୍ୟବସ୍ଥା, ରାସ୍ତାଘାଟ, ରେଳ ଚଳାଚଳ, ପରିବହନ ବ୍ୟବସ୍ଥା ଦିଗ ଉପରେ ଆଲୋଚନା ହେବ । ଜୁଲାଇ ୭ ଓ ୮ ଦୁଇ ଦିନ ଧରି ରଥଯାତ୍ରା ଚାଲିବାକୁ ଥିବାରୁ ଉଭୟ ପୁଲିସ ପ୍ରଶାସନ ଓ ନୂଆ ରାଜ୍ୟ ସରକାରଙ୍କ ପାଇଁ ବଡ଼ ଚ୍ୟାଲେଞ୍ଜ ହୋଇଛି ।

## କେବେ ଖୋଲିବ....

ପଡ଼ିଥିବାର ଦେଖାଯାଉଥିଲା । ହେଲେ ଯା ଭିତରେ ୬ ବର୍ଷ ବିତିଯାଇଥିଲା ବେଳେ ଏବେକାର ରତ୍ନଭଣ୍ଡାର ସ୍ଥିତି କ'ଣ ତାହା କାହାରିକୁ ଜଣାନାହିଁ । ଯଦିଓ ନୂଆ ସରକାର ଆସିବା ପରେ ରତ୍ନଭଣ୍ଡାର ଖୋଲିବାର ଆଶା ବଢ଼ିଛି । ତଥାପି ନିର୍ଦ୍ଦିଷ୍ଟ ଭାବେ କେବେ ଖୋଲିବ ସେ ଉତ୍ତର ବି କାହା ପାଖରେ ନାହିଁ । ଖୋଲିଲେ ବି ଆଗ ଦୁର୍ମୂଲ୍ୟ ଅଳଙ୍କାରର ଗଣତି ହେବ ନା ମରାମତି ହେବ ତାକୁ ନେଇ ବି ପ୍ରଶ୍ନ ଉଠିଛି । ଏଭଳି ସ୍ଥିତିରେ ଓଟିଭିକୁ ଏକ୍ସକ୍ଲୁସିଭ୍ ଇଣ୍ଟରଭ୍ୟୁ ଦେଇ ଶ୍ରୀମନ୍ଦିର ପରିଚାଳନା କମିଟି ମୁଖ୍ୟ ଗଜପତି ଦିବ୍ୟସିଂହ ଦେବ କହିଛନ୍ତି, କେବେ ରତ୍ନଭଣ୍ଡାର ଖୋଲିବ ଓ କିଭଳି ଭଣ୍ଡାର ମରାମତି ସହ ଦୁର୍ମୂଲ୍ୟ ଅଳଙ୍କାରର ଗଣତି ହେବ, ସେନଇ ଅଗଷ୍ଟ ୨୦୨୩ରୁ ସରକାରଙ୍କୁ ପରିଚାଳନା କମିଟି ତାର ପ୍ରସ୍ତାବ ଦେଇ ସାରିଛି । ଜଷ୍ଟିସ୍ ପଶାୟତ କମିଟି ଏହାର ପ୍ରକ୍ରିୟା ସ୍ଥିର କଲେ ରତ୍ନଭଣ୍ଡାର ଖୋଲିବା ନେଇ ନିଷ୍ପତ୍ତି ନେବେ ସରକାର । ଆଜି ଶ୍ରୀମନ୍ଦିର ପରିଚାଳନା କମଟି ସଦସ୍ୟ ତଥା ଅନ୍ତର୍ଜାତୀୟ ବାଲୁକା ଶିଳ୍ପୀ ସୁଦର୍ଶନ ପଟ୍ଟନାୟକ ବି ରତ୍ନଭଣ୍ଡାର ମରାମତି ନେଇ ମୁଖ୍ୟମନ୍ତ୍ରୀଙ୍କୁ ଚିଠି ଲେଖିଛନ୍ତି । ସୁଦର୍ଶନ ଦର୍ଶାଇଛନ୍ତି ଲେଜର ସ୍କାନିଂରୁ ରତ୍ନଭଣ୍ଡାର କାନ୍ଥରେ ଫାଟ ଥିବା ଜଣାପଡ଼ିଥିଲା । ତେଣୁ ଆଗକୁ ବର୍ଷାଋତୁ ଥିବାରୁ ରତ୍ନଭଣ୍ଡାର ମରାମତି ପାଇଁ ଇଓଙ୍କୁ ନିର୍ଦ୍ଦେଶ ଦେବାକୁ ମୁଖ୍ୟମନ୍ତ୍ରୀଙ୍କୁ ଅନୁରୋଧ କରିଛନ୍ତି ।

## ଗିରଫ ପରେ ୩ଦିନିଆ...

ସିବିଆଇ ଜୁନ୍ ୨୯ରେ ସନ୍ଧ୍ୟା ୭ଟା ପୂର୍ବରୁ ପୁଣିଥରେ ଆମ୍ ଆଦମୀ ପାର୍ଟିର ମୁଖ୍ୟ ଅରବିନ୍ଦ କେଜ୍ରିୱାଲଙ୍କୁ କୋର୍ଟରେ ହାଜର କରିବ । ଅରବିନ୍ଦ କେଜ୍ରିୱାଲଙ୍କ ପାଞ୍ଚ ଦିନିଆ ରିମାଣ୍ଡ ମାଗିଥିଲା ସିବିଆଇ । ହେଲେ କୋର୍ଟ ତାଙ୍କୁ ତିନି ଦିନ ପାଇଁ ରିମାଣ୍ଡରେ ପଠାଇଛନ୍ତି । ତେବେ ଗିରଫ ପରେ କେଜ୍ରିୱାଲଙ୍କ ପତ୍ନୀ କହିଥିଲେ ଯେ, ଜୁନ ୨୦ରେ ଅରବିନ୍ଦ କେଜ୍ରିୱାଲଙ୍କୁ ଜାମିନ ମିଳିଲା । ଏହା ପରଦିନ ସିବିଆଇ ତାଙ୍କୁ ଅଭିଯୁକ୍ତ ସଜାଇଦେଲା । ଆଜି ସିବିଆଇ ଗିରଫ କଲା । ପୁରା ଶାସକ ଦଳ ଲାଗିପଡିଛନ୍ତି ଯେ କେଜ୍ରିୱାଲ ଯେଭଳି ଜେଲ ବାହାରକୁ ଆସିପାରିବେ ନାହିଁ । ଏହା ଆଇନ ନୁହେଁ, ଏହା ଏକଛତ୍ରବାଦୀ ଶାସନ ଏବଂ ଜରୁରୀକାଳୀନ ପରିସ୍ଥିତି ।

## ମଦ ମୁକ୍ତ ହେବ....

ନିଆଯିବ । ଡ୍ରଗ୍ କାରବାର ବିରୋଧରେ ଏହି କାର୍ଯ୍ୟକ୍ରମ । ସୁସ୍ଥ ସମାଜ ଗଠନ ପାଇଁ ଏହା ବେଶ ସହାୟକ ହେବ ବୋଲି ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ । ସୂଚନାରୁ ପ୍ରକାଶ, ମଦ ବା ମାଦକ ଦ୍ରବ୍ୟ ଶୁଖ ଓ ଶାନ୍ତିର ପରିବାରରେ ଅଶାନ୍ତିର ବାତାବରଣ ସୃଷ୍ଟି କରୁଛି । କେତେବେଳେ ସ୍ୱାମୀ ଓ ସ୍ତ୍ରୀ ମଧ୍ୟରେ ରକ୍ତାକ୍ତ ସଂଘର୍ଷ ହେଉଛି ତ ଆଉ କେତେବେଳେ ବାପ-ପୁଅ ମଧ୍ୟରେ ହେଉଛି ଲଢ଼େଇ । ଆଉ ଯାଉଛି ଜୀବନ । ପ୍ରତିଦିନ ଏପରି ଘଟଣା ସମଗ୍ର ରାଜ୍ୟରେ ଘଟୁଛି । ଯାହାକୁ ନେଇ ବୁଦ୍ଧିଜୀବୀ ମହଲରେ ଅସନ୍ତୋଷ ପ୍ରକାଶ ପାଉଛି । ନିଶା ଦ୍ରବ୍ୟକୁ ବନ୍ଦ କରିବା ପାଇଁ ଦୀର୍ଘ ଦିନରୁ ଦାବି କରି ଆସୁଛି । ହେଲେ ଏଥିପ୍ରତି କେହି ଧ୍ୟାନ ଦେଉନଥିବା ଅଭିଯୋଗ ହେଉଛି । ସେପଟେ ଆଜି ହେଉଛି ବିଶ୍ୱ ନିଶା ନିବାରଣ ଦିବସ । ଏହାକୁ ନେଇ ଆଜି ବିଭିନ୍ନ ସ୍ଥାନରେ କରାଯାଉଛି ସଚେତନତା କାର୍ଯ୍ୟକ୍ରମ । ରାଉରକେଲା ସହରର ଡେଭେଲପଡ୍ ଏରିଆ ହାଇସ୍କୁଲ ପରିସରରୁ ଏକ ବିରାଟ ରାଲି ବାହାରିଥିଲା । ତା' ସହ ନିଶା ନିବାରଣ ପାଇଁ ଏକ ପଥପ୍ରାନ୍ତ ନାଟକ ମଧ୍ୟ ପରିବେଷଣ କରାଯାଇଥିଲା । ସ୍କୁଲ ଛାତ୍ରଛାତ୍ରୀଙ୍କ ସହ ଉଜଚର ଯବାନମାନେ ମଧ୍ୟ ସାମିଲ ହୋଇଥିଲେ । ରାଉରକେଲା ଅବକାରୀ ବିଭାଗ ପକ୍ଷରୁ ଏହି ସଚେତନତା ରାଲି କରାଯାଇଥିଲା ।

## ଅସରାଏ ବର୍ଷାରେ ବେହାଲ୍ ...

ଘଡ଼ଘଡ଼ି ମାରିଥିଲା । ତା'ପରେ ପ୍ରବଳ ବର୍ଷା ଥିଲା । ରାଜଧାନୀର ଅଧିକାଂଶ ସ୍ଥାନରେ ବର୍ଷାର କୋପ ଦେଖିବାକୁ ମିଳିଥିଲା । ପଟିଆ, ଚନ୍ଦ୍ରଶେଖର, କଳାରାହାଙ୍ଗ, ମଞ୍ଚେଶ୍ୱର, ଲକ୍ଷ୍ମୀସାଗର, ଆଇଆରସି ଭିଲେଜ, ବମିଖାଲ, ଓଲଡ୍ ଟାଉନ୍ ପ୍ରମୁଖ ଅଞ୍ଚଳରେ ପ୍ରବଳ ବର୍ଷା ହୋଇଥିବା ଦେଖିବାକୁ ମିଳିଛି । ପ୍ରାୟ ୧୦ ମିଲିମିଟର ବର୍ଷା ହୋଇଥିବା ଅନୁମାନ କରାଯାଉଛି । ବର୍ଷା ଯୋଗୁ ରାଜଧାନୀର ଅନେକ ଅଞ୍ଚଳ ଜଳମଗ୍ନ ହୋଇଛି । ପାଣି ଡ୍ରେନ୍‌ରେ ନିଷ୍କାସିତ ହୋଇପାରୁନଥିବାରୁ ରାସ୍ତାରେ ପ୍ରବାହିତ ହେଉଛି । ୧୬ ନମ୍ବର ଜାତୀୟ ରାଜପଥ ପାର୍ଶ୍ୱ ଇସ୍କନ ସମ୍ମୁଖରେ ରାସ୍ତାର ଅବସ୍ଥା ବେହାଲ ହୋଇଛି । ଏହି ରାସ୍ତାରେ ଆଣ୍ଠୁଏ ଉଚ୍ଚର ପାଣି ପ୍ରବାହିତ ହେଉଛି । ଯାହାଫଳରେ ଯିବାଆସିବା ଠପ୍ ହୋଇଯାଇଛି । କାର ଗୁଡ଼ିକ ବୁଡି ଯାଇଛି । ବସ୍ ଗୁଡ଼ିକ ମଝି ରାସ୍ତାରେ ଅଟକି ରହିଛି । ଇସ୍କନ ସମ୍ମୁଖ ପରି ରସୁଲଗଡ଼ରେ ମଧ୍ୟ ସମାନ ସ୍ଥିତି ଦେଖିବାକୁ ମିଳିଛି । ରାସ୍ତାରେ ପ୍ରବଳ ବେଗରେ ପାଣି ପ୍ରବାହିତ ହେଉଛି । ବର୍ଷା ହେଲେ ବାରମ୍ବାର ଏମିତି ହେଉଥିବାରୁ ରାଜଧାନୀବାସୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି ।

## ବର୍ଦ୍ଦି ପଛର ଅସଲ ଚେହେରା...

ଫଳରେ ପୁଲିସ୍ ବର୍ଦ୍ଦି ତଳେ ଲୁଚିଥିବା ଅସଲ ଚେହେରା ପଦାରେ ପଡ଼ିଛି । ମହିଳା ଜଣକ ଥାନାରେ କରିଥିବା ଅଭିଯୋଗ ଅନୁଯାୟୀ, ତାଙ୍କ ଘର ରାଜନଗରରେ । ତାଙ୍କ ସ୍ୱାମୀ ଚାନ୍ଦବାଲିରେ ରହି ଗାଡ଼ି ଚଲାଇଥାନ୍ତି । ମାତ୍ର ଏଠାରେ ତାଙ୍କ ସ୍ୱାମୀଙ୍କୁ କିଏ ମାରପିଟ କରିଥିବା ବେଳେ ସେ ଏଠାରେ ଅଭିଯୋଗ କରିଛନ୍ତି । ତେଣୁ ଖବର ପାଇ ସେ ନିଜ ଦୁଇ ଛୁଆ ଓ ନଣନ୍ଦ ଥାନାକୁ ଆସିଥିଲେ । ଏଠାରେ ଥିବା ସମୟରେ ଜଣେ ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରାଯାଉଥିଲା । ସେ ଥାନା ସମ୍ମୁଖରୁ ଏକ ନୂଆ ଚପଲ ପିନ୍ଧି ଯାଇଥିବା ବେଳେ ଖୋଳକୁ ସେଠାରେ ଫୋପାଡ଼ି ଦେଇଥିଲେ । ଉକ୍ତ ଖୋଳରେ ତାଙ୍କ ଝିଅ ଖେଳିବାରୁ ତାହାକୁ ସେ ଫୋପାଡ଼ି ଦେଇଥିଲେ । ମାତ୍ର ଉକ୍ତ ଖୋଳକୁ ଡଷ୍ଟବିନରେ ପକାଇବାକୁ ଜଣେ କନଷ୍ଟେବଳ ତାଗିଦ କରିଥିଲେ । ମାତ୍ର ସେ ମନା କରିବାରୁ ଏହାକୁ ନେଇ ଉଚ୍ଚବାଚ ହୋଇଥିଲା । ଏଥିରେ ଉତ୍‌କ୍ଷିପ୍ତ ହୋଇ ସେ ତାଙ୍କ ଗାଲକୁ ସାତଆଠ ଚାପୁଡ଼ା ମାରିଥିଲେ । ସେ ପାଟି କରିବାରୁ କନଷ୍ଟେବଳ ଜଣକ ତାଙ୍କୁ ଏକ ବାଡ଼ିରେ ନିର୍ଘୃମ ପିଟିଥିଲେ । ଏହାପରେ ୩ ଜଣ ପୁଲିସ୍ ପହଞ୍ଚି ତାଙ୍କୁ ଜବରଦସ୍ତି ଟେକି ନେଇଥିଲେ । ଟଣାଓଟରା କରିବାରୁ ତାଙ୍କ ପିନ୍ଧା ଶାଢୀ ଚିରି ଯାଇଥିବା କହିଛନ୍ତି ସଂପୃକ୍ତ ମହିଳା । ସେହି ସମୟରେ ତାଙ୍କ ସ୍ୱାମୀ ପୁଲିସ୍ ଥାନା ଆଗରେ ଛିଡ଼ା ହୋଇଥିବାର ଦେଖି ପୁଲିସ ମହିଳାଙ୍କୁ ଛାଡ଼ି ଦେଇଥିଲେ । ନଚେତ 'ମୋ ଅବସ୍ଥା କ'ଣ ହୋଇଥାନ୍ତା ତାହା ମୁଁ ଭାବି ପାରୁନି' ବୋଲି ମହିଳା ଜଣକ କହିଛନ୍ତି । ଏହି ଭିଡିଓ ଭାଇରାଲ ହେବା ପରେ ଚାନ୍ଦବାଲି ଏସଡିପିଓ କହିଛନ୍ତି, ଘଟଣାର ତଦନ୍ତ ହେବ । ଯିଏ ଦୋଷୀ ହୋଇଥିବ ତାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ । ସୂଚନାଯୋଗ୍ୟ, କିଛି ଦିନ ତଳେ ପୁଲିସ ମୁଖିଆମାନଙ୍କୁ ଡାକି ଥାନାରେ ଲୋକଙ୍କ ପ୍ରତି କିଭଳି ବ୍ୟବହାର ପ୍ରଦର୍ଶନ କରାଯିବ ସେନେଇ ନିର୍ଦ୍ଦେଶ ଦେଇଥିଲେ ନୂଆ ମୁଖ୍ୟମନ୍ତ୍ରୀ ମୋହନ ମାଝୀ । ଏହି ନିର୍ଦ୍ଦେଶକୁ ସପ୍ତାହେ ପୂରି ନ ଥିବା ବେଳେ ଚାନ୍ଦବାଲି ପୁଲିସ ଦେଖାଇ ଦେଇଛି ନିଜ ଅସଲ ଚେହେରା । କ୍ୟାମେରାରେ ଧରାପଡ଼ିଛି ପୁଲିସ୍‌ର ସତ । ଏବେ ଏହା ଉପରେ କ'ଣ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉଛି ତାହା ଉପରେ ସମସ୍ତଙ୍କ ନଜର ।

## ଏନ୍‌କାଉଣ୍ଟରରେ ଟଳିଲେ...

ଜୁନ୍ ୧୧ ତାରିଖରେ, ଆତଙ୍କବାଦୀମାନେ ଚତ୍ତରଗଲାଠାରେ ଏକ ଚେକ୍ ପୋଷ୍ଟ ଉପରେ ଆକ୍ରମଣ କରିଥିଲେ । ଏଥିରେ ୬ ଜଣ ସୁରକ୍ଷାକର୍ମୀ ଆହତ ହୋଇଥିଲେ । ଏହାର ପରଦିନ ଗୋଣ୍ଡାହ ଅଞ୍ଚଳର କୋଟା ଟପ୍‌ରେ ଆତଙ୍କବାଦୀଙ୍କ ସହିତ ଗୁଳି ବିନିମୟରେ ଜଣେ ପୁଲିସ କର୍ମଚାରୀ ଆହତ ହୋଇଥିଲେ । ଏହି ଯୁଗ୍ମ ଆକ୍ରମଣ ପରେ ସୁରକ୍ଷା ବାହିନୀ ଆତଙ୍କବାଦ ବିରୋଧୀ କାର୍ଯ୍ୟକୁ ଆହୁରି ଜୋରଦାର କରି ଜିଲ୍ଲାରେ ଅନୁପ୍ରବେଶ କରିଥିବା ଚାରିଜଣ ପାକିସ୍ତାନୀ ଆତଙ୍କବାଦୀଙ୍କ ପାଇଁ ୫ ଲକ୍ଷ ଟଙ୍କା ଲେଖାଏଁ ପୁରସ୍କାର ଘୋଷଣା କରିଥିଲେ ।

## ଶୃଙ୍ଖଳିତ ହେବ ରଥଯାତ୍ରା...

ବ୍ୟବସ୍ଥାକୁ ସୁଗମ କରିବା ନେଇ ହୋଇଛି ଆଲୋଚନା । ସେହିପରି ରଥଯାତ୍ରା ପାଇଁ ୧୫୦ଟି ସ୍ୱତନ୍ତ୍ର ଟ୍ରେନ୍ ଚଳାଚଳ ସହ ବସ୍ ଚଳାଚଳ ନେଇ ମଧ୍ୟ ବ୍ୟବସ୍ଥା କରାଯିବ । ରଥଯାତ୍ରା ବେଳେ ଟ୍ରାଫିକ ସବୁଠାରୁ ବଡ଼ ସମସ୍ୟା ସୃଷ୍ଟି କରିଥାଏ । ଯେହେତୁ ଏଥର ଦୁଇଦିନ ଧରି ରଥଟଣା ହେବ, ତେଣୁ ଟ୍ରାଫିକ ପରିଚାନଳା ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇଛି । ଆବଶ୍ୟକୀୟ ପୁଲିସ ଫୋର୍ସ ମୁତୟନ ସହ ଟ୍ରାଫିକ ଓ ୧୮ଟି ସ୍ଥାନରେ ଗାଡ଼ି ପାର୍କିଂ ବ୍ୟବସ୍ଥା କରାଯାଇଛି ।

ଗୁରୁବାର, ଜୁନ୍ ୨୭, ୨୦୨୪

ଧ୍ୱନି ପ୍ରତିଧ୍ୱନି

ପୃଷ୍ଠା

# ମୋନା ପକ୍ଷରୁ ଅର୍ନ୍ତଜାତୀୟ ନିଶା ବିରୋଧି ଦିବସ ପାଳିତ

ଜଳେଶ୍ୱର ୨୬/୬ (ନିପ୍ର) : ଆଜି ଅପରାହ୍ନରେ କାଳିମନ୍ଦିର ପରିସରରେ ମିଳିତ ନିଶା ନିବାରଣ ଅଭିଯାନ (ମୋନା) ପକ୍ଷରୁ ଆନ୍ତର୍ଜାତୀକ ନିଶା ବିରୋଧି ଦିବସ ପାଳିତ ହୋଇଛି । ସମଗ୍ର ଦେଶର ସିଂହଭାଗ ଯୁବପିଢୀ ନିଶା କବଳିତ । ଏବେ ନିଶା ସାମାଜିକ ସଂକଟଭାବେ ଉଭା ହୋଇଛି । ଚୋରୀ, ଡକାୟତ୍ରୀ, ଦୁର୍ଘଟଣା, ନାରୀ ନିର୍ଯାତନା ଓ ଦୁଷ୍କର୍ମ ଭଳି ଅପରାଧ ନିଶା ଯୋଗୁଁ ବଢି ଚାଲିଛି । ଜାତୀର ପିତା ମହାତ୍ମାଗାନ୍ଧୀ ମଦ ବନ୍ଦ ପାଇଁ ସଚେତନତା ସୃଷ୍ଟି କରୁଥିବା ବେଳେ ଏବେ କ୍ରମଶଃ ବଢି ବଢି ଚାଲୁଛି । ଓଡିଶାରେ ଜଳେଶ୍ୱର ନିଶାର ହବ୍ ପାଲଟିଛି । କେତେକ ରାଜନୈତିକ ଦଳ ନିଶା ବନ୍ଦ ଲାଗି ନିର୍ବାଚନ ପ୍ରତିଶୃତି ଦେଇଛନ୍ତି । ତେଣୁ ମୋନା ସଂଗଠନ ପକ୍ଷରୁ ମଦ ବିକ୍ରିକୁ ବେଆଇନ୍ ଘୋଷଣା କରି ସୁସ୍ଥ ସମାଜ ଗଠନରେ ପଦକ୍ଷେପ ଗ୍ରହଣ କରନ୍ତୁ ବୋଲି ଅନୁଷ୍ଠିତ ସଭାରେ ବକ୍ତାମାନେ ବକ୍ତବ୍ୟ ରଖିଥିଲେ । ମୋନାର ବ୍ଲକ ସଭାପତି ଦିଲ୍ଲିପ ଗିରିଙ୍କ ଅଧ୍ୟକ୍ଷତାରେ ମ୍ୟୁନିସିପାଲଟି ସଭାପତି କମଳ ଚକ୍ରବର୍ତ୍ତୀ, ବଣିକସଂଘ ସଭାପତି ସୁଧିର ମହାନ୍ତି, ଦିଲ୍ଲିପ ପରିଡା, ଚନ୍ଦନ କାମିଳା, ଅଶୋକ ଦାସ, ଗଣେଶ ମାଇତି, ସେକ ଜମିରୁଦ୍ଦିନ, ସନ୍ତୋଷ ଦେବନାଥ, ବିଶାଳ ଦାସ, ସେକ୍ ଇସ୍ମାଇଲ ଅଲ୍ଲି, ସଂଜୟ ଦାସ, ହେମନ୍ତ ପରିଡା, ରାଜା ଖାଁ, ପୁଲିନ୍ ଦେ, ଅକ୍ଷୟ ପାତ୍ର, ସିର୍ଦ୍ଧେଶ୍ୱର ନାୟକ, ଅଶ୍ୱିମ ଗିରି, ହେମନ୍ତ ବାରିକ, କେଦାର ମହାନ୍ତି, ସତିଶ ପ୍ରଧାନ, ସଂଜୟ ବେହେରା ପ୍ରମୁଖ ବକ୍ତବ୍ୟ ରଖିଥିଲେ । କାର୍ଯ୍ୟକ୍ରମରେ ସୁବାଶବୋଷ ଅଟୋ ସଂଘ, ମହାତ୍ମାଗାନ୍ଧୀ ଟଟୋ ସଂଘ, ଜଳେଶ୍ୱର ଅଟୋ ଓ ଟଟୋ ସଂଘର ଶ୍ରମିକ ମାନେ ଉପସ୍ଥିତ ଥିଲେ ।



# ହରିଣକୁ ମାରି ଖାଇବା ଘଟଣାରେ ଚାରି ଗିରଫ : ବାଇକ୍ ଓ ଧନୁତୀର ଜବତ୍ , ଦୁଇ ଅଭିଯୁକ୍ତ ଏବେବି ଫେରାର

ବେତନଟୀ ୨୬/୬ ବେତନଟୀ ମୟୂରଭଞ୍ଜ ଜିଲ୍ଲାର ବେତନଟୀ ବ୍ଲକ ତଥା ବୈଶିଙ୍ଗା ଥାନା ଅନ୍ତର୍ଗତ କଲମା ପଞ୍ଚାୟତର ପୁରୁଷୋତ୍ତମପୁର ଗ୍ରାମ ନିକଟ ଜଙ୍ଗଲ ଭିତରେ କାଲି ୧୦ ରୁ ୧୨ ବର୍ଷ ବୟସର ଏକ ଅଣ୍ଡିରା ହରିଣକୁ ସଂଘବଦ୍ଧ ଭାବେ ଘେରିଯାଇ ଧନୁତୀର ସାହାଯ୍ୟରେ ମାରି ଖାଇ ଦେଇଥିଲେ ଗ୍ରାମବାସୀ । ତେବେ ପୋଲିସ ଓ ବନବିଭାଗ ମିଳିତଭାବେ ଚଢ଼ାଉ କରି ଚାରି ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଛି । ଘଟଣାରେ ବ୍ୟବହୃତ ବାଇକ୍ ଓ ଧନୁତୀର ଜବତ୍ କରାଯାଇଛି । ଏ ସଂକ୍ରାନ୍ତରେ ବେତନଟୀ ବନପାଳ ମନଔର ଖାଁ ଙ୍କ ସୂଚନା ମୁତାବକ ୧୫ ନଂ ମୋକଦ୍ଦମା ରୁଜୁ କରାଯାଇଛି । ଅଭିଯୁକ୍ତ ହେଲେ ଦରଗା ମାରାଣ୍ଡି ୨୨ ବର୍ଷ , ହରି ହାଁସଦା ୩୦ ବର୍ଷ , ମଙ୍ଗତ ମାଝୀ ୩୩ , ରାଜୀବ ମାଝୀ ୪୩ ବର୍ଷ । ଫେରାର ଥିବା ଦୁଇ ଜଣ ହେଲେ କାନ୍ଦନ ମୁର୍ମୁ ଓ ଅନନ୍ତ ମାଝୀ ।

# ଜିଲ୍ଲାସ୍ତରୀୟ ଆନ୍ତର୍ଜାତୀୟ ନିଶା ଅପବ୍ୟବହାର ଓ ଅବୈଧ କାରବାର ନିରୋଧ ଦିବସ -୨୦୨୪ ପାଳିତ



ବାଲେଶ୍ୱର, ୨୬/୬ (ନି.ପ୍ର): ସ୍ଥାନୀୟ ଗାନ୍ଧୀ ସ୍ମୃତି ଭବନଠାରେ ଜିଲ୍ଲାସ୍ତରୀୟ ଆନ୍ତର୍ଜାତୀୟ ନିଶା ଅପବ୍ୟବହାର ଓ ଅବୈଧ କାରବାର ନିରୋଧ ଦିବସ -୨୦୨୪ ପାଳିତ ହୋଇଯାଇଛି ଓ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗ, ଓଡିଶା ସରକାର ଏବଂ ବାଲେଶ୍ୱର ଜିଲ୍ଲା ପ୍ରଶାସନର ମିଳିତ ଆନୁକୂଲ୍ୟରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ଶ୍ରୀ କୃଷ୍ଣ ଚନ୍ଦ୍ର ବେହେରା, ଅବକାରୀ ଅଧିକ୍ଷକ ଶ୍ରୀ ହରିହର ସିଂ, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ସୁଶ୍ରୀ ଐଶ୍ୱର୍ଯ୍ୟା ସାମନ୍ତ ଏବଂ ଜିଲ୍ଲା କ୍ରୀଡା ଅଧିକାରୀ ଶ୍ରୀ ପୂର୍ଣ୍ଣଚନ୍ଦ୍ର ଜେନା ପ୍ରମୁଖ ମଞ୍ଚାସୀନ ଥିଲେ ଓ ଏହି ଉତ୍ସବରେ ସମାଜର ବିଭିନ୍ନ କ୍ଷେତ୍ରର ବହୁସଙ୍ଖ୍ୟକ ଲୋକ ଅଂଶଗ୍ରହଣ କରିଥିଲେ । ସଭା ପ୍ରାରମ୍ଭରେ ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ଶ୍ରୀ ବେହେରା ନିଶା ଅପବ୍ୟବହାର ଓ ଅବୈଧ କାରବାର ଭଳି ଜଟିଳ ସମସ୍ୟାର ମୁକାବିଲା ପାଇଁ ଆବଶ୍ୟକ ଏକୀକୃତ ଆଭିମୁଖ୍ୟ ବିଷୟରେ ବିସ୍ତୃତ ସୂଚନା ଦେଇଥିଲେ ଓ ନିଶାମୁକ୍ତ ସମାଜ ଗଠନରେ ପ୍ରତ୍ୟେକ ନାଗରିକଙ୍କ ବ୍ୟକ୍ତିଗତ ଭୂମିକା ଉପରେ ଗୁରୁତ୍ୱାରୋପ କରିଥିଲେ ଶ୍ରୀ ବେହେରା ଓ ବିଭିନ୍ନ ସରକାରୀ ବିଭାଗ, ଶିକ୍ଷାନୁଷ୍ଠାନ, ଗୋଷ୍ଠୀ ସଙ୍ଗଠନ ମଧ୍ୟରେ ନିରବଚ୍ଛିନ୍ନ ସହଯୋଗ ଦ୍ୱାରା ଏହି ଦିବସର ସଠିକ ଲକ୍ଷ ହାସଲ କରାଯାଇପାରିବ ବୋଲି ମତ ପ୍ରକାଶ କରିଥିଲେ ଅବକାରୀ ଅଧିକ୍ଷକ ଶ୍ରୀ ହରିହର ସିଂ ଓ ନିଶା ଦ୍ରବ୍ୟଠାରୁ ଦୁରେଇ ରହି ଏକ ସୁସ୍ଥ ଜୀବନ ଯାପନ କରିବା ନିମନ୍ତେ ସଭାରେ ସାମୁହିକ ଶପଥ ପାଠ ଗ୍ରହଣ କରାଯାଇଥିଲା ଓ ପରିଶେଷରେ ବିଭିନ୍ନ ପ୍ରତିଯୋଗିତାର କୃତି ପ୍ରତିଯୋଗୀଙ୍କୁ ସମ୍ମାନିତ ଅତିଥିମାନେ ପୁରସ୍କୃତ କରିଥିଲେ । ଏଠାରେ ସୂଚନା ଥାଉ କି, ଜିଲ୍ଲାସ୍ତରୀୟ ଆନ୍ତର୍ଜାତୀୟ ନିଶା ଅପବ୍ୟବହାର ଓ ଅବୈଧ କାରବାର ନିରୋଧ ଦିବସ -୨୦୨୪ ପରିପ୍ରେକ୍ଷୀରେ ସକାଳ ଘ. ୭.୩୦ ମି ସମୟରେ କଲେକ୍ଟୋରେଟ ପରିସରରୁ ଏକ ସଚେତନତା ରାଲିର ଆୟୋଜନ କରାଯାଇଥିଲା ଓ ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ଶ୍ରୀ ନିରଞ୍ଜନ ବେହେରା ଏହି ସଚେତନତା ରଥକୁ ସବୁଜ ପତାକା ଦେଖାଇ ଆନୁଷ୍ଠାନିକ ଭାବେ ଶୁଭାରମ୍ଭ କରିଥିଲେ ।

# ବାଲେଶ୍ୱରରେ ଗଡ଼ିଲା ଶିଶୁ ଶ୍ରମ ନିରାକରଣ ଓ ସଚେତନତା ରଥ

ବାଲେଶ୍ୱର, ୨୬/୬ (ନି.ପ୍ର): ନୂତନ କଲେକ୍ଟୋରେଟ ପରିସରରୁ ଶିଶୁ ଶ୍ରମ ନିରାକରଣ ଓ ସଚେତନତା ରଥର ଶୁଭାରମ୍ଭ ହୋଇଯାଇଛି ଓ ଜିଲ୍ଲା ଶ୍ରମ ବିଭାଗର ଆନୁକୂଲ୍ୟରେ ଆୟୋଜିତ ଏହି କାର୍ଯ୍ୟକ୍ରମ ଅନ୍ତର୍ଗତ ଏହି ସଚେତନତା ରଥ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସରରୁ ଆରମ୍ଭ ହୋଇ ନଗର ପରିକ୍ରମା କରିଥିଲା ଓ ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ଶ୍ରୀ ନିରଞ୍ଜନ ବେହେରା ଏହି ସଚେତନତା ରଥକୁ ସବୁଜ ପତାକା ଦେଖାଇ ଆନୁଷ୍ଠାନିକ ଭାବେ ଶୁଭାରମ୍ଭ କରିଥିଲେ । ଜିଲ୍ଲାରୁ ତଥା ରାଜ୍ୟରୁ ଶିଶୁ ଶ୍ରମିକ ପ୍ରଥା ଉଚ୍ଛେଦ ଏବଂ ଏହାର ସମ୍ପୂର୍ଣ୍ଣ ନିରାକରଣ ପାଇଁ ଜିଲ୍ଲା ସ୍ତରରେ ସଚେତନତା ପାଇଁ ଏହି ପଦକ୍ଷେପ ନିଆଯାଇଛି । ସୂଚନା ଥାଉ କି, ୧୪ ବର୍ଷରୁ କମ ବୟସର ପିଲାମାନଙ୍କୁ କୌଣସି ସ୍ଥାନରେ ଶ୍ରମିକ ଭାବେ କାର୍ଯ୍ୟ କରାଇବା ଏକ ଦଣ୍ଡନୀୟ ଅପରାଧ ଏବଂ ଶିଶୁ ଶ୍ରମ (ନିଷେଧ ଏବଂ ନିୟମାବଳୀ) ଅଧିନିୟମ, ୧୯୮୬ ଅନୁସାରେ ଭାରତ ସରକାର ଏହାକୁ ସମ୍ପୂର୍ଣ୍ଣ ଅବୈଧ ବୋଲି ଘୋଷଣା କରିଛନ୍ତି । ଏହି ସଚେତନତା ରଥ ମାଧ୍ୟମରେ ସମସ୍ତ ନାଗରିକମାନଙ୍କୁ ସଚେତନ କରାଇବା ସହିତ ଏହି ଘୃଣ୍ୟ ଏବଂ କୁପ୍ରଥାକୁ ବିମୋଚନ କରିବା ନିମନ୍ତେ ଜିଲ୍ଲା ପ୍ରଶାସନ ସର୍ବଦା କାର୍ଯ୍ୟରତ । ତେଣୁ ଏହି ନିୟମକୁ ମାନି ଏକ ସୁସ୍ଥ ଭବିଷ୍ୟତ ପାଇଁ ଶିଶୁ ଶ୍ରମିକ ପ୍ରଥାକୁ ରୋକା ଯିବା ପାଇଁ ଏହି ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି । ଉକ୍ତ କାର୍ଯ୍ୟକ୍ରମରେ ଜିଲ୍ଲା ଶ୍ରମ ଅଧିକାରୀ ଶ୍ରୀ ଶିବ ନାରାୟଣ ସାହୁ, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ସୁଶ୍ରୀ ଐଶ୍ୱର୍ଯ୍ୟା ସାମନ୍ତ ଏବଂ ଜିଲ୍ଲା ଶ୍ରମ ବିଭାଗର ସମସ୍ତ ଅଧିକାରୀ ଓ କର୍ମଚାରୀ ଉପସ୍ଥିତ ଥିଲେ ।

# ଆର୍ନ୍ତଜାତିକ ବେଆଇନ ନିଶା ସେବନ ଓ ଅବୈଧ କାରବାର ନିରୋଧ ଦିବସ ପାଳନ

ଭଦ୍ରକ, ୨୬/୬ (ନି.ପ୍ର): ଭଦ୍ରକ ଜିଲ୍ଲା ପ୍ରଶାସନ ଆନୁକୂଲ୍ୟରେ ଜିଲ୍ଲା ସାମାଜିକ ସୁରକ୍ଷା ଅନୁଭାଗ ଜରିଆରେ ଜିଲ୍ଲା ସ୍ତରୀୟ ଆର୍ନ୍ତଜାତିକ ବେଆଇନ ନିଶା ସେବନ ଓ ଅବୈଧ କାରବାର ନିରୋଧ ଦିବସ ପାଳନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏଥି ଉପଲକ୍ଷେ ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ପବିତ୍ର କୁମାର ଦାସଙ୍କ ଅଧକ୍ଷତାରେ ଜିଲ୍ଲା ସଂସ୍କୃତି ଭବନ ସମ୍ମିଳନୀ କକ୍ଷରେ ଏକ ସଚେତନତା କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା । ଉପଖଣ୍ଡ ସାମାଜିକ ସୁରକ୍ଷା ଅଧିକାରୀ ସୁବାସ ଚନ୍ଦ୍ର ନାୟକଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି ମଞ୍ଚରେ ସମ୍ମାନିତ ଅତିଥିଭାବେ ସ୍ୱେଚ୍ଛାସେବୀ ଅନୁଷ୍ଠାନ ଆଶୀର୍ବାଦର ସମ୍ପାଦିକା ମଞ୍ଜୁଲତା ସ୍ୱାଇଁ, ମୁଖ୍ୟବକ୍ତା ଭାବେ ବ୍ରହ୍ମ କୁମାର, ଅକ୍ଷୟ ମହାପାତ୍ର ଯୋଗ ଦେଇଥିଲେ । ବିଭିନ୍ନ ନିଶା ଦ୍ରବ୍ୟ ସେବନର କୁପରିଣାମ ଓ ସମାଜ ପ୍ରତି ହେଉଥିବା ଧନଜୀବନ ହାନି ଓ ନିଶା ପାଇଁ ବିଭିନ୍ନ ପ୍ରକାର ବିଶୃଙ୍ଖଳା ଉପରେ ଅତିଥିମାନେ ଆଲୋକପାତ କରିଥିଲେ । ନିଶାଦ୍ରବ୍ୟ ବର୍ଜନ କରିବା ପାଇଁ ସମସ୍ତଙ୍କୁ ଅନୁରୋଧ କରିଥିଲେ ଏବଂ ଏଥିପାଇଁ ସଚେତନତା ସୃଷ୍ଟି ନିମନ୍ତେ ସମସ୍ତଙ୍କୁ ଚେଷ୍ଟା କରିବାକୁ ପରାମର୍ଶ ପ୍ରଦାନ କରିଥିଲେ । ଏହି ସଚେତନତା ସଭାରେ ଜିଲ୍ଲା ସ୍କୁଲ, ଭଦ୍ରକ ହାଇସ୍କୁଲର ଛାତ୍ରଛାତ୍ରୀ, ଶିକ୍ଷକ-ଶିକ୍ଷୟିତ୍ରୀ, ପ୍ରଜାପିତା ବ୍ରହ୍ମକୁମାରୀ ଈଶ୍ୱରୀୟ ବିଶ୍ୱ ବିଦ୍ୟାଳୟ, ଭଦ୍ରକର ଭାଇଭଉଣୀ, କିନ୍ନର ଗୋଷ୍ଠୀ ସୌମ୍ୟା ଦାସ ଓ ସାଥୀ, ହେଲେନ୍ କିଲର ସ୍ୱତନ୍ତ୍ର ବିଦ୍ୟାଳୟର ପ୍ରଧାନଶିକ୍ଷୟିତ୍ରୀ ଓ ସହକାରୀ ଶିକ୍ଷୟିତ୍ରୀ, ରାମନବମୀ ସ୍ୱତନ୍ତ୍ର ବିଦ୍ୟାଳୟର ପ୍ରଧାନଶିକ୍ଷକ, ସ୍ୱେଚ୍ଛାସେବୀ ଅନୁଷ୍ଠାନ ନୁହାସର କର୍ମକର୍ତ୍ତା ଏବଂ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗର ଜିଲ୍ଲା, ବ୍ଲକ, ପୌରପାଳିକାସ୍ତରୀୟ ଅଧିକାରୀ ଓ କର୍ମଚାରୀମାନେ ଯୋଗ ଦେଇଥିଲେ । ଏହି ସଭାରେ ଉପସ୍ଥିତ ସମସ୍ତ ବ୍ୟକ୍ତିମାନେ ଗ୍ରାମ୍ୟସ୍ତରରୁ ଜାତୀୟସ୍ତର ପର୍ଯ୍ୟନ୍ତ ନିଶା ଦ୍ରବ୍ୟର ମୂଳୋତ୍ପାଟନ ନିମିତ୍ତ ସମସ୍ତଙ୍କ ମଧ୍ୟରେ ସଚେତନତା ନେଇ ଶପଥ ପାଠ କରିଥିଲେ । ଏହି ଦିବସ ପାଳନ ଉପଲକ୍ଷେ ସକାଳେ ବ୍ୟାନର ଓ ପ୍ଲାକାର୍ଡ଼ ପ୍ରଦର୍ଶନ ପୂର୍ବକ ଏକ ସଚେତନତା ପଦଯାତ୍ରା ଜିଲ୍ଲାକାର୍ଯ୍ୟାଳୟରୁ ବାହାରି ଭଦ୍ରକ ସହର ପରିକ୍ରମା କରି ସଂସ୍କୃତି ଭବନରେ ପହଞ୍ଚିଥିଲେ ।




# ଅମରନାଥ ଯାତ୍ରା ପାଇଁ ଅଫ୍‌ଲାଇନ୍ ପଂଜୀକରଣ ଆରମ୍ଭ

ଜାମ୍ମୁ, ୨୬/୬ : ବର୍ଫାନୀ ବାବାଙ୍କ ଦର୍ଶନ ପାଇଁ ଆରମ୍ଭ ହେବାକୁ ଯାଉଛି ଅମରନାଥ ଯାତ୍ରା ପାଇଁ ଅଫ୍‌ଲାଇନ୍ ପଂଜୀକରଣ ମଧ ଆରମ୍ଭ ହୋଇଯାଇଛି । ଆଜି ସକାଳେ ପଂଜୀକରଣ ସ୍ଥଳରେ ତୀର୍ଥଯାତ୍ରୀଙ୍କ ପ୍ରବଳ ଭୀଡ଼ ଦେଖାଯାଇଥିଲା । ଦକ୍ଷିଣ ଜାମ୍ମୁର ଏସ୍‌ଡିଏମ୍ ମନୁ ହଂସା କହିଛନ୍ତି ଯେ ସରସ୍ୱତୀ ଧାମ ଟୋକନ୍ ସେଂଟରରୁ ଅମରନାଥ ଯାତ୍ରୀମାନଙ୍କୁ ଅଫ୍‌ଲାଇନ୍ ଟୋକନ୍ ଦିଆଯାଉଛି । ଏହି ଆଧାରରେ ପଂଜୀକରଣ ହୋଇଛି ଏବଂ ସ୍ଥିର ହୋଇଛି ଯେ ଆଗକୁ ସେ କୌଣସି ଦିନ ଯାତ୍ରା କରିବେ । ଆମର ତିନ୍ ଅଫ୍‌ଲାଇନ୍ ପଂଜୀକରଣ କେନ୍ଦ୍ର । ସେ କହିଛନ୍ତି ଯେ ୨୭ ଜୁନ୍‌ରୁ ପଂଜୀକରଣ ପାଇଁ ୧୦୦୦ ଲୋକ କୋଟା ଆସିଛନ୍ତି । ଏହି ଲୋକ ୨୯ ଜୁନ୍‌କୁ ଯାତ୍ରା କରିବେ । ୧୩ ବର୍ଷରୁ କମ୍ ବୟସର ଛୁଆ ଏବଂ ୭୦ ବର୍ଷରୁ ଅଧିକ ବୟସର ବ୍ୟକ୍ତିଙ୍କୁ ଯାତ୍ରାର ଅନୁମତି ନାହିଁ । ଛଅମାସରୁ ଅଧିକ ଗର୍ଭବତୀ ମହିଳାଙ୍କୁ ମଧ ଯାତ୍ରାର ଅନୁମତି ନାହିଁ । ଉଲ୍ଲେଖନୀୟ ଯେ ଅମରନାଥ ମନ୍ଦିରର ବାର୍ଷିକ ଯାତ୍ରା ୨୯ ଜୁନ୍‌ରୁ ଆରମ୍ଭ ହେବ । ଅମରନାଥ ଯାତ୍ରାର ପଂଜୀକରଣ ସୋମବାରରୁ ଆରମ୍ଭ ହୋଇଯାଇଛି ।

# ବସ୍ତା ନିକଟରେ ଟ୍ରେନରେ କଟି ବୃଦ୍ଧ ମୃତ

ବସ୍ତା, ୨୬/୬ (ନି.ପ୍ର): ବୁଧବାର ଭୋର ସମୟରେ ବସ୍ତା ରେଳଷ୍ଟେସନ ନିକଟବର୍ତ୍ତୀ ଏକ ଜାଗାରେ ଜନୈକ ବୃଦ୍ଧ ଟ୍ରେନରେ କଟି ଯାଇଥିବାର ଜଣାଯାଇଛି । ତା'ର ବୟସ ପ୍ରାୟ ୬୦ ବର୍ଷରୁ ଉର୍ଦ୍ଧ୍ୱ ହେବ ।ସେ କୌଣସି ଡାଉନ ଟ୍ରେନରେ କଟିଥିବା ବେଳେ ତା'ର ପରିଚୟ ମିଳିନାହିଁ ବୋଲି ରେଲବାଇ ପୁଲିସ ସୂତ୍ରରୁ ଜଣାପଡିଛି ।ଏଥି ନେଇ ରେଳ ପୁଲିସ କେଶ ନଂ ୫୦/ ୨୦୨୪ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରିଛି ।ବୃଦ୍ଧ ର ପରିଚୟ ଓ ମୃତ୍ୟୁ ର କାରଣ ବିଶେଷ ତଦନ୍ତ ଜାରି ରଖିଛି ।

# ଜୁଲାଇ ପ୍ରଥମ ସପ୍ତାହରୁ ଗୃହ ଓ ନଗର ବ୍ୟାପାର ମନ୍ତ୍ରଣାଳୟର ସ୍ୱଚ୍ଛ ସର୍ବେକ୍ଷଣ

ନୂଆଦିଲ୍ଲୀ, ୨୬/୬ : ଗୃହ ଏବଂ ନଗର ବ୍ୟାପାର ମନ୍ତ୍ରଣାଳୟ ସ୍ୱଚ୍ଛ ସର୍ବେକ୍ଷଣ ୨୦୨୪ ର ୯ ତମ ସଂସ୍କରଣ ଅଧୀନରେ ସହରରେ ଜମା ହୋଇଥିବା ଅଳିଆ ପରିଚାଳନା ବିଷୟରେ ଟେଲିଫୋନ୍ ମାଧ୍ୟମରେ ମତାମତ ଗ୍ରହଣ କରିବ । ଏହା ପରେ ଚିହ୍ନଟ ହୋଇଥିବା ଅଳିଆ ସଂଗ୍ରହ ସ୍ଥାନଗୁଡିକରେ ଏକ ବ୍ୟାପକ ସର୍ଭେ କରାଯିବ । ଗୃହ ଓ ନଗର ବ୍ୟାପାର ମନ୍ତ୍ରଣାଳୟ ଅନୁଯାୟୀ, ମତାମତ ଗ୍ରହଣ ପ୍ରକ୍ରିୟା ଜୁଲାଇ ପ୍ରଥମ ସପ୍ତାହରୁ ଆରମ୍ଭ ହେବ । ସେପ୍ଟେମ୍ବର-ଅକ୍ଟୋବରରୁ ବିସ୍ତୃତ ସର୍ଭେ କାର୍ଯ୍ୟ ଆରମ୍ଭ ହେବ । ଗୃହ ଓ ନଗର ବ୍ୟାପାର ମନ୍ତ୍ରଣାଳୟ ଆଜି ୨୬ ଜୁନ୍ ବୁଧବାର ଏହି ସୂଚନା ଦେଇଛି । ମନ୍ତ୍ରଣାଳୟ ଅନୁଯାୟୀ ଦେଶର ସହରଗୁଡ଼ିକ ପ୍ରତିଦିନ ୧୫୦,୦୦୦ ଟନ୍ ଆବର୍ଜନା ସୃଷ୍ଟି କରନ୍ତି । ସହରୀକରଣ ଏବଂ ଜୀବନ ଶୈଳୀରେ ପରିବର୍ତ୍ତନ ହେତୁ ମ୍ୟୁନିସିପାଲିଟି କଠିନ ବର୍ଜ୍ୟବସ୍ତୁ ଯଥେଷ୍ଟ ବୃଦ୍ଧି ପାଉଛି । ଏଭଳି ପରିସ୍ଥିତିରେ ସହରର ପ୍ରାୟ ୩୦ ରୁ ୪୦ ପ୍ରତିଶତ ଆବର୍ଜନା ଗୃହ ସମାଜ, ବିଦ୍ୟାଳୟ, କଲେଜ, ସଂଗଠନ, ହୋଟେଲ, ରେଷ୍ଟୁରାଂଟ ଦ୍ୱାରା ଉତ୍ପନ୍ନ ହୋଇଥାଏ ବୋଲି ଆକଳନ କରାଯାଇଛି । ମନ୍ତ୍ରଣାଳୟର ସୂଚନାନୁସାରେ, ସହରଗୁଡ଼ିକୁ ଆବର୍ଜନାମୁକ୍ତ କରିବା ଉଦ୍ଦେଶ୍ୟରେ ପ୍ରତିଦିନ ଶହେ କିଲୋଗ୍ରାମ ବର୍ଜ୍ୟବସ୍ତୁ ଉତ୍ପାଦନ କରୁଥିବା ଅନୁଷ୍ଠାନ ନିକଟରେ କମ୍ପୋଷ୍ଟିଂ ୟୁନିଟ୍ ସ୍ଥାପନ କରି କମ୍ପୋଷ୍ଟ ଏବଂ ବାୟୋଗ୍ୟାସ୍ ଉତ୍ପାଦନ ପାଇଁ ଜୈବ ବର୍ଜ୍ୟବସ୍ତୁର ବୈଜ୍ଞାନିକ ପ୍ରକ୍ରିୟାକରଣ ନିଶ୍ଚିତ କରିବା ଆବଶ୍ୟକ ।

# ମୁଖ୍ୟମନ୍ତ୍ରୀଙ୍କୁ ସାକ୍ଷାତ କରିବା ପାଇଁ ବାଲିଆପାଳ ବ୍ଲକ ସ୍ୱେଚ୍ଛାଗ୍ରାହୀ ସଂଘର ଏକ ବୈଠକ



ଲଙ୍ଗଳେଶ୍ୱର, ୨୬/୬ (ନି.ପ୍ର): କେନ୍ଦ୍ର ସରକାଙ୍କ ସ୍ୱଚ୍ଛ ଭାରତ ମିଶନରେ ଓଡିଶା ସରକାର ପ୍ରତେକ ଗ୍ରାମ ପଞ୍ଚାୟତ ରୁ ୨ ରୁ ଚାରି ଜଣଙ୍କୁ ୨୦୧୬ ମସିହାରୁ ନିଯୁକ୍ତି ଦେଇଥିଲେ । ଓଡ଼ିଶାରେ ୩୦ ଜିଲ୍ଲାର ମୁଖ୍ୟ କାର୍ଯ୍ୟାଳୟ ରେ ପ୍ରଶିକ୍ଷଣ ଦେବା ସହିତ ସମସ୍ତ ପଞ୍ଚାୟତ ରେ ସ୍ୱେଛାଗ୍ରାହୀ (ମୋଟିଭେଟର)ଭାବରେ ନିଯୁକ୍ତି ଦେଇଥିଲେ । ପ୍ରତେକ ଗ୍ରାମରେ କେତଟି ଘର ଅଛି, କେତେଜଣ ସ୍ୱଚ୍ଛ ଭାରତ ମିଶନ ରେ ପାଇଖାନା ପାଇଛନ୍ତି ଓ ପାଇନାହାନ୍ତି ତାର ଡାଟା ସଂଗ୍ରହ କରିବାକୁ ଦିଆଯାଇଥିଲା । ଏ ବାବଦକୁ ଗୋଟିଏ ଘର ପିଛା ୧୫୦ ଟଙ୍କା ଦେବାର ଥିବାବେଳେ ମାତ୍ର ୯୦ ଟଙ୍କା ଦେଇଥିଲେ । ପରେ ପ୍ରତେକ ପଞ୍ଚାୟତରେ ଜିପି ମନିଟର ଓ ମାଷ୍ଟର ଟ୍ରେନର କରାଯିବ, ପାରିଶ୍ରମିକ ବାବଦରେ ମାସକୁ ୫ ହଜାର ଓ ୩ ହଜାର ଟଙ୍କା ଦେବାର ବ୍ୟବସ୍ଥା ହୋଇଥିଲା । କିନ୍ତୁ ଜିପି ମନିଟର ବନ୍ଦ ହୋଇ କିଛି ପିଲାଙ୍କୁ ମାଷ୍ଟର ଟ୍ରେନର ଭାବରେ କାର୍ଯ୍ୟ ମିଳିଥିଲା, ୨୦ ରୁ ୨୫ ଦିନ ଭିତରେ ସମସ୍ତ ଗ୍ରାମରୁ ଭିଏପି ଅର୍ଥାତ ଭିଲେଜ ଆକସନ ପ୍ଲାନ ପ୍ରସ୍ତୁତ କରାଯାଇଥିଲା । ଆଜକୁ ୨ ବର୍ଷ ହେବ କୌଣସି କାର୍ଯ୍ୟ ସରକାର ଦେଉନାହାନ୍ତି, ଆଜକୁ ୯ ବର୍ଷ ହେବ ନାଁ ଅନ୍ୟ କାର୍ଯ୍ୟ ରେ ଜଡିତ ହୋଇପାରୁଛନ୍ତି ନାଁ ବିଦେଶ ଯାଇପାରୁଛନ୍ତି । ନବୀନ ସରକାର ବଦଳି ମୋହନ ସରକାର ଆସିଥିବାରୁ ନୂଆ ମୁଖ୍ୟମନ୍ତ୍ରୀ ତଥା ସମସ୍ତ ୧୪୭ ବିଧାୟକ ଙ୍କ ଦୃଷ୍ଟି ଗୋଚର କରିବା ପାଇଁ ବାଲିଆପାଳ ଡାକ ବଙ୍ଗଳା ରେ ବାଲିଆପାଳ ସ୍ୱେଛାଗ୍ରାହୀ ସଂଘର ସଭାପତି ଲକ୍ଷ୍ମୀଧର ପ୍ରଧାନ, ଉପ ସଭାପତି ସନ୍ତୋଷ ପାତ୍ର, ସମ୍ପାଦକ ସୂର୍ଯ୍ୟକାନ୍ତ ନାୟକ,ସହ ସମ୍ପାଦକ ସୁକାନ୍ତ କୁମାର ଦାସ, କୋଷାଧକ୍ଷ ସପନ କୁମାର ବାଗ, ସହ କୋଷାଧକ୍ଷ ସାମନ୍ତ ଶେଖର ଆଚାର୍ଯ୍ୟ ଙ୍କ ସହିତ ପ୍ରଦୀପ କୁମାର ପାତ୍ର, ମହେଶ୍ୱର ଟୁଙ୍ଗ, ଦେବାନନ୍ଦ ଦେ, ଶୟନ କୁମାର ମହାନ୍ତି, ସଞ୍ଜୟ ଘଡ଼ାଇ,ତପନ କୁମାର ସାମନ୍ତ, ସୁଶାନ୍ତ ବାରିକ, ରଞ୍ଜନ କୁମାର ପାତ୍ର, ବିନୋଦ କିଶ୍ୱର ଗିରି ଆଦି ଉପସ୍ଥିତ ରହି ମୁଖ୍ୟମନ୍ତ୍ରୀ ଙ୍କୁ ସାକ୍ଷାତ କରିବାର ପ୍ରତିଶୃତି ନେଇଥିଲେ ।

# ନୀଳଗିରି ମେଡିକାଲରେ ମେଗା ରକ୍ତଦାନ ଶିବିର ଅନୁଷ୍ଠିତ

ନୀଳଗିରି, ୨୬/୬ (ନି.ପ୍ର): ରକ୍ତଦାନ ମହାପୁଣ୍ୟ । ବିନ୍ଦୁଏ ରକ୍ତ କାହାର ଜୀବନ ବଞ୍ଚାଇ ତାକୁ ନୂତନ ଜୀବନଦାନ ଦେଇଥାଏ । ଉକ୍ତ ସଙ୍କଳ୍ପକୁ ଆଖି ଆଗରେ ରଖି ନୀଳଗିରି ମାଟିର ଅଗ୍ରଣୀ ବେସରକାରୀ ଅନୁଷ୍ଠାନ ଶିଶିର ମହାପାତ୍ର ଫାଉଁଣ୍ଡେସନ୍ ତରଫରୁ ଏକ ମେଗା ରକ୍ତଦାନ ଶିବିର ମଗଂଳବାର ସକାଳ ୧୦ ଘଟିକାରୁ ଦିବା ୨ ଘଟିକା ପର୍ଯ୍ୟନ୍ତ ନୀଳଗିରି ହସପିଟାଲ ପରିସରରେ ଥିବା ବ୍ଲଡ଼ ବ୍ୟାଙ୍କ ଠାରେ ଅନୁଷ୍ଠିତ ହୋଇଯାଇଛି । ଉକ୍ତ ଶିବିରକୁ ଉଦ୍ଘାଟନ କରିଥିଲେ ନୀଳଗିରି ବିଧାୟକ ସନ୍ତୋଷ କୁମାର ଖଟୁଆ ।



ଫାଉଣ୍ଡେସନର ପ୍ରତିଷ୍ଠାତା ସବ୍ୟସାଚୀ ମହାପାତ୍ରଙ୍କ ପ୍ରତ୍ୟେକ୍ଷ ତତ୍ୱାବଧାନରେ ଅନୁଷ୍ଠିତ ଏହି ଶିବିରରେ ନୀଳଗିରି ଉପଖଣ୍ଡ ଚିକିତ୍ସାଧିକାରୀ ଡକ୍ଟର ସରୋଜିନୀ ପ୍ରଧାନ, ଡକ୍ଟର ତ୍ରିନାଥ ପାଲଙ୍କ ସମେତ ଟେକ୍ନିସିଆନ୍ ଙ୍କ ସହଯୋଗରେ ରକ୍ତ ସଂଗ୍ରହ ହୋଇଥିଲା ।ଏହି ଶିବିରରେ ମୋଟ ୫୩ ୟୁନିଟ୍ ରକ୍ତ ସଂଗ୍ରହ କରାଯାଇଥିବା ବେଳେ ଦେବାଶିଷ ନାୟକ, ନିଗମ ରାଉତ, ଚିନ୍ମୟ ରାଉତ, ସନ୍ତୋଷ ମହାପାତ୍ର, ଶାନ୍ତନୁ ମହାଳିକ, ମୁକେଶ ସାହୁ, ପ୍ରତାପ ସେଠୀ, ଜୟନ୍ତ ଭଦ୍ର ପ୍ରମୁଖ ଉପସ୍ଥିତ ରହି ଶିବିର ପରିଚାଳନାରେ ସହଯୋଗ କରିଥିଲେ ।

# କୋଲକାତା ସହ ଜଡିତ ନିଟ୍ କାଗଜ ଲିକ୍ ମାମଲା, ଜଣେ ଗିରଫ

ନୂଆଦିଲ୍ଲୀ, ୨୬/୬ : ଦେଶର ଚର୍ଚ୍ଚିତ ନିଟ୍ କାଗଜ ଲିକ୍ ମାମଲାର ଦିଗ ଗୁଡିକ ଶେଷରେ କୋଲକାତା ସହିତ ମଧ ସଂଯୁକ୍ତ ହୋଇଛି । କୋଲକାତା ସ୍ଥିତ ଶିକ୍ଷାନୁଷ୍ଠାନ ସହ ଜଡିତ ଏକ ବ୍ୟକ୍ତିକୁ ବୁଧବାର ପୋଲିସ ଗିରଫ କରିଛି । ସେ ଜଣେ ଛାତ୍ରଙ୍କ ପିତାମାତାଙ୍କଠାରୁ ଟଙ୍କା ନେଇ ନିଟ୍ ମେରିଟ୍ ତାଲିକାରେ ସ୍ଥାନ ପାଇବାକୁ ପ୍ରତିଶୃତି ଦେଇଥିବା ଅଭିଯୋଗ ହୋଇଛି । ପୋଲିସ ଅଧିକାରୀ କହିଛନ୍ତି, ସେକ୍ସପିୟର ସରଣି ପୋଲିସ ଷ୍ଟେସନରେ ଦିଆଯାଇଥିବା ଅଭିଯୋଗକୁ ଭିତି କରି ଆମେ ମଙ୍ଗଳବାର ରାତିରେ ଅଭିଯୁକ୍ତକୁ ଗିରଫ କରିଥିଲୁ । ସେ କୌଣସି ରାକେଟରେ ସମ୍ପୃକ୍ତ ଅଛନ୍ତି କି ନାହିଁ ଜାଣିବା ପାଇଁ ଆମେ ତାଙ୍କୁ ପଚରାଉଚରା କରୁଛୁ । ଅଭିଯୁକ୍ତ କୋଲକାତାର ଏକ ମେଡିକାଲ କଲେଜରେ ସିଟ୍ ପାଇବାକୁ ଛାତ୍ର ଜଣକୁ ଆଶ୍ୱାସନା ଦେଇଥିଲେ । ତେବେ ପୋଲିସ ଏପର୍ଯ୍ୟନ୍ତ ତାଙ୍କ ନାମ ପ୍ରକାଶ କରିନାହିଁ ।

❐ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: **ସୃଷ୍ଟିଧର ପରିଡ଼ା**
❐ ସଂପାଦିକା : **ସୈରିନ୍ଧ୍ରୀ ସାହୁ**

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704

❐ Managing & Executive Editor : Srustidhar Parida
❐ Editor: Sairindhree Sahoo